R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୬୯
ତିଥି : ସପ୍ତମୀ
୨୫ ମାର୍ଚ୍ଚ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 169
25 March 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତି ଭୟଙ୍କର

## ଟ୍ରମ୍ପ-ମୋଦୀ ଆଲୋଚନା

ନୂଆଦିଲ୍ଲୀ, ୨୪ ।୩ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସ୍ତ୍ରବିରତି ଘୋଷଣା ସତ୍ତ୍ୱେ ବି ଇରାନ ଓ ଇସ୍ରାଏଲ ମଧ୍ୟରେ ଘମାଘୋଟ ଯୁଦ୍ଧ ଲାଗି ରହିଛି । ଇରାନ ପକ୍ଷରୁ ଆଜି ଇସ୍ରାଏଲ ଉପରେ ବ୍ୟାପକ ମିଶାଇଲ ମାଡ କରାଯାଇଛି । ପ୍ରାୟ ୩ ସପ୍ତାହ ହେବ ଯୁଦ୍ଧ ଲାଗି ରହିଛି । ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ପରିସ୍ଥିତି ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଟେଲିଫୋନ ଯୋଗେ ଆଲୋଚନା କରିଛନ୍ତି । ଉଭୟେ ନେତା ହରମୁଜ୍ ପ୍ରଣାଳୀକୁ ମୁକ୍ତ ରଖିବା ଉପରେ ଗୁରୁତ୍ୱ ଦେଇଛନ୍ତି ।

ଆମେରିକା ରାଷ୍ଟ୍ରଦୂତ ସୋସିଆଲ ମିଡ଼ିଆରେ ଉଲ୍ଲେଖ କରିଛନ୍ତି ଯେ ଟ୍ରମ୍ପ ଓ ମୋଦୀଙ୍କ ମଧ୍ୟରେ ମଧ୍ୟପ୍ରାଚ୍ୟ ସ୍ଥିତି ନେଇ ଆଲୋଚନା ହୋଇଛି । ହରମୁଜ୍ ପ୍ରଣାଳୀକୁ ମୁକ୍ତ ରଖିବା ଉପରେ ଗୁରୁତ୍ୱ ଦିଆଯିବା ସହ ପ୍ରଧାନମନ୍ତ୍ରୀ ମୋଦୀ ତୁରନ୍ତ ସେଠାରେ ସ୍ୱାଭାବିକ ପରିସ୍ଥିତି ସହ ଖୁବ୍‌ଶୀଘ୍ର ଶାନ୍ତି ପ୍ରତିଷ୍ଠା ଉପରେ ଗୁରୁତ୍ୱଆରୋପ କରିଛନ୍ତି । ବିଶ୍ୱର ସ୍ଥିରତା ଓ ସୁରକ୍ଷା ପାଇଁ ଏହା ଜରୁରୀ ବୋଲି ଉଭୟେ ନେତା ଏକମତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟ ଆଜି ରାଜ୍ୟସଭାରେ ମଧ୍ୟପ୍ରାଚ୍ୟ ସ୍ଥିତି ସମ୍ପର୍କରେ ସାଂସଦମାନଙ୍କୁ



ଅବଗତ କରାଇଛନ୍ତି । ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ଓ ଏହାର ଚଳାଚଳରେ ବିଶୃଙ୍ଖଳା ଚିନ୍ତାଜନକ ବୋଲି ସେ ଉଲ୍ଲେଖ କରିଛନ୍ତି । ତେବେ ଭାରତ ପକ୍ଷରୁ ଭାରତୀୟ ଜାହାଜଗୁଡ଼ିକୁ ଯୁଦ୍ଧ ପରିସ୍ଥିତିରେ ସୁରକ୍ଷିତରେ ଅତିକ୍ରମ କରିବା ଲାଗି ପଦକ୍ଷେପ ନିଆଯାଉଛି । ବିଶ୍ୱରେ ଏବେ ତୈଳ ସଙ୍କଟ ଗୁରୁତର ହୋଇଛି । ଭାରତରେ ମଧ୍ୟ ଏଭଳି ସ୍ଥିତି ଚିନ୍ତାଜନକ ହୋଇଛି । ଯୁଦ୍ଧ ବାଣିଜ୍ୟ ଉପରେ ପ୍ରଭାବ (୯ ପୃଷ୍ଠାରେ)

- ହରମୁଜ୍ ପ୍ରଣାଳୀ ମୁକ୍ତ ଲାଗି ଗୁରୁତ୍ୱ
- ଶାନ୍ତି ପ୍ରତିଷ୍ଠା ଲାଗି ଉଭୟଙ୍କ ସହମତି
- ଆମେରିକାର ଯୁଦ୍ଧ ବିରତି ସତ୍ତ୍ୱେ ଆକ୍ରମଣ ଜାରି
- ଇସ୍ରାଏଲ ଉପରେ ମିଶାଇଲ ବର୍ଷା କରୁଛି ଇରାନ

### ଦେଶର ପ୍ରଥମ ଇଚ୍ଛାମୃତ୍ୟୁ

## ହରିଶଙ୍କ ଶେଷ ନିଃଶ୍ୱାସ ତ୍ୟାଗ

ନୂଆଦିଲ୍ଲୀ, ୨୪ ।୩ : ଇଚ୍ଛା ମୃତ୍ୟୁ ଲାଗି ସୁପ୍ରିମ୍‌କୋର୍ଟ ଅନୁମତି ଦେବାପରେ ଦୀର୍ଘ ୧୩ ବର୍ଷ ଧରି କୋମାରେ ଥିବା ହରିଶ ରାଣା ଆଜି ଏମ୍ସରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କୁ ଇଚ୍ଛାମୃତ୍ୟୁ ମିଳୁ ବୋଲି ପରିବାର ପକ୍ଷରୁ ନ୍ୟାୟିକ ଲଢ଼େଇ ଜାରି ରହିଥିଲା । ହରିଶ ରାଣା ଦେଶର ହେଉଛନ୍ତି ପ୍ରଥମ ବ୍ୟକ୍ତି, ଯାହାଙ୍କର ଆବେଦନକୁ ସୁପ୍ରିମ୍‌କୋର୍ଟ ମଞ୍ଜୁର କରିଥିଲେ । ଏମ୍ସରେ ଆଜି ତାଙ୍କର ପରଲୋକ ହୋଇଛି । ଦେଶ ପାଇଁ ଏହା ଏକ ଆଇନ୍‌ଗତ ଓ ମେଡ଼ିକାଲ ଇତିହାସରେ ଉଲ୍ଲେଖନୀୟ ଘଟଣା ।

୩୧ ବର୍ଷୀୟ ହରିଶ ରାଣା ୨୦୧୩ରୁ ମୁଣ୍ଡରେ ପ୍ରବଳ ଆଘାତ ଲାଗିବା ଯୋଗୁ କୋମାକୁ ଚାଲିଯାଇଥିଲେ । ସେ ୪ ମହଲାର ବାଲ୍‌କୋନୀ ଉପରୁ ତଳକୁ ଖସି ପଡ଼ିଥିଲେ । ପଞ୍ଜାବ



ବିଶ୍ୱବିଦ୍ୟାଳୟର ଏହି ବିଟେକ୍ ଛାତ୍ର ଏକଦଶନ୍ଧୀ ଧରି ମୃତ୍ୟୁ ସହ ସଂଗ୍ରାମ କରୁଥିଲେ । ତାଙ୍କୁ ଅକ୍ସିଜେନ୍ ସହାୟତା ଓ କୃତ୍ରିମ ବ୍ୟବସ୍ଥାରେ ରଖାଯାଇଥିଲା । ସୁପ୍ରିମ୍‌କୋର୍ଟ ତାଙ୍କ ଇଚ୍ଛାମୃତ୍ୟୁକୁ ମାର୍ଚ୍ଚ ୧୬ରେ ଅନୁମତି ଦେଇଥିଲେ । ଏମ୍ସର ମେଡ଼ିକାଲ ପ୍ରୋଟୋକଲ ଏନେଇ ପଦକ୍ଷେପ ଆରମ୍ଭ କରିଥିଲେ । ଡ. ସୀମା ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ଏଥିରେ କାର୍ଯ୍ୟ କରୁଥିଲା । ଦୀର୍ଘ ୩୦ ବର୍ଷ ଧରି କୋମାରେ ରହିଥିବା ହରିଶଙ୍କ ଅବସ୍ଥା ଦେଖି ତାଙ୍କ ପରିବାର ଲୋକ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ । ପ୍ରାଣ ଥିଲେ ସୁଦ୍ଧା ସୁସ୍ଥ ହୋଇ ଘରକୁ ଫେରିବାର ଆଶା ନଥିଲା । କହିବାକୁ ଗଲେ ଏକ ଜିଅନ୍ତା ଶବ ସେ ପାଲଟିଯାଇଥିଲେ । ସୁପ୍ରିମ୍‌କୋର୍ଟଙ୍କ ଏହି ଅନୁମତି ଏକ ମାଇଲ୍‌ଷ୍ଟୋନ୍ ଭାବେ ବିଚାର କରାଯାଉଛି ।

## ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ ଶୁକ୍ରୁର ଆତ୍ମସମର୍ପଣ

ଫୁଲବାଣୀ, ୨୪ ।୩ (ସବ୍ୟୁ) : କନ୍ଧମାଳ ପୋଲିସକୁ ଦୀର୍ଘ ଦିନର ପରିଶ୍ରମ ପରେ ମିଳିଛି ବଡ ସଫଳତା । କନ୍ଧମାଳ ଏସପି ହରିଶ୍ ବିଶି ଓ ବ୍ରହ୍ମପୁର ଆଇଜିଙ୍କ ଉଦ୍ୟମ, ତଥା ମାଓ କୁମ୍ବିଙ୍ଗରେ ନିୟୋଜିତ ଥିବା ଜବାନଙ୍କୁ ସେମାନଙ୍କ କାର୍ଯ୍ୟ ଦକ୍ଷତା ଓ ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ଅନେକ ହାର୍ଡକୋର୍ ମାଓବାଦି ନିହତ ହୋଇଥିବା ବେଳେ ଅନେକ କ୍ୟାଡ଼ର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି ।

କେକେବିଏନ ଡିଭିଜନର ସ୍ୱତନ୍ତ୍ର ଡିଭିଜନାଲ କମିଟି ମେମ୍ବର



ଭାବରେ କନ୍ଧମାଳରେ ନେତୃତ୍ୱ ନେଇ ସଙ୍ଗଠନ ଚଳାଇଥିବା ମାଓ ନେତା ଶୁକ୍ରୁ ମଙ୍ଗଳବାର କନ୍ଧମାଳ ଏସପି ହରିସ ବିଶିଙ୍କ ନିକଟରେ ଆତ୍ମ ସମର୍ପଣ କରିଛି । ଯାହା ଆଜି କନ୍ଧମାଳ ଜିଲ୍ଲା ପୋଲିସ୍ ପାଇଁ ଏକ ବଡ ଏବଂ ଐତିହାସିକ ସଫଳତା । କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କନ୍ଧମାଳ ଜିଲ୍ଲାକୁ ମାଓ ମୁକ୍ତ ଜିଲ୍ଲା ଭାବେ ଘୋଷଣା କରିବା ନିଶ୍ଚିତ ହୋଇଯାଇଛି । ତେବେ ଶୁକ୍ରୁ ଏକ ଏକେ-୪୭ ବନ୍ଧୁକ ସମେତ ନିଜର ଆଉ ୪ ଜଣ ସହଯୋଗୀଙ୍କ ସହ ଆଜି ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି । ତା ମୁଣ୍ଡରେ ସରକାରଙ୍କ ପକ୍ଷରୁ ୫୫ ଲକ୍ଷ ଟଙ୍କାର (୯ ପୃଷ୍ଠାରେ)

## ରାମନବମୀରେ ଶାନ୍ତିଶୃଙ୍ଖଳା ବଜାୟ ରଖ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪ ।୩ (ସବ୍ୟୁ) : ଆସନ୍ତା ୨୭ ତାରିଖରେ ଶ୍ରୀରାମ ନବମୀ ଉତ୍ସବ ପାଳିତ ହେବାକୁ ଯାଉଥିବା ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ

### ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ

ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଏହି ପର୍ବ ପାଳନ ସମୟରେ ସାରା ରାଜ୍ୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପ୍ରଶାସନକୁ ଦୃଢ଼ ନିର୍ଦ୍ଦେଶ



ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ଗତବର୍ଷ ୨୦୨୫ ରେ ପୋଲିସର ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଯୋଗୁଁ ଶାନ୍ତିଶୃଙ୍ଖଳା ସହିତ ଏହି ପର୍ବ ପାଳନ ହୋଇଥିଲା । ଚଳିତ ବର୍ଷ ମଧ୍ୟ ବ୍ୟାପକ ପୋଲିସ ମୁତୟନ ସହ ଉପଯୁକ୍ତ ପରିଚାଳନା ମାଧ୍ୟମରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଚନ୍ଦ୍ରଙ୍କ ସ୍ୱନକ୍ଷତ୍ର ଦିବସକୁ ଶ୍ରୀରାମ ନବମୀ ଭାବରେ ସାରା ଦେଶରେ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଥାଏ । ଆଧ୍ୟାତ୍ମିକତାର ଏହି (୯ ପୃଷ୍ଠାରେ)

## ବିଦ୍ୟୁତ୍ ଶୁଳ୍କ ଅପରିବର୍ତ୍ତିତ

ଭୁବନେଶ୍ୱର, ୨୪ ।୩ (ସବ୍ୟୁ) : ୨୦୨୬-୨୭ ଆର୍ଥିକ ବର୍ଷ ଲାଗି ବିଦ୍ୟୁତ୍ ଦର ଅପରିବର୍ତ୍ତିତ ରହିବ । ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଏହା ବେଶ୍ ଆଶ୍ୱସ୍ତ କରିଛି । ରିଟେଲ୍ ସପ୍ଲାଏ ପାଇଁ ଦର ଅପରିବର୍ତ୍ତିତ ରଖିବା ଲାଗି ଓଇଆର୍‌ସି ନିର୍ଦ୍ଦେଶ ଜାରି କରିଛନ୍ତି ।

ନିର୍ଦ୍ଦେଶନାମା ଅନୁଯାୟୀ ଏପ୍ରିଲ ପହିଲା ଠାରୁ ଆୟୋଗଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ଏହା ବଳବତ୍ତର ରହିବ । ୨୦୦୪ ରେଗୁଲେସନ୍ ୫୭ ବଳରେ ଜାରି ହୋଇଥିବା ଖୁଚୁରା ବିଦ୍ୟୁତ୍ ଦର ଅନୁସାରେ କୁଟୀର ଜ୍ୟୋତି ଯୋଜନାରେ ୩୦ ୟୁନିଟ୍ କିମ୍ବା ଏହାଠୁ କମ୍ ବିଦ୍ୟୁତ୍ ବ୍ୟବହାର ନିମନ୍ତେ ୭୦ ଟଙ୍କା ଦେବାକୁ ପଡ଼ିବ । ୫୦ ୟୁନିଟ୍‌ରୁ କମ୍ ଘରୋଇ ବିଦ୍ୟୁତ୍ ବ୍ୟବହାର ପାଇଁ ୨୧୦ ଟଙ୍କା, ୫୦ ରୁ ୨୦୦ ୟୁନିଟ୍ ମଧ୍ୟରେ ୪୭୦ ଟଙ୍କା, ୨୦୦ ରୁ ୪୦୦ୟୁନିଟ୍ ମଧ୍ୟରେ ୫୭୦ ଟଙ୍କା ଓ ୪୦୦ ୟୁନିଟ୍‌ରୁ ଅଧିକ ବ୍ୟବହାର ପାଇଁ ୬୧୦ ଟଙ୍କା ଦେୟ ରହିଛି । ପ୍ରଥମ କିଲୋୱାଟ୍ ନିମନ୍ତେ ୨୦ ଟଙ୍କା ସ୍ଥାୟୀ ଦେୟ ଓ ପରବର୍ତ୍ତୀ (୯ ପୃଷ୍ଠାରେ)

## ଭୁଲ୍ ଇଞ୍ଜେକସନ ଲାଗି ନାବାଳକର ମୃତ୍ୟୁ !

ଭୁବନେଶ୍ୱର, ୨୪ ।୩ (ସବ୍ୟୁ) : କ୍ୟାପିଟାଲ ହସ୍ପିଟାଲରେ ଭୁଲ୍ ଇଞ୍ଜେକସନ ପାଇଁ ନାବାଳକର ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ୧୧ ବର୍ଷୀୟ

### କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା

ନାବାଳକ ସାଇ ବେହେରାଙ୍କ ମୃତ୍ୟୁକୁ ନେଇ ହସ୍ପିଟାଲରେ ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ସାଇଙ୍କ ପରିବାର ଲୋକେ ପୁଅର ଶବକୁ ନେଇଥିଲେ ।

ସାଇ ବେହେରାଙ୍କ ଘର ଖୋର୍ଦ୍ଧା କାଲୁପଡା ଅଞ୍ଚଳରେ । ସାଇକେଲରୁ ପଡି ସେ ଗୁରୁତର ଆହତ ହୋଇଥିଲେ । କଙ୍କାଳରେ ସାଇକେଲ ହେଣ୍ଡେଲ



ବାଜିଥିବାରୁ ସେ ଯନ୍ତ୍ରଣା ଅନୁଭବ କରିଥିଲେ । ପରିବାର ଲୋକେ ତାଙ୍କୁ ଟାଙ୍ଗି-ଚାନ୍ଦପୁର ହସ୍ପିଟାଲକୁ ନେଇଥିଲେ । ସେଠାରେ କିଛି ସମୟ ଚିକିତ୍ସିତ ହେବା ପରେ ଅଧିକ ପରୀକ୍ଷାନିରୀକ୍ଷା ଆବଶ୍ୟକ ବୋଲି ଡାକ୍ତର ଅନୁଭବ କରି ସାଇଙ୍କୁ ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ ।

ସାଇଙ୍କୁ ତାଙ୍କ ମା' (୯ ପୃଷ୍ଠାରେ)

## ଧର୍ମ ପରିବର୍ତ୍ତନ କଲେ ମିଳିବନି ଏସ୍‌ସି ମାନ୍ୟତା

ନୂଆଦିଲ୍ଲୀ, ୨୪ ।୩ : ଧର୍ମ ପରିବର୍ତ୍ତନକୁ ନେଇ ସୁପ୍ରିମ୍‌କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଏଣିକି ହିନ୍ଦୁ ଧର୍ମ ଛାଡ଼ି ଅନ୍ୟ କୌଣସି ଧର୍ମ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ଅନୁସୂଚିତ ଜାତି (ଏସ୍‌ସି) ମାନ୍ୟତା ରଦ୍ଦ ହେବ । କେବଳ ହିନ୍ଦୁ, ଶିଖ୍ ଓ ବୌଦ୍ଧ ଧର୍ମ ବ୍ୟତିତ ଅନ୍ୟକୌଣସି ଧର୍ମ ଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ଅନୁସୂଚିତ ଜାତି ମାନ୍ୟତା ଦିଆଯାଇପାରିବ ନାହିଁ ।

ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ କେବଳ ହିନ୍ଦୁ, ଶିଖ୍ ଓ ବୌଦ୍ଧ ଧର୍ମ ଗ୍ରହଣ କରୁଥିବା ବ୍ୟକ୍ତିମାନେ ଅନୁସୂଚିତ ଜାତି ଓ ଜନଜାତି ଆଧାରରେ ସୁରକ୍ଷା ପାଇଁ ଦାବି କରିପାରିବେ । ଜଷ୍ଟିସ୍ ପିକେ ମିଶ୍ର ଓ ଏନ୍‌ବି ଅଞ୍ଜାରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ (୯ ପୃଷ୍ଠାରେ)




### ବିଧାନସଭାରେ ଏସ୍‌ସିବି ନିଆଁ

## ୬ ଦିନ ହେବ ସ୍ୱାଭାବିକ ହେଉନି ଗୃହ

- ବିରୋଧୀ ବିଧାୟିକା-ସୁରକ୍ଷା କର୍ମୀ ଠେଲାପେଲା
- ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିଗଲେ ମଙ୍ଗୁ ଖିଲ
- ବିରୋଧୀ ନିଜ ଦଳର କନ୍ଦଳ ଲାଗି ଅଚଳ କରୁଛନ୍ତି : ବିଜେପି

ଭୁବନେଶ୍ୱର, ୨୪ ।୩ (ସବ୍ୟୁ): ବିଧାନସଭାରେ ଉଗ୍ରରୂପ ନେଉଛି ଏସ୍‌ସିବି ନିଆଁ । ଛଅ ଦିନ ହୋଇଗଲା, ହେଲେ ସ୍ୱାଭାବିକ ହୋଇପାରୁନି ଗୃହ । ବିରୋଧୀ ନିଜ ଜିଦରେ ଅଟଳ ରହିଥିବା ବେଳେ ଶାସକ ଦଳ ଆଲୋଚନା ପାଇଁ ଦାବି କରୁଛନ୍ତି । ହଟ୍ଟଗୋଳ, ନାରାବାଜି ସହିତ ଆଜି ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି ଗୃହରେ । ବାଚସ୍ପତିଙ୍କ ପୋଡିୟମ ଉପରେ ବିରୋଧୀ ବିଧାୟିକାମାନେ ପାହାଚ ଦେଇ ଚଢ଼ିବାକୁ ଚେଷ୍ଟା କରୁଥିବା ବେଳେ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ପୋଡିୟମ ଉପରକୁ ଚଢ଼ି ଯାଇଥିଲେ । ଫଳରେ ଗୃହ କାର୍ଯ୍ୟ ଚାଲିପାରିନଥିଲା ।

ମାର୍ଚ୍ଚ ୧୬ରୁ ଗୃହରେ ଏସ୍‌ସିବି ତାତି ଲାଗି ରହିଛି । ସେବେଠାରୁ ଆଜି ପର୍ଯ୍ୟନ୍ତ ପ୍ରଶ୍ନକାଳ କି ଶୂନ୍ୟକାଳ ସ୍ୱାଭାବିକ ଭାବେ ଚାଲିପାରୁନାହିଁ । ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟମାନେ ହଟ୍ଟଗୋଳ କରି ଗୃହକୁ ଅଚଳ କରିଛନ୍ତି । ପ୍ରଶ୍ନକାଳ ଆରମ୍ଭରୁ ବିଜେଡି ଓ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟ ଭାଗକୁ ମାଡ଼ି ଆସିଥିଲେ । ହାତରେ ପୋଷ୍ଟର ଧରି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବି ସ୍ଲୋଗାନ ଦେଇ ଗୃହ କମ୍ପାଇଥିଲେ । ଏହାରି ମଧ୍ୟରେ ବାଚସ୍ପତି ପ୍ରଶ୍ନକାଳରେ ବିଜେପି ବିଧାୟକ ବାବୁ ସିଂଙ୍କ ପ୍ରଶ୍ନ ଆଲୋଚନା ଲାଗି ଡାକିଥିଲେ । ଉକ୍ତ ପ୍ରଶ୍ନର ଉତ୍ତର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରଖିଥିବା ବେଳେ ବିଜେପି ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀଙ୍କ ପ୍ରଶ୍ନର ଉତ୍ତର ଜଙ୍ଗଲ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ରଖିଥିଲେ । ବିରୋଧୀଙ୍କ ହୋହାଲ୍ଲା (୯ ପୃଷ୍ଠାରେ)

### ନବୀନଙ୍କ କଟାକ୍ଷ , କୁଆଡ଼େ ଗଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୪ ।୩ (ସବ୍ୟୁ) : ଏସ୍‌ସିବି ହସ୍ପିଟାଲରେ ନିଆଁ ଲାଗିବା ଘଟଣାକୁ ୯ ଦିନ ବିତିଗଲାଣି । ୯ ଦିନ ପରେ ବି ଜଣେ ହେଲେ କେନ୍ଦ୍ରମନ୍ତ୍ରୀ ପରିଦର୍ଶନ ପାଇଁ ଆସିଲେ ନାହିଁ । କିନ୍ତୁ ଯେତେବେଳେ ଗୋଟିଏ ଘରୋଇ ହସ୍ପିଟାଲରେ ନିଆଁ ଲାଗିଥିଲା ସେତେବେଳେ ଅନେକ କେନ୍ଦ୍ରମନ୍ତ୍ରୀ ଆସୁଥିଲେ । କିନ୍ତୁ ଏବେ କେହି ଆସୁନାହାନ୍ତି । ମୃତ୍ୟୁବରଣ କରିଥିବା ରାଜ୍ୟବାସୀଙ୍କ ପାଇଁ ଏ ସରକାର କେତେ ଚିନ୍ତିତ ଏଥିରୁ ଆପଣମାନେ ତୁଳନା କରିପାରିବେ । ପୁନର୍ବାର କହୁଛି ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ । ବିଜେଡି ତା'ର ପ୍ରତିବାଦ ଜାରି ରଖିବ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ।



# ସାଇଲେଣ୍ଟ ହାର୍ଟ ଆଟାକ

ସାଧାରଣତଃ କାଶ, ଛିଙ୍କ, ଥକ୍କାପଣ ଏବଂ ଜ୍ୱରକୁ ଆମେ ଫ୍ଲୁ ବା ଥଣ୍ଡା-ଜ୍ୱରର ଲକ୍ଷଣ ବୋଲି ଭାବିଥାଉ । ହେଲେ ଅନେକ ସମୟରେ ଏହା 'ସାଇଲେଣ୍ଟ ହାର୍ଟ ଆଟାକ୍' ଭଳି ଗମ୍ଭୀର ସମସ୍ୟାର ସଙ୍କେତ ହୋଇପାରେ ବୋଲି ମ୍ୟାକଗିଲ୍ ବିଶ୍ୱବିଦ୍ୟାଳୟର ଏକ ସମ୍ପ୍ରତି ଅଧ୍ୟୟନରୁ ଜଣାପଡ଼ିଛି । ଏହି ରିପୋର୍ଟ ଅନୁସାରେ ବିଶେଷ କରି ୫୫ ବର୍ଷରୁ କମ୍ ବୟସର ପ୍ରାୟ ୨୦ ପ୍ରତିଶତ ମହିଳାଙ୍କ କ୍ଷେତ୍ରରେ ହୃଦଘାତ ସମୟରେ ଛାତିରେ ଯନ୍ତ୍ରଣା ହୋଇନଥାଏ, ବରଂ ସେମାନେ କେବଳ ସାମାନ୍ୟ ଥକ୍କାପଣ କିମ୍ବା ବାନ୍ତି ଲାଗିବା ଭଳି ଲକ୍ଷଣ ଅନୁଭବ କରନ୍ତି । ଯାହାକୁ ଅନେକ ସମୟରେ ମାନସିକ ଚାପ ବା ଫ୍ଲୁ ଭାବି ଅଣଦେଖା କରାଯାଇଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ, ସାଇଲେଣ୍ଟ ହାର୍ଟ ଆଟାକରେ ହୃଦୟକୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେଉଥିଲେ ମଧ୍ୟ ଶରୀର କୌଣସି 'ଆଲାର୍ମ' ଦେଇନଥାଏ, ଯାହା ମହିଳାମାନଙ୍କ ପାଇଁ ଅଧିକ ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ । ମହିଳାଙ୍କ କ୍ଷେତ୍ରରେ କ୍ଷୁଦ୍ର ରକ୍ତବାହିକାରେ ସମସ୍ୟା, ମେନୋପଜ୍ ପରେ ଏଷ୍ଟ୍ରୋଜେନ୍ ହରମୋନର ହ୍ରାସ ଏବଂ ଦୀର୍ଘକାଳୀନ ମାନସିକ ଚାପ ବା ଅବସାଦ ଯୋଗୁଁ କର୍ଟିସୋଲ୍ ସ୍ତର ବୃଦ୍ଧି ପାଇ ହୃଦଘାତର ଆଶଙ୍କା ବଢ଼ାଇଥାଏ । ବିଶ୍ୱ ହୃଦୟ ସଂଘ ଅନୁସାରେ ପ୍ରତି ବର୍ଷ ପ୍ରାୟ ଏକ-ତୃତୀୟାଂଶ ମହିଳାଙ୍କ ମୃତ୍ୟୁର କାରଣ ହୃଦରୋଗ ହୋଇଥାଏ । ବିନା କାରଣରେ ଅତ୍ୟଧିକ ଥକ୍କାପଣ, ଶୋଇବା ସମୟରେ ଅଣନିଶ୍ୱାସୀ ଲାଗିବା କିମ୍ବା ପେଟର ଉପର ଭାଗରେ ଅସ୍ୱାଭାବିକ ଯନ୍ତ୍ରଣା ହେଲେ ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ । ଯଦି ଏଭଳି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ସଙ୍ଗେସଙ୍ଗେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



## ଓଡ଼ିଆ ରୁଚି

**ସାମଗ୍ରୀ:** ଶାଗ ୨ ବିଡ଼ା ( ପସନ୍ଦ ଅନୁସାରେ କୋଶଳା, ଲେଉଟିଆ, ଖଡା, ସାରୁ, କନିସିରି), ପରିବା (ବାଇଗଣ, ସାରୁ, କଖାରୁ), ଚାଉଳ ଚୂନା ୨-୩ ଚାମଚ (ଅଳ୍ପ ପାଣିରେ ଗୋଳା ହୋଇଥିବା), ପଞ୍ଚ ଫୁଟଣ, ଶୁଖିଲା ଲଙ୍କା, ରସୁଣ ।

# ଚୁନାପକା ଶାଗ

**ପ୍ରଣାଳୀ-** ପ୍ରଥମେ ଶାଗକୁ ଭଲ ଭାବେ ବାଛି, ଧୋଇ ଛୋଟ ଛୋଟ କରି କାଟି ରଖନ୍ତୁ । ଏକ କଡ଼େଇରେ ଅଳ୍ପ ପାଣି ନେଇ ସେଥିରେ କଟା ପରିବା ହଳଦୀ ଓ ଲୁଣ ପକାଇ ସିଝିବାକୁ ଦିଅନ୍ତୁ । ପରିବା ଅଧା ସିଝି ଆସିଲେ ସେଥିରେ କଟା ଶାଗକୁ ପକାନ୍ତୁ । ଶାଗ ଓ ପରିବା ସମ୍ପୂର୍ଣ୍ଣ ସିଝିଗଲା ପରେ, ପୂର୍ବରୁ ପାଣିରେ ଗୋଳାଇ ରଖିଥିବା ଚାଉଳ ଚୂନା ଘୋଳକୁ ଶାଗରେ ଢାଳନ୍ତୁ । ଏହାକୁ ଲଗାତାର ଗୋଳାନ୍ତୁ ଯେପରି ଚୂନା ଜମାଟ ନ ବାନ୍ଧେ । ଏହାଦ୍ୱାରା ଶାଗଟି ଟିକେ ବହଳିଆ ଓ ଚିକ୍କଣ ହୋଇଯିବ । ଅନ୍ୟ ଏକ ଛୋଟ କଡ଼େଇରେ ସୋରିଷ ତେଲ ଗରମ କରି ସେଥିରେ ଶୁଖିଲା ଲଙ୍କା ଓ ପଞ୍ଚ ଫୁଟଣ ପକାନ୍ତୁ । ଫୁଟଣ ଫୁଟିଗଲେ ସେଥିରେ ଛେଚା ରସୁଣ ପକାଇ ଭଲ ଭାବେ ଭାଜନ୍ତୁ । ରସୁଣ ନାଲି ପଡ଼ିଗଲେ ଏହି ଛୁଙ୍କକୁ ଶାଗ କଡ଼େଇରେ ଢାଳି ଦିଅନ୍ତୁ ଏବଂ ସଙ୍ଗେ ସଙ୍ଗେ ଘୋଡ଼ଣୀ ଦେଇଦିଅନ୍ତୁ, ଯେପରି ରସୁଣର ବାସ୍ନା ଭିତରେ ରହିବ । ପ୍ରସ୍ତୁତ ହୋଇଯିବ ଆପଣଙ୍କର ସ୍ୱାଦିଷ୍ଟ ଚୁନା ପକା ଶାଗ ।

# ସୋସିଆଲ କୋଟ୍ସ



ଆକ୍ଟିଂ କରିବାର ଜିଦ୍ କାରଣରୁ ମୁଁ ଅଧାରୁ ପାଠ ଛାଡିଥିଲି । ଏହି ନିଷ୍ପତ୍ତି ସେତେବେଳେ ମୋ ବାପାଙ୍କୁ ଭଲ ଲାଗି ନଥିଲା । ହେଲେ ସେହି ନିଷ୍ପତ୍ତି କାରଣରୁ ମୁଁ ଆଜି ଏଠି ପହଞ୍ଚିଛି ।

ସେହନାଜ ଗିଲ୍, ଅଭିନେତ୍ରୀ



ହନୁମାନ ଫିଲ୍ମ ସୁଟିଂ ସମୟରେ ମୋତେ ଅଲୌକିକତାର ଅନୁଭବ ହୋଇଥିଲା । ଲାଗିଥିଲା ଯେପରି ଶ୍ରୀହନୁମାନ ନିଜେ ତାଙ୍କ କାହାଣୀକୁ ଫିଲ୍ମ ଆକାରରେ ପ୍ରସ୍ତୁତ କରୁଛନ୍ତି । ସବୁ ବାଧା ବିଘ୍ନ ତାଙ୍କରି କାରଣରୁ ଦୂର ହୋଇଥିଲା ।

ପ୍ରଶାନ୍ତ ବର୍ମା, ନିର୍ଦ୍ଦେଶକ



ମୁଁ କେବେ ବି ଭାବିନି କି ଡେବ୍ୟୁ କରୁଥିବା ନୂଆ କଳାକାରଙ୍କୁ କୌଣସି ଷ୍ଟାରଙ୍କ ସହିତ ଦେଖା କରାଇବା ଦରକାର । ମୁଁ ଆଗରୁ ଅନେକ ନବାଗତଙ୍କ ସହିତ କାମ କରିଛି, ଯେଉଁମାନେ ଭଲ ପ୍ରଦର୍ଶନ କରିଛନ୍ତି ।

ଜୋୟା ଅଖତର, ଫିଲ୍ମମେକର

# ମାଛ ଚଳାଇଲା ଗାଡ଼ି



ନିକଟରେ ଏକ ଘଟଣା ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏକ ମାଛ ଗାଡ଼ି ଚଳାଇ ବିଶ୍ୱ ରେକର୍ଡ କରିଛି । ନେଦରଲ୍ୟାଣ୍ଡର ଗୋଲ୍ଡଫିସ୍ 'ବ୍ଲବ୍'ର ଏହି ଅଦ୍ଭୁତ କାରନାମା ସମସ୍ତଙ୍କୁ ଚକିତ କରିଛି । ତେବେ ଭବିଷ୍ୟତରେ ଦିବ୍ୟାଙ୍ଗଙ୍କ ପାଇଁ ଏହି ଟେକନିକ ସହାୟକ ହେବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି । ନେଦରଲ୍ୟାଣ୍ଡର 'ବ୍ଲବ୍' ନାମକ ଏକ ଗୋଲ୍ଡଫିସ୍ ଗାଡ଼ି ଚଳାଇ ବିଶ୍ୱ ରେକର୍ଡ କରି ସମସ୍ତଙ୍କୁ ଚକିତ କରିଦେଇଛି । ଏହି ବିରଳ ସଫଳତା ପାଇଁ ଏକ ଛୋଟ ରୋବୋଟିକ୍ ଚାରିଚକିଆ ଗାଡ଼ି ଉପରେ ପାଣି ଭର୍ତ୍ତି ଟ୍ୟାଙ୍କ ରଖାଯାଇ ସେଥିରେ ମାଛଟିକୁ ଛଡ଼ାଯାଇଥିଲା ଏବଂ ଟ୍ୟାଙ୍କ ଉପରେ ଏକ ମୋସନ୍ ସେନସିଂ କ୍ୟାମେରା ଲଗାଯାଇଥିଲା । ଯାହା ମାଛର ଗତିବିଧିକୁ ଟ୍ରାକ୍ କରୁଥିଲା । ମାଛଟି ଟ୍ୟାଙ୍କ ଭିତରେ ଯେଉଁ ଦିଗକୁ ପହଁରୁଥିଲା, ଗାଡ଼ିଟି ସେହି ଦିଗରେ ଚାଲୁଥିଲା । ଇଟାଲୀର ଏକ ଟିଭି ଶୋ'ରେ ପ୍ରଦର୍ଶିତ ଏହି କାର୍ଯ୍ୟକ୍ରମରେ ଗୋଲ୍ଡଫିସ୍‌ଟି ମାତ୍ର ୧ ମିନିଟ୍‌ରେ ୪୦ ଫୁଟରୁ ଅଧିକ ଦୂରତା ଅତିକ୍ରମ କରି 'ଗୋଲ୍ଡଫିସ୍ ଡ୍ରାଇଭିଂ'ର ଏକ ନିଆରା ବିଶ୍ୱ ରେକର୍ଡ ସ୍ଥାପନ କରିଛି । ଏହି ଗାଡ଼ିକୁ ପ୍ରସ୍ତୁତ କରିଥିବା ଇଞ୍ଜିନିୟର ଥମାସ ଡି ୱୁଲ୍ଫଙ୍କ ଅନୁଯାୟୀ, ଏହି କୌତୁହଳପୂର୍ଣ୍ଣ ପ୍ରୟୋଗ କେବଳ ରେକର୍ଡ ପାଇଁ ନୁହେଁ, ବରଂ ଏଥିରେ ବ୍ୟବହୃତ ଉନ୍ନତ ଜ୍ଞାନକୌଶଳ ଆଗାମୀ ଦିନରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଚଳପ୍ରଚଳରେ ବେଶ୍ ସହାୟକ ହୋଇପାରିବବୋଲି ଆଶା ରଖିଛନ୍ତି ।

# ଇତିହାସ

୧୮୦୭: ବ୍ରିଟିଶ ସାମ୍ରାଜ୍ୟରୁ ଦାସ ପ୍ରଥାର ବିଲୋପ ।
୧୮୯୬:ୟୁନାନର ରାଜଧାନୀ ଏଥେନ୍ସରେ ଆଧୁନିକ ଅଲିମ୍ପିକ୍‌ର ଶୁଭାରମ୍ଭ ।
୧୯୪୮: ବଲିଉଡର ସୁପରିଚିତ ଅଭିନେତା ଫାରୁଖ ଶେଖ୍‌ଙ୍କ ଜନ୍ମ ।
୧୯୬୫: ଦୁନିଆର ପ୍ରଥମ ଆଧୁନିକ ସମୁଦ୍ର ବିଜ୍ଞାନ ଅନୁସନ୍ଧାନ ପୋତ "ସାଗର କନ୍ୟା'ର ଜଳାବତରଣ ।
୧୯୮୬: ଆନନ୍ଦରୁ କଲିକତା ପହଞ୍ଚିଲା ଦେଶର ପ୍ରଥମ ସ୍ୱତନ୍ତ୍ର ଦୁଗ୍ଧ ଟ୍ରେନ୍ ।
୧୯୮୮: ନାସା ଦ୍ୱାରା ଅନ୍ତରୀକ୍ଷ ଯାନ ଏସ୍-୨୦୬ର ପରୀକ୍ଷଣ ।
୧୯୯୫: ୩ ବର୍ଷ ପରେ ଜେଲରୁ ମୁକ୍ତ ହେଲେ ବିଖ୍ୟାତ ବକ୍ସର ମାଇକ୍ ଟାଇସନ ।
୧୮୯୮: ସ୍ୱାମୀ ବିବେକାନନ୍ଦଙ୍କଠାରୁ ବ୍ରହ୍ମଚର୍ଯ୍ୟ ଦିକ୍ଷା ନେଲେ ସିଷ୍ଟର ନିବେଦିତା ।
୧୯୯୯: ଭାରତ ଦ୍ୱାରା ପାକିସ୍ତାନର ୮ ଗାଁର ନାଗରିକଙ୍କ ପାଇଁ ଭିସାମୁକ୍ତ ଘୋଷଣା ।
୨୦୦୫: ସୁଡାନ ପାଇଁ ଶାନ୍ତିସେନା ମଞ୍ଜୁରୀ ପ୍ରସ୍ତାବକୁ ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦର ସମ୍ମତି ।
୨୦୧୧: ଓରିଶାର ନାମ ଓଡ଼ିଶା କରିବାକୁ ଆଗତ ବିଧେୟକକୁ ଲୋକସଭା ପରେ ରାଜ୍ୟସଭାରେ ମଞ୍ଜୁରୀ ।
୨୦୨୦: ୬୦ ଦଶକର ଚର୍ଚ୍ଚିତ ଚଳଚ୍ଚିତ୍ର ଅଭିନେତ୍ରୀ ନିମ୍ମିଙ୍କ ଦେହାନ୍ତ ।
୨୦୨୪: ପ୍ରସିଦ୍ଧ ବଲିଉଡ୍ ଅଭିନେତ୍ରୀ ନନ୍ଦାଙ୍କ ପରଲୋକ ।

# ସୁଇମିଂପୁଲ ସଂକ୍ରମଣ

ଗ୍ରୀଷ୍ମ ପ୍ରକୋପରୁ ରକ୍ଷା ପାଇବା ପାଇଁ ଅନେକ ଲୋକ ସୁଇମିଂ ପୁଲ୍ ଓ ୱାଟର ପାର୍କକୁ ପସନ୍ଦ କରୁଥିବା ବେଳେ, ଏହା ଆଖି ପାଇଁ ଗମ୍ଭୀର ସଂକ୍ରମଣର କାରଣ ସାଜିପାରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି । ଚକ୍ଷୁ ରୋଗ ବିଶେଷଜ୍ଞଙ୍କ ଅନୁଯାୟୀ, ପୁଲ୍ ପାଣିକୁ ସଫା ରଖିବା ପାଇଁ ବ୍ୟବହୃତ କ୍ଲୋରିନ୍ ଆଖିର ପ୍ରାକୃତିକ ସୁରକ୍ଷା ସ୍ତରକୁ ନଷ୍ଟ କରି ଶୁଷ୍କତା, ଜଳାପୋଡ଼ା ଓ ଅସ୍ପଷ୍ଟ ଦୃଷ୍ଟିଶକ୍ତି ଭଳି ସମସ୍ୟା ସୃଷ୍ଟି କରିଥାଏ । ବିଶେଷକରି ଅଧିକ ଭିଡ଼ ଥିବା ୱାଟର ପାର୍କ କିମ୍ବା ଠିକ୍ ଭାବେ ରକ୍ଷଣାବେକ୍ଷଣ ହେଉନଥିବା ପୁଲ୍‌ରେ ବ୍ୟାକ୍ଟେରିଆ, ଭୂତାଣୁ ବୃଦ୍ଧି ପାଇଥାଆନ୍ତି । ଏହାଦ୍ୱାରା ଆଖି ଧରିବା ବା କର୍ଣ୍ଣିଆ ସଂକ୍ରମଣର ଆଶଙ୍କା ବଢ଼ିଥାଏ । ଯେଉଁମାନେ କଣ୍ଟାକ୍ଟ ଲେନ୍ସ ପିନ୍ଧି ସୁଇମିଂ କରନ୍ତି, ସେମାନଙ୍କ କ୍ଷେତ୍ରରେ ପାଣିରେ ଥିବା ଅଣୁଜୀବ ଲେନ୍ସରେ ଲାଗି ରହି ସଂକ୍ରମଣକୁ ଅଧିକ ତୀବ୍ର କରିଥାନ୍ତି । ତେଣୁ ଆଖିରେ ଅତ୍ୟଧିକ ଲାଲ୍ ପଡ଼ିବା, କଷ୍ଟ ହେବା କିମ୍ବା ପାଣି ବାହାରିବା ଭଳି ଲକ୍ଷଣ ଦେଖାଦେଲେ ଏହାକୁ ଅଣଦେଖା ନକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । ଏଥିରୁ ରକ୍ଷା ପାଇବା ପାଇଁ ସୁଇମିଂ ଗଗଲ୍ସ ବ୍ୟବହାର କରିବା, ପାଣି ଭିତରେ ବାରମ୍ବାର ଆଖିକୁ ନ ରଗଡ଼ିବା ଏବଂ ପହଁରିବା ପରେ ଆଖିକୁ ସଫା ପାଣିରେ ଧୋଇବା ଭଳି ସତର୍କତା ଅବଲମ୍ବନ କରିବା ଜରୁରୀ । ସେହିଭଳି ଯଦି ବି ସଂକ୍ରମଣ ହେଉଛି ତେବେ ଅବହେଳା ନକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ ।



# ବଢ଼ିବନି ବୟସ !

ଶୀର୍ଷକଟି ଅଡୁଆ ଲାଗିପାରେ, ହେଲେ ବୈଜ୍ଞାନିକମାନେ ବର୍ତ୍ତମାନ ଏଭଳି ଅନେକ ପରୀକ୍ଷଣ କରୁଛନ୍ତି ଯାହା ଏଭଳି ଆଶା ସଞ୍ଚାର କରୁଛି । ନିକଟରେ ବୈଜ୍ଞାନିକମାନେ ଏକ ମୂଷାର ମସ୍ତିଷ୍କକୁ ବରଫରେ ଜମା କରି ପୁଣିଥରେ ଜୀବନ୍ତ କରିବାରେ ସଫଳ ହୋଇଛନ୍ତି । ଜର୍ମାନୀର ବୈଜ୍ଞାନିକଙ୍କ ଏହି ସଫଳତା ଆଗକୁ ଏକାଧିକ କ୍ଷେତ୍ରରେ ବିପ୍ଳବ ଆଣିପାରେ ବୋଲି ଚର୍ଚ୍ଚା ହେଉଛି । ସୂଚନା ଅନୁସାରେ ଜର୍ମାନୀର ବୈଜ୍ଞାନିକମାନେ ଏକ ମୂଷାର ମସ୍ତିଷ୍କକୁ ସମ୍ପୂର୍ଣ୍ଣ ଭାବେ ଜମା କରି ପୁଣିଥରେ ତାକୁ ଜୀବନ୍ତ କରିବାରେ ସଫଳତା ପାଇଛନ୍ତି । ଏହି ପରୀକ୍ଷା ପାଇଁ ମୂଷାର ମସ୍ତିଷ୍କକୁ -୧୯୬ ଡିଗ୍ରୀ ତାପମାତ୍ରାରେ ଲିକ୍ୟୁଇଡ୍ ନାଇଟ୍ରୋଜେନରେ ରଖାଯାଇଥିଲା । ଏହାସହ 'ଭିଟ୍ରିଫିକେସନ୍' ଟେକ୍ନୋଲୋଜି ବ୍ୟବହାର କରି ମସ୍ତିଷ୍କର ଜଳୀୟ ଅଂଶକୁ କାଚ ଭଳି ଶକ୍ତ ଅବସ୍ଥାକୁ ଅଣାଯାଇଥିଲା । ଯାହାଦ୍ୱାରା ଏହାର କୋଷଗୁଡ଼ିକ ନଷ୍ଟ ନହୋଇ ସୁରକ୍ଷିତ ରହିଥିଲା । ପରେ ବୈଜ୍ଞାନିକମାନେ ମସ୍ତିଷ୍କକୁ ସାଧାରଣ ତାପମାତ୍ରାକୁ ଆଣି ଏକ ହାଲୁକା ଇଲେକ୍ଟ୍ରିକ୍ ସିଗନାଲ୍ ଦେବା ପରେ ମୂଷାଟି ପୁଣିଥରେ ବଞ୍ଚି ପାରିଥିଲା । ତା'ର ସ୍ମୃତି ଶକ୍ତି ଓ ନ୍ୟୁରନ୍ କନେକ୍ସନଗୁଡ଼ିକ ସଠିକ୍ ଭାବେ କାମ କରିବାକୁ ଲାଗିଥିଲା । ଯଦି ଏହି ପରୀକ୍ଷା ମଣିଷଙ୍କ କ୍ଷେତ୍ରରେ ସଫଳ ହୁଏ, ତେବେ ଭବିଷ୍ୟତରେ ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ବହୁ ବର୍ଷ ପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଇପାରିବ । ଏହାସହ ଦୀର୍ଘ ସମୟର ମହାକାଶ ଯାତ୍ରା ସମୟରେ ମଣିଷକୁ ବିନା ବୟସ ବୃଦ୍ଧିରେ ବହୁ ବର୍ଷ ପର୍ଯ୍ୟନ୍ତ ଶୁଆଇ ରଖାଯାଇପାରିବବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

# ଅକ୍ଷୟଙ୍କ ରୋମାଣ୍ଟିକ ଅନ୍ଦାଜ



ବଲିଉଡରେ ଅକ୍ଷୟଙ୍କୁ ସମସ୍ତେ ଆକସନ୍ ମାଷ୍ଟର ବୋଲି କହିଥାଆନ୍ତି, ହେଲେ ନିକଟରେ ତାଙ୍କର ରୋମାଣ୍ଟିକ ଅନ୍ଦାଜ ଦେଖିବାକୁ ମିଳିଛି । ଅକ୍ଷୟ ଏ ଫିଲ୍ମ ମେକର ପ୍ରିୟଦର୍ଶନଙ୍କ 'ଭୂତ ବଙ୍ଗଳା'ଫିଲ୍ମର ନୂଆ ରୋମାଣ୍ଟିକ ଟ୍ରାକ୍ 'ତୁ ହି ଦିସଦା'ର ଟିଜର୍ ରିଲିଜ୍ ହୋଇଛି । ଏଥିରେ ଅକ୍ଷୟ କୁମାର ଓ ଅଭିନେତ୍ରୀ ୱାମିକା ଗବ୍ବୀଙ୍କ ମଧ୍ୟରେ ଏକ ସୁନ୍ଦର ରୋମାଣ୍ଟିକ କେମେଷ୍ଟ୍ରି ଦେଖିବାକୁ ମିଳିଛି । ଯାହାକୁ ନେଇ ଅକ୍ଷୟ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ଅଛନ୍ତି । ଅରିଜିତ ସିଂ ଓ ନିକିତା ଗାନ୍ଧୀଙ୍କ ସୁମଧୁର ସ୍ୱରରେ ସଜ୍ଜିତ ଏହି ଟ୍ରାକଟିକୁ ଦର୍ଶକ ଖୁବ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ପ୍ରାୟ ୧୪ ବର୍ଷ ପରେ ପୁଣିଥରେ ଏହି ଚଳଚ୍ଚିତ୍ର ମାଧ୍ୟମରେ ଅକ୍ଷୟ ଓ ପ୍ରିୟଦର୍ଶନଙ୍କ ଆଇକନିକ୍ ଯୋଡ଼ି ଏକାଠି କାମ କରୁଛନ୍ତି । ଏହି ଯଓଡି ପୂର୍ବରୁ 'ହେରାଫେରି' ଓ 'ଭୁଲ୍ ଭୁଲେୟା' ଭଳି ସୁପରହିଟ୍ କମେଡି ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ଏହି ଫିଲ୍ମରେ ପରେଶ ରାୱଲ, ରାଜପାଲ ଯାଦବ, ଅସରାନୀ ଓ ତବ୍ଦୁଙ୍କ ଭଳି ବଡବଡ ଷ୍ଟାରକାଷ୍ଟ ଦେଖିବାକୁ ମିଳିବ । ଚଳଚ୍ଚିତ୍ରଟି ଆସନ୍ତା ୧୦ ଏପ୍ରିଲ, ୨୦୨୬ରେ ରିଲିଜ ହେବାନେଇ ସୂଚନା ରହିଛି ।



**ମେଷ:** ବ୍ୟବସାୟରେ ଉନ୍ନତି, ଶୁଭଖବର, ଶତ୍ରୁ ପରାଜିତ, ଅନୁଷ୍ଠାନରୁ ଲାଭ,ଶୁଭସମାଚାର, ଗୃହେ ଉତ୍ସବ, ଦ୍ରବ୍ୟପ୍ରାପ୍ତି, ବନ୍ଧୁଲାଭ, ସମ୍ପତ୍ତିଲାଭ, ସମ୍ମାନଲାଭ, ଦାମ୍ପତ୍ୟ ସୁଖ, ଭରଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୨, ଆରାଧନା- ମା' ଭଗବତୀ ।

**ବୃଷ:** କାର୍ଯ୍ୟରେ ଅସନ୍ତୁଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦୂରଯାତ୍ରା, ମନସ୍ତାପ, ବନ୍ଧୁସାହାଯ୍ୟ, ସମ୍ପତ୍ତି ବିବାଦ, ବିଦ୍ୟାରେ ଅସଫଳ, ଦାମ୍ପତ୍ୟ ସୁଖ, ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ଯାତ୍ରାରେ ଶୁଭ, ଦେବକାର୍ଯ୍ୟରେ ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, କର୍ମକ୍ଷେତ୍ରେ ଶାନ୍ତି, ଉଚ୍ଚଆଶାରେ ଲାଭ, ମାନସିକ ଶାନ୍ତି, ଅର୍ଥଲାଭ, ଦ୍ରବ୍ୟ ପ୍ରାପ୍ତି, ସୁସମାଚାର, ମାମଲା ସମାଧାନ, ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ପିଙ୍କ୍, ସଂଖ୍ୟା-୭, ଆରାଧନା- ପ୍ରଭୁ ଗଣେଶ ।

**କର୍କଟ:** ବନ୍ଧୁମିଳନ, ସମ୍ପତ୍ତିଲାଭ, ନୂତନ କାର୍ଯ୍ୟରେ ଖୁସି,ବ୍ୟବସାୟରେ ଖୁସି, ଶରୀର ସୁସ୍ଥ, ବିବାଦ ସମାଧାନ, କର୍ମକ୍ଷେତ୍ରେ ଅଳ୍ପ ଅଶାନ୍ତି, ଶୁଭଖବର, ସନ୍ତାନଲାଭ, ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ପ୍ରଭୁ ହନୁମାନ ।

**ସିଂହ:** ବନ୍ଧୁ ସାହାଯ୍ୟ, କର୍ମେ ସଫଳ, ପଦବୀ ସମସ୍ୟା, ସ୍ୱାସ୍ଥ୍ୟଲାଭ, ଅର୍ଥଲାଭ, ଗୃହେ ଶୁଭ ଆଲୋଚନା, ସ୍ୱଜନ ବିରୋଧ, ବ୍ୟବସାୟିକ କଷ୍ଟ, ସନ୍ତାନ ସମସ୍ୟା, ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସିଲଭର, ସଂଖ୍ୟା-୬, ଆରାଧନା- ମା' ବିମଳା ।

**କନ୍ୟା:** ଶରୀର ଅସୁସ୍ଥ, କାର୍ଯ୍ୟ ଓ ଉଚ୍ଚଆଶାରେ ବିଳମ୍ବ, ଅର୍ଥ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ପୁରାତନ ବିବାଦ, ଦାମ୍ପତ୍ୟ ସୁଖ, ସମ୍ପତ୍ତି ଖୁସି, ବିଦ୍ୟାରେ ସଫଳ, ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୩, ଆରାଧନା- ମା' ବଗଳାମୁଖୀ ।

**ତୁଳା:** ମାନସିକ ଶାନ୍ତି, ବନ୍ଧୁସାହାଯ୍ୟ, ଅର୍ଥଲାଭ, ଶୁଭ ସମାଚାର, ଲୋକସମ୍ପର୍କରେ ବାଧା, ଆଶା ସଫଳ, ଶରୀର ସୁସ୍ଥ, ସନ୍ତାନଖୁସି, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୦, ଆରାଧନା- ଶଙ୍କର ଭଗବାନ ।

**ବିଛା:** ସ୍ୱାସ୍ଥ୍ୟରେ ଉନ୍ନତି, ସୁସମ୍ପର୍କ, ସମ୍ପତ୍ତିଲାଭ, ଶୁଭଖବର, କାର୍ଯ୍ୟବ୍ୟସ୍ତତା, ଅତିଥି ଲାଭ, ଅର୍ଥଲାଭ, ବିବାଦ ସମାଧାନ, ବନ୍ଧୁ ସହଯୋଗ, ସ୍ୱାଦିଷ୍ଟ ଭୋଜନପ୍ରାପ୍ତି, ସନ୍ତାନପ୍ରାପ୍ତି, ବିଦ୍ୟାରେ ଲାଭ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ସମ୍ମାନବୃଦ୍ଧି, ବ୍ୟବସାୟରେ ଲାଭ, କର୍ମେ ଆନନ୍ଦ, ଶରୀର କଷ୍ଟ, ଶୁଭକାର୍ଯ୍ୟରେ ବିଳମ୍ବ, ଦ୍ରବ୍ୟଲାଭ, ପୁରାତନ କାର୍ଯ୍ୟ ପ୍ରତି ଆସକ୍ତ, ଦାମ୍ପତ୍ୟ ସୁଖ, ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୮, ପ୍ରତିକାର- ମା' ଦକ୍ଷିଣକାଳୀ ।

**ମକର:** ରାଜଦଣ୍ଡ ଭୟ, ଶତ୍ରୁ ସମସ୍ୟା, ଆଶାରେ ବାଧା, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟ ନଷ୍ଟ, ବ୍ୟକ୍ତି ସହାୟତା, ଶରୀର ସୁସ୍ଥ, ଦୂରଯାତ୍ରା, କିଛି କାର୍ଯ୍ୟରେ ବିବାଦ, ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୬, ଆରାଧନା- ମା' କାଳୀ ।

**କୁମ୍ଭ:** କାର୍ଯ୍ୟ ସଫଳ, ଅର୍ଥଲାଭ, ଦାମ୍ପତ୍ୟ ସୁଖ, ବନ୍ଧୁ ସାହାଯ୍ୟ, ଦୂରଯାତ୍ରାରେ ସତର୍କ, ସମ୍ପତ୍ତି ବିବାଦ, ସନ୍ତାନ ସମସ୍ୟା, ଶୁଭଖବର, ସ୍ୱାସ୍ଥ୍ୟ ଲାଭ, ସ୍ୱାଦିଷ୍ଟ ଭୋଜନ ପ୍ରାପ୍ତି, ପୂର୍ବାଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣୀ, ସଂଖ୍ୟା-୮, ଆରାଧନା- ପ୍ରଭୁ ରାଧାବଲ୍ଲଭ ସରକାର ।

**ମୀନ:** ଶୁଭଖବର, ବ୍ୟବସାୟରେ ସ୍ୱଳ୍ପଲାଭ, ଦ୍ରବ୍ୟ ପ୍ରାପ୍ତି, ସମ୍ମାନ ପ୍ରାପ୍ତି, ସମ୍ପତ୍ତି ଲାଭ, ବିବାଦ ସମାଧାନ, ଉଚ୍ଚଆଶାରେ ବିଫଳ, ସନ୍ତାନ ସମସ୍ୟା, ଉତ୍ସବ ପ୍ରତି ଆଗ୍ରହ, ହଠାତ୍ ଅର୍ଥଲାଭ, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୧୧, ଆରାଧନା- ମା' ଲକ୍ଷ୍ମୀ ।

**ଚୈତ୍ର ଶୁକ୍ଳପକ୍ଷ, ସପ୍ତମୀ**
**୨୫.୩.୨୦୨୬ ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦ ର ଶହେ ଦିନିଆ କ୍ୟାମ୍ପେନ୍‌ର ଶୁଭାରମ୍ଭ

# ଯକ୍ଷ୍ମା ରୋଗକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ ପାଇଁ ଜନ ଭାଗୀଦାରି ଆବଶ୍ୟକ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ-୨୦୨୬ ପାଳିତ ହୋଇଯାଇଛି ଏବଂ ଏହି ଅବସରରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ୨.୦ ର ଶହେ ଦିନିଆ କ୍ୟାମ୍ପେନ୍‌ର ଶୁଭାରମ୍ଭ ମଧ୍ୟ ହୋଇଛି । ରାଷ୍ଟ୍ରୀୟ ସ୍ତରରେ ଆଜି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଯକ୍ଷ୍ମା ମୁକ୍ତ ଭାରତ: ଶହେ ଦିନିଆ ଅଭିଯାନ- ୨.୦ ର ଶୁଭାରମ୍ଭ କରିଛନ୍ତି । ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକସେବା ଭବନ ଠାରେ ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର'ର ସ୍ୱୀକୃତି ପ୍ରିୟଦର୍ଶିନୀ ବେହେରାଙ୍କୁ ଫୁଡ୍ ବାସ୍କେଟ୍ ପ୍ରଦାନ କରି ରାଜ୍ୟସ୍ତରୀୟ କ୍ୟାମ୍ପେନର ଶୁଭାରମ୍ଭ କରିଥିଲେ । ଭାରତ ସରକାରଙ୍କ ପକ୍ଷରୁ ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଇଛି, ଆଗାମୀ ଶହେ ଦିନକୁ ଦୃଷ୍ଟିରେ ରଖି ଏଥିପାଇଁ ବେଷ୍ଟ ଷ୍ଟ୍ରାଟେଜି ପ୍ରସ୍ତୁତ କରାଯାଇଛି । ଆମେ କେବଳ ସ୍ଲୋଗାନ୍‌ରେ ସୀମିତ ରଖିନାହୁଁ, ଏଥିପାଇଁ ସମସ୍ତ ବ୍ୟବସ୍ଥା କରିଛୁ ବୋଲି ଆଜି କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ କହିଥିଲେ ।



ଯକ୍ଷ୍ମା ରୋଗକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ ଜନସାଧାରଣମାନଙ୍କୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେବଳ ସରକାରଙ୍କ ଚେଷ୍ଟା ଯଥେଷ୍ଟ ନୁହଁ, ଏଥିପାଇଁ ଜନ ଭାଗୀଦାରି ଆବଶ୍ୟକ । ଏହାଦ୍ୱାରା ଯକ୍ଷ୍ମାମୁକ୍ତ ଅଭିଯାନ ଶତ ପ୍ରତିଶତ ସଫଳତା ହାସଲ କରିବ ଏବଂ ଓଡ଼ିଶା ଓ ଦେଶରୁ ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ଭାବରେ ମୂଳୋତ୍ପାଟନ ହେବ । ରାଜ୍ୟର ସମସ୍ତ ଲୋକପ୍ରତିନିଧିଙ୍କୁ ନିଜ ନିଜ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ଏହି ରୋଗ ସମ୍ପର୍କରେ ଥିବା ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିବା ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ସିଭିଲ୍ ସୋସାଇଟି ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଏହି ଅଭିଯାନରେ ସାମିଲ ହେବା ପାଇଁ କହିଥିଲେ । କାହିଁକି ଓଡ଼ିଶାବାସୀଙ୍କୁ ଆୟୁଷ୍ମାନ ଭାରତ ଯୋଜନାରୁ ବଞ୍ଚିତ କରାଯାଇଥିଲା ଏବଂ ଦେଶର ପ୍ରାୟ ୩୨ ହଜାର ହସ୍‌ପିଟାଲରେ ଚିକିତ୍ସିତ ହେବାର ଅଧିକାରକୁ କାହିଁକି ଛଡ଼ାଇ ନିଆଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ପୂର୍ବ ସରକାରଙ୍କୁ ପ୍ରଶ୍ନ କରିଥିଲେ ।

ସେ କହିଥିଲେ ଯେ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ଆମ ସରକାର ପ୍ରାଥମିକତା ଦେଇ ଆସିଛି । ୨୦୨୬-୨୭ ବର୍ଷ ପାଇଁ ଆମର ସ୍ୱାସ୍ଥ୍ୟ ବଜେଟ ୨୩ ହଜାର ୧୮୨ କୋଟି ଟଙ୍କା ରଖାଯାଇଛି, ଯାହାକି ସମ୍ପୂର୍ଣ୍ଣ ବଜେଟ ଅଟକଳର ୭.୫ ପ୍ରତିଶତ ଏବଂ ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଏଝଡଚ) ର ୨.୧ ପ୍ରତିଶତ । ରାଜ୍ୟର ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସମ୍ପ୍ରସାରଣ ଓ ଆଧୁନିକୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ୍ ଏକ ପ୍ରମୁଖ କାର୍ଯ୍ୟକ୍ରମ ହୋଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ନିରାମୟ, ନିଦାନ ଆଦି କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ରୋଗ ନିରୂପଣ ସେବା ମାଗଣାରେ ଯୋଗାଇ ଦିଆଯାଉଛି । ଓଡ଼ିଶାର ପ୍ରତ୍ୟେକ ନାଗରିକ ଯେପରି ବିନା ଚିନ୍ତାରେ, ବିନା ଆର୍ଥିକ ବୋଝରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପାଇପାରିବ, ସେଥିପାଇଁ ଆମର ନିରନ୍ତର ଉଦ୍ୟମ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯକ୍ଷ୍ମା ରୋଗ ବିରୋଧରେ ଓଡ଼ିଶାର ସ୍ୱାସ୍ଥ୍ୟସେବା ଏବଂ ସ୍ୱାସ୍ଥ୍ୟ ବିଭା ଗର ତ୍ୱରିତ ପଦକ୍ଷେପ ବିଷୟରେ ଆଲୋକପାତ କରିବା ସହିତ ଗ୍ରାମାଞ୍ଚଳ ଓ ଅପହଞ୍ଚ ଅଞ୍ଚଳ ମାନଙ୍କରେ ଏହି ରୋଗ ବିରୁଦ୍ଧରେ ଅଭିଯାନକୁ ବିଶେଷ ରୂପେ ଧ୍ୟାନ ରଖାଯିବ ବୋଲି କହିଥିଲେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତି ଏସ୍. ସ୍ୱାଗତ ଭାଷଣ ଦେଇଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଆଭାସୀ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ଯୋଡ଼ି ହୋଇ ଏହି ଦିବସକୁ ପାଳନ କରିଥିଲେ ।

## ଏସ୍‌ସିବିରେ ନୂତନ ଅଧିକ୍ଷକଙ୍କ ଦାୟିତ୍ୱ ଗ୍ରହଣ



କଟକ,(ସବ୍ୟୁ): ଶ୍ରୀରାମ ଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନୂତନ ଅଧିକ୍ଷକ ଭାବେ ଡକ୍ଟର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ଏଫ ଏମ ଟି (Forensic Medicine & Toxicology) ବିଭାଗର ବିଭାଗୀୟ ମୁଖ୍ୟ ଭାବେ ଦୀର୍ଘ ଅନୁଭବ ରଖିଛନ୍ତି । ଚିକିତ୍ସା ସେବା, ଶିକ୍ଷା ଓ ପ୍ରଶାସନ ମାମଲାରେ ତାଙ୍କର ଦକ୍ଷତାକୁ ଦୃଷ୍ଟିରେ ରଖି ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତ କରାଯାଇଛି । ନ୍ୟସ୍ତ କରାଯାଇଥିବା ଦାୟିତ୍ୱ ସମ୍ବନ୍ଧରେ ସଠିକ ଭାବେ ଅବଗତ ହୋଇ ଓ ସମନ୍ୱୟ ରକ୍ଷା ପୂର୍ବକ ସେ ନିଜର କାର୍ଯ୍ୟଭାର ତୁଲାଇବେ ବୋଲି କହିଛନ୍ତି । ହସ୍ପିଟାଲରେ ରୋଗୀ ସେବାକୁ ପ୍ରାଥମିକତା ଦିଆଯିବ ବୋଲି କହିବା ସହ ଯେଉଁଠି କୌଣସି ଅବହେଳା ବା ବ୍ୟବସ୍ଥାଗତ ତ୍ରୁଟି ଥାଏ, ସେଗୁଡ଼ିକୁ ଚିହ୍ନଟ କରି ସମୀକ୍ଷା କରାଯିବା ସହ ଭବିଷ୍ୟତରେ ସେହି ଭୁଲର ପୁନରାବୃତ୍ତି ନ ହେବାକୁ ପ୍ରଶାସନିକ ଓ ପ୍ରାୟୋଗିକ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି । ରାଜ୍ୟର ଏକ ପ୍ରମୁଖ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭାବେ ଏସ ସି ବି ମେଡ଼ିକାଲ କେଲଜ ହସ୍ପିଟାଲ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଦିଗରେ ପ୍ରତିବଦ୍ଧ ଏବଂ ଆଗକୁ ଏହା ଜାରି ରହିବ ବୋଲି ସେ କହିଛନ୍ତି । ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଦେବା, ସୁବ୍ୟବସ୍ଥିତ ପରିଚାଳନା ଏବଂ ସ୍ୱଚ୍ଛ ପ୍ରଶାସନ ଆମର ପ୍ରାଥମିକ ଲକ୍ଷ୍ୟ ରହିବ ।

# କଂଗ୍ରେସରୁ ନିଲମ୍ବିତ ତିନି ବିଧାୟକଙ୍କ ଆସନ ବଦଳିଲା

ଭୁବନେଶ୍ୱର (ସବ୍ୟୁ) : ବିଧାନସଭାରେ ବଦଳିଲା କଂଗ୍ରେସରୁ ନିଲମ୍ବିତ ବିଧାୟକଙ୍କ ଆସନ । କଟକ ବାରବାଟି ବିଧାୟିକା ସୋଫିଆ ଫିର୍ଦ୍ଦୋଉ୍‌ସଙ୍କୁ "ଇ' ବ୍ଲକର ୧୩ ନମ୍ବର ସିଟ୍ ଦିଆଯାଇଛି । ସେ ପୂର୍ବରୁ କଂଗ୍ରେସ ବିଧାୟକଙ୍କ ଗହଣରେ ବସୁଥିବା ବେଳେ ଏବେ କଂଗ୍ରେସରୁ ନିଲମ୍ବିତ ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ନିକଟରେ ବସିବେ । ଦାଶରଥିଙ୍କୁ "ଇ' ବ୍ଲକର ୧୪ ନମ୍ବର ସିଟ୍ ଦିଆଯାଇଛି । ତେବେ ସୋଫିଆ ଅପରାହ୍ନରେ ରାଜସ୍ୱ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ତାଙ୍କୁ ମିଳିଥିବା ନୂଆ ସିଟରୁ ଆଲୋଚନାରେ ଭାଗ ନେଇଥିଲେ । ଦାଶରଥି ମଧ୍ୟ ନୂଆ ସିଟ୍‌ରେ ବସିଥିବା ଦେଖିବାକୁ ମିଳିଥିଲା । ଅପରପକ୍ଷେ କଂଗ୍ରେସରୁ ନିଲମ୍ବିତ ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ସିଟ୍ ମଧ୍ୟ ପରିର୍ବନ କରାଯାଇଛି । "ଇ' ବ୍ଲକର ୯ ନମ୍ବର ସିଟ୍‌ରେ ରମେଶ ଚନ୍ଦ୍ର ଜେନା ବସିବେ । ତାଙ୍କ ନିକଟରେ ୧୦ ନମ୍ବର ସିଟ୍‌ରେ, କିନ୍ତୁ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ବସିବେ । ତେବେ ଏହି ବିଧାୟକଙ୍କ ସହିତ କଂଗ୍ରେସର ଅନ୍ୟ କିଛି ବିଧାୟକଙ୍କ ଆସନରେ ମଧ୍ୟ ପରିର୍ବନ ହୋଇଛି । "ଇ' ବ୍ଲକର ସିଟ୍ ନମ୍ବର ୫ରେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ଏବଂ "ଏଫ୍' ବ୍ଲକର ୭ ନମ୍ବର ସିଟ୍‌ରେ ମଙ୍ଗୁ ଖିଲ ବସିବେ ବୋଲି ବିଧାନସଭା ପକ୍ଷରୁ ସୂଚିତ କରାଯାଇଛି । ହେଲେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଉପନେତା ଅଶୋକ କୁମାର ଦାସ, ସଚେତକ ସି ଏସ୍ ରାଜନ ଏକା, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖଙ୍କ ସିଟ୍ ପୂର୍ବ ଭଳି ଅପରିବର୍ତ୍ତିତ ରହିଛି । ତେବେ କଂଗ୍ରେସରୁ ନିଲମ୍ବିତ ବିଧାୟକଙ୍କ ସିଟ୍ ବଦଳାଇବା ପାଇଁ କଂଗ୍ରେସ ପକ୍ଷରୁ ବାଚସ୍ପତିଙ୍କୁ ନିବେଦନ କରାଯାଇଥିଲା । ଏହା ସହିତ ସମ୍ବିଧାନର ୧୦ମ ଅନୁଚ୍ଛେଦ ଅନୁସାରେ ଦଳୀୟ ନିଷ୍ପତ୍ତି ନମାନି କ୍ରସ୍ ଭୋଟିଂ କରିଥିବାରୁ ସୋଫିଆ, ରମେଶ ଓ ଦାଶରଥିଙ୍କର ସଭ୍ୟପଦ ରଦ୍ଦ ହେଉ ବୋଲି କଂଗ୍ରେସ ମଧ୍ୟ ବାଚସ୍ପତିଙ୍କୁ ଅନୁରୋଧ କରିଛି । ତେବେ ବିଜେଡିରୁ ୬ଜଣ ବିଧାୟକ କ୍ରସ୍ ଭୋଟିଂ କରି ନିଲମ୍ବନ ହୋଇଥିଲେ ମଧ୍ୟ ସେମାନଙ୍କ ଆସନ ବଦଳି ପାରିନି । ବିଜେଡିରୁ ନିଲମ୍ବିତ ବିଧାୟକଙ୍କ ମଧ୍ୟରୁ ପ୍ରାୟ କେହି ଆସୁନଥିଲେ ମଧ୍ୟ ବସ୍ତା ବିଧାୟିକା ସୁବାସିନୀ ଜେନା ଆସି ତାଙ୍କର ପୁରୁଣା ଆସନରେ ବସୁଥିବା ଦେଖିବାକୁ ମିଳିଛି । ତେବେ ପୂର୍ବରୁ ବିଜେଡିରୁ ନିଲମ୍ବିତ ହୋଇଥିବା ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଆସନ ପୂର୍ବରୁ ବଦଳି ସାରିଛି । ଦଳ ବାଚସ୍ପତିଙ୍କ ନିକଟରେ ଆବେଦନ କରିବା ପରେ ଏହି ଆସନରେ ପରିର୍ବନ କରାଯାଉଥିବା ବିଧାୟକ ସୂଚନା ଦେଇଛନ୍ତି ।

## କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

# ନାଲ୍‌କୋ କର୍ମଚାରୀଙ୍କ ପାଇଁ 'ଉତ୍ପାଦନ ପ୍ରୋତ୍ସାହନ ରାଶି' ଘୋଷଣା କରିବାକୁ ଅନୁରୋଧ

ଭୁବନେଶ୍ୱର (ସବ୍ୟୁ): ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ର ଶ୍ରମିକ ଓ କର୍ମଚାରୀଙ୍କ ମନୋବଳ ବଢ଼ାଇବା ତଥା ସେମାନଙ୍କର କଠିନ ପରିଶ୍ରମକୁ ସମ୍ମାନ ଜଣାଇ ଚଳିତ ଆର୍ଥିକ ବର୍ଷ ପାଇଁ 'ପ୍ରଡକ୍ସନ ଗିଫ୍ଟ' ବା ଉତ୍ପାଦନ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଷାନ ରେଡ୍ଡୀଙ୍କୁ ଭେଟି ଅନୁରୋଧ କରିଛନ୍ତି । ଆର୍ଥିକ ବର୍ଷ ୨୦୨୪-୨୫ ରେ ନାଲକୋ ୭,୧୩୫ କୋଟି ଟଙ୍କାର ରେକର୍ଡ ଲାଭ (ପିବିଟି) ହାସଲ କରିଛି, ଯାହା କମ୍ପାନୀର ଦକ୍ଷତାକୁ ପ୍ରମାଣିତ କରୁଛି । ଏହି ସଫଳତା ପଛରେ କମ୍ପାନୀର ପ୍ରତ୍ୟେକ ଶ୍ରମିକ ଓ କର୍ମଚାରୀଙ୍କ ନିରନ୍ତର ପ୍ରୟାସ ଏବଂ ନିଷ୍ଠା ରହିଛି ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି । ନାଲକୋର ଭାରତୀୟ ମଜଦୁର୍ ସଂଘ(ବିଏମସି) ସମନ୍ୱୟ କମିଟିର ପ୍ରସ୍ତାବ ଆଧାରରେ ସମୁଦାୟ ଲାଭର କିଛି ଅଂଶକୁ 'ପ୍ରଡକ୍ସନ ଗିଫ୍ଟ' ଭାବେ କର୍ମଚାରୀଙ୍କୁ ପ୍ରଦାନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ପୂର୍ବରୁ ଆର୍ଥିକ ବର୍ଷ ୨୦୨୧-୨୨ରେ ମଧ୍ୟ ସମାନ ଭାବେ କର୍ମଚାରୀଙ୍କୁ



ଏହି ସୁବିଧା ପ୍ରଦାନ କରାଯାଇଥିଲା, ଯାହା ଶ୍ରମିକମାନଙ୍କ ମଧ୍ୟରେ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି କରିଥିଲା । ଏହି ପଦକ୍ଷେପ ଦ୍ୱାରା କର୍ମଚାରୀମାନେ କାମ କରିବା ପାଇଁ ଅଧିକ ପ୍ରୋତ୍ସାହିତ ହେବେ । ସେମାନଙ୍କର ମନୋବଳ ବୃଦ୍ଧି ହେବ । ଫଳସ୍ୱରୂପ ଆଗାମୀ ଦିନରେ କମ୍ପାନୀର ଉତ୍ପାଦନ କ୍ଷମତା ଓ ଲାଭ ବୃଦ୍ଧି କରିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଆଶା ପ୍ରକଟ କରିଛନ୍ତି । ଅନୁଷ୍ଠାନିକ ଉତ୍କର୍ଷତା ଏବଂ ଶ୍ରମିକ କଲ୍ୟାଣକୁ ଦୃଷ୍ଟିରେ ରଖି ଏହି ପ୍ରସ୍ତାବ ଉପରେ ସହୃଦୟତାର ସହ ବିଚାର କରିବାକୁ ଶ୍ରୀ ପ୍ରଧାନ କେନ୍ଦ୍ର ଖଣି ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ଏହି ସାକ୍ଷାତ୍ ସମୟରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ବିଏମଏସି ସମନ୍ୱୟ କମିଟିର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ ।

# ବିମାନବନ୍ଦରରୁ ଅଢେଇ କୋଟି ଟଙ୍କାର ମାରିଜୁଆନା ଜବତ

ଭୁବନେଶ୍ୱର, (ସବ୍ୟୁ) : ବିମାନ ବନ୍ଦରରୁ ପୁଣି ମଙ୍ଗଳବାର ଦିନ ଅଢେଇ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଛି । ଡିଆର୍‌ଆଇ ଏ ସମ୍ପର୍କରେ ସୂଚନା ପାଇବା ପରେ ବିମାନବନ୍ଦର ମୁଖ୍ୟ ଫାଟକ ନିକଟରେ ଜଗି ରହି ନିର୍ଦ୍ଦିଷ୍ଟ ତାମିଲ ବିମାନଯାତ୍ରୀ ଦୁଇଜଣଙ୍କୁ ଯାଞ୍ଚ କରିବା ପରେ ୬କେଜିର ମାରିଜୁଆନା ମିଳିଥିଲା ।

ବ୍ୟାଙ୍କକ୍‌ରୁ ମାରିଜୁଆନା ଧରି ତାମିଲନାଡୁର ଦୁଇ ବିମାନଯାତ୍ରୀ ବିମାନ ବନ୍ଦରରେ ଓହ୍ଲାଇବା ପରେ ସେମାନେ ତାଙ୍କ ଗନ୍ତବ୍ୟସ୍ଥଳକୁ ଯିବାକୁ ଚେଷ୍ଟା କରିଥିଲେ । ହେଲେ ରେଭିନ୍ୟୁ ଗୁଇନ୍ଦା ସମ୍ପୃକ୍ତ ଦୁଇ ଯୁବକଙ୍କୁ ଟାର୍ଗେଟ କରି ଯାଞ୍ଚ ପ୍ରକ୍ରିୟାକୁ ସୁଦୃଢ କରିଥିଲା । ତାମିଲର ଦୁଇ ବିମାନଯାତ୍ରୀଙ୍କ ଆଟାଚରୁ ମାରିଜୁଆନା ମିଳିବା ପରେ ଦୁହିଁଙ୍କୁ ହେପାଜତକୁ ନେଇ ତଦନ୍ତ କରୁଛି । ବିଦେଶରୁ ମାରିଜୁଆନା ଆଣି ଆକାଶ ପଥରେ ଆସିବା ପରେ ଭୁବନେଶ୍ୱର ବିମାନବନ୍ଦରରେ ଓହ୍ଲାଇ ସଡ଼କ ପଥରେ ଯାଇ ଡେଲିଭରି କରିଥାନ୍ତେ



ଦୁଇ ଚାଲାଣକାରୀ । ଭାରତର କେଉଁ ସ୍ଥାନକୁ ସେମାନେ ନିର୍ଦ୍ଦିଷ୍ଟ ଭାବେ ଏହି ମୂଲ୍ୟବାନ ନିଶାକୁ ନେଇ ଯାଉଥିଲେ ତାହା ତଦନ୍ତକାରୀ ଟିମ୍ ଗଣମାଧ୍ୟମକୁ କହିନାହିଁ । ଭୁବନେଶ୍ୱର ବିମାନବନ୍ଦରରୁ ବାରମ୍ବାର କୋଟି କୋଟି ଟଙ୍କାର ମାରିଜୁଆନା ଜବତ ହେବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଆନ୍ତର୍ଜାତୀୟ ନିଶା ମାଫିଆ ଜାତୀୟ ନିଶା ମାଫିଆଙ୍କ ସହ ସମ୍ପର୍କ ସ୍ଥାପନ କରି ଭୁବନେଶ୍ୱର ବିମାନବନ୍ଦର ବାଟେ ଭାରତର ବିଭିନ୍ନ ରାଜ୍ୟକୁ ମାରିଜୁଆନା ଚାଲାଣ କରୁଛନ୍ତି । ଯାହା ଫଳରେ ତଥ୍ୟ ଆଧାରରେ ଡିଆର୍‌ଆଇ ସେମାନଙ୍କୁ ଟ୍ରାକ୍ କରି ଧରିବାରେ ସଫଳ ହେଉଛି । ୬ କେଜି ମାରିଜୁଆନାର ମୂଲ୍ୟ ୬କୋଟି ହେବା କଥା । ହେଲେ ଇତିମଧ୍ୟରେ ମୂଲ୍ୟ ହ୍ରାସ ହୋଇଥିବାରୁ ୬କେଜିର ଦାମ୍ ଅଢେଇ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି ।

## ମିସ୍ତ୍ରୀର ଗଳା କାଟିଦେଲା ହୋଟେଲ ହେଲପର

ଭୁବନେଶ୍ୱର, (ସବ୍ୟୁ) : କୌଣସି କାରଣକୁ ନେଇ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳ ଏକ ହୋଟେଲରେ ମିସ୍ତ୍ରୀର ଗଳାକୁ ଧାରୁଆ ଛୁରିଆରେ ହେଲପର କାଟିଦେବାରୁ ସେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ହୋଟେଲରେ ମିସ୍ତ୍ରୀ ଭାବେ କାମ କରନ୍ତି ଆଶିଷ ମହାନ୍ତି । ସେହି ହୋଟେଲର ହେଲପର କେ.ରାମାରାଓ ସହ କ'ଣ ମିସ୍ତ୍ରୀ କଥା ହେଲେ ଯେ, ସେମାନଙ୍କ ମଧ୍ୟରେ କଳିଝଗଡା ଲାଗିଲା । କେଉଁ କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ଉଗ୍ରରୂପ ନେଲା ତାହା ଜଣାପଡିନାହିଁ । ହେଲେ ହେଲପର ଉତ୍‌କ୍ଷିପ୍ତ ହୋଇ ଧାରୁଆ ଛୁରିରେ ଆଶିଷର ଗଳାକୁ କାଟିଦେଲା । ଏ ସମ୍ପର୍କରେ ଖବର ପାଇ ଚନ୍ଦ୍ରଶେଖରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ଆଶିଷକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ନେଇଥିଲା । ଅବସ୍ଥା ଉଦ୍‌ବେଗଜନକ ଥିବାରୁ ଆଶିଷକୁ ଘରୋଇ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଯାଇଛି । ଅଭିଯୁକ୍ତ ରାମାରାଓକୁ ପୋଲିସ ଅଟକ ରଖି ପଚରାଉଚରା କରୁଛି ।






## ୫ ବର୍ଷରେ ୭୦୬ଙ୍କୁ ମାରିଛି ହାତୀ

ଭୁବନେଶ୍ୱର(ସବ୍ୟୁ): ପାଞ୍ଚ ବର୍ଷରେ ୭୦୬ ମଣିଷଙ୍କୁ ମାରିଛି ହାତୀ । ସେପଟେ ଶିକାର, ବିଦ୍ୟୁତ ଆଘାତ, ଦୁର୍ଘଟଣା, ପ୍ରତିଶୋଧମୂଳକ ହତ୍ୟା, ରୋଗ, ବାର୍ଦ୍ଧକ୍ୟ, ଅନ୍ତଃକନ୍ଦଳ, ଶାବକ ମୃତ୍ୟୁ ପରି ଘଟଣାରେ ୪୩୨ ହାତୀ ମରିଛନ୍ତି । ହାତୀ ମାନେ ସାଧାରଣତଃ ଖାଦ୍ୟ ଓ ପାନୀୟ ଜଳ ଅନ୍ୱେଷଣ ଜଙ୍ଗଲରୁ ଜଙ୍ଗଲକୁ ଘୁରିବୁଲିଥାନ୍ତି । ସେମାନଙ୍କ ଯାତାୟତ ସମୟରେ ବେଳେବେଳେ ଜଙ୍ଗଲ ସନ୍ନିକଟ ଜନବସତି ମୁହାଁ ହୋଇଥାନ୍ତି ଏବଂ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଧନ ଜୀବନ ପ୍ରଭାବିତ ହୋଇ ହାତୀ ମଣିଷ ମଧ୍ୟରେ ସଂଘର୍ଷ ଦେଖାଯାଇଥାଏ । ଗୃହରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି ।

## ଦୁଇ ବର୍ଷରେ ୧୪ ମୁଣ୍ଡ ନେଲାଣି ଆମ ବସ୍

ଭୁବନେଶ୍ୱର(ସବ୍ୟୁ): ବିଧାନସଭାରୁ ଆସିଲା ସାଙ୍ଘାତିକ ତଥ୍ୟ । ଦୁଇ ବର୍ଷରେ ୩୨ଟି ଦୁର୍ଘଟଣା ଘଟାଇଛି ଆମ ବସ୍ । ୩୨ଟି ଦୁର୍ଘଟଣାରେ ୧୪ ଜଣଙ୍କ ଜୀବନ ଯାଇଥିବା ବେଳେ ୧୮ ଜଣ ଗୁରୁତର ହୋଇଛନ୍ତି । ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ବିଧାୟକ ସାଗର ଚନ୍ଦ୍ର ଦାସଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଥିଲେ, ୨୦୨୪ରେ ଆମ ବସ ଧକ୍କାରେ ୧୭ ମୃତାହତ ହୋଇଥିବା ବେଳେ ୨୦୨୫ରେ ୧୫ ଜଣ ମୃତାହତ ହୋଇଛନ୍ତି । ୨୦୨୪ରୁ ୨୦୨୫ ମଧ୍ୟରେ ଆମ ବସ୍ ଦୁର୍ଘଟଣାରେ ଭୁବନେଶ୍ୱରରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୨ ଜଣ ଗୁରୁତର ଆହତ ହୋଇଥିଲେ । ସେହିପରି କଟକରେ ୨ ଜଣ ମୃତ୍ୟୁ ଓ ୨ ଜଣ ଗୁରୁତର ଆହତ, ପୁରୀରେ ଜଣେ ଗୁରୁତର ଆହତ, ରାଉରକେଲାରେ ଜଣେ ମୃତ ଓ ଜଣେ ଗୁରୁତର ଆହତ, ସମ୍ବଲପୁରରେ ଜଣେ ଗୁରୁତର ଆହତ, ବ୍ରହ୍ମପୁରରେ ଜଣେ ଗୁରୁତର ଆହତ ହୋଇଥିଲେ । ଦୁଇ ବର୍ଷରେ ଦୁର୍ଘଟଣାରେ ମୋଟ ୩୨ ଜଣ ମୃତାହାତ ହୋଇଛନ୍ତି ।

# ୨୦୨୫ରେ ୧୫୯ ଶିଶୁ ଶ୍ରମିକ ଉଦ୍ଧାର

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ୫୧,୮୯,୦୦୦ ଜଣ ନିର୍ମାଣ ଶ୍ରମିକ ପଞ୍ଜୀକୃତ ଅଛନ୍ତି । ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୬୦ଟି ବର୍ଗରେ ୪,୪୦,୯୫୨ ଜଣ ଅଣସଂଗଠିତ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇଛି । ୨୦୨୫ରେ ୧୫୯ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ବିଧାନସଭାରେ ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି ଯେ, ବାହାରକୁ ଯାଉଥିବା ପ୍ରବାସୀ ଶ୍ରମିକମାନେ ଗ୍ରାମପଞ୍ଚାୟତ ସ୍ତରରେ ଓ ଅନଲାଇନ ମାଧ୍ୟମରେ ସ୍ୱେଚ୍ଛାକୃତ ପଞ୍ଜୀକରଣ କରିବାର ବ୍ୟବସ୍ଥା ରହିଛି । ରାଜ୍ୟରେ ବିଭିନ୍ନ ସମୟରେ ଶ୍ରମ ଅଧିକାରୀମାନେ ଯାଞ୍ଚ ମାଧ୍ୟମରେ ଶିଶୁ ଶ୍ରମିକ ଉଦ୍ଧାର କରିଥାନ୍ତି । ବାଧ୍ୟବାଧକତାରେ ଶିଶୁ ଶ୍ରମିକ ନହୋଇ ପାଠ ପଢ଼ିବା ଓ ଶିଶୁ ଅଧିକାରର ସଚେତନତା ନିମନ୍ତେ ବିଭିନ୍ନ ସ୍ତରରେ କାର୍ଯ୍ୟକ୍ରମ କରାଯାଇଥାଏ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ଖଣି, ଶିଳ୍ପ ଲାଗି ବଳିପଡ଼ିଛି ୩.୭୨ ଲକ୍ଷ ଗଛ

ଭୁବନେଶ୍ୱର,(ସବ୍ୟୁ) : ରାଜ୍ୟର ୫ ବର୍ଷରେ ଖଣି ଓ ଶିଳ୍ପ କାରଖାନା ପାଇଁ ୧୨,୭୬୯.୦୬୪ ହେକଫର ଜଙ୍ଗଲ ଜମି ଅପସାରିତ ହୋଇଛି । ଏଥିପାଇଁ ୩ ଲକ୍ଷ ୭୨ ହଜାର ୪୧୮ ଗୋଟି ଗଛ କଟାଯାଇଛି । ବିଧାୟକ ସାରଦା ପ୍ରସାଦ ନାୟକଙ୍କ ପ୍ରଶ୍ନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଏହି ଉତ୍ତର ରଖିଛନ୍ତି । ମନ୍ତ୍ରୀ କହିଥିଲେ, ବନ ସଂରକ୍ଷଣ ଏବଂ ସମ୍ବର୍ଦ୍ଧନ ଅଧିନିୟମ ୧୯୮୦ ମୁତାବକ କ୍ଷତିପୂରଣ ବନୀକରଣ ନିମନ୍ତେ ୧୨,୯୩୩.୪୧୬ ହେକଫର ଅଣଜଙ୍ଗଲ ଜମି ସମ୍ପୃକ୍ତ ବ୍ୟବହାରିକ ସଂସ୍ଥାଠାରୁ ପ୍ରାପ୍ତ ହୋଇଛି । ସେଥିମଧ୍ୟରୁ ୮,୨୮୭.୨୪୯ ହେକଫର ଜମିରେ ବନୀକରଣ ସମ୍ପୂର୍ଣ୍ଣ ହୋଇଛି ।

### ଓଡିଶାରେ ଜଳ ପରିଚାଳନାରେ ନୂତନ ଅଧ୍ୟାୟ: ଜଳ ଜୀବନ ମିଶନ ୨.୦

# 'ହର୍ ଘର୍ ଜଲ୍' ଲକ୍ଷ୍ୟ ପୂରଣ ପାଇଁ ଓଡିଶାରେ ସ୍ୱଷ୍ଟ ରୋଡମ୍ୟାପ ପ୍ରସ୍ତୁତ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡିଶାରେ ଜଳ ଜୀବନ ମିଶନ ୨.୦ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ନୂଆଦିଲ୍ଲୀ ଠାରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରାଳୟ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ନୂଆଦିଲ୍ଲୀ ରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର୍ ପାଟିଲ ଏବଂ ରାଷ୍ଟ୍ର ମନ୍ତ୍ରୀ ବି. ସୋମନ୍ନା ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ପାଇଁ ଜଳ ଜୀବନ ମିଶନ ଆରମ୍ଭ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଧନ୍ୟବାଦ ଜଣାଇ କହିଥିଲେ ଯେ, ଦେଶର ୭୭.୩ ପ୍ରତିଶତ ପରିବାରକୁ ଏପର୍ଯ୍ୟନ୍ତ ଟ୍ୟାପ୍ ସଂଯୋଗ ମିଳିଛି। କେନ୍ଦ୍ର କ୍ୟାବିନେଟ ଦ୍ୱାରା ଏହି ମିଶନର ସମ୍ପ୍ରସାରଣ ୨୦୨୮ ପର୍ଯ୍ୟନ୍ତ ଅନୁମୋଦନ ମିଳିଥିବା ଓ 'ହର ଘର ଜଳ' ଲକ୍ଷ୍ୟ ପୂରଣ ପାଇଁ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସେ କହିଥିଲେ।



ସେ କହିଥିଲେ ଯେ, ଜଳ ଜୀବନ ମିଶନ ୨.୦ ଅନୁଯାୟୀ ରାଜ୍ୟ ସରକାର ଏକ ସ୍ୱଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ସୁଜଳମ୍ ଭାରତ ପ୍ଲାଟଫର୍ମ ମାଧ୍ୟମରେ ପ୍ରାୟ ୫,୦୦୦ ଗ୍ରାମୀଣ ପାଇପ୍ ଜଳ ଯୋଜନାର ଓଉ ପ୍ରସ୍ତୁତ କରାଯାଇଛି ଓ ସମସ୍ତ ଯୋଜନାର ବିତ୍ତୀୟ ସମନ୍ୱୟ ସମ୍ପନ୍ନ ହୋଇଛି। ଓଡିଶାରେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଦିନକୁ ୭୦ ଲିଟର ପାନୀୟ ଜଳ ବ୍ୟବସ୍ଥା କରାଯାଇଥିବା ବେଳେ, ଏହି ମିଶନରେ ରାଜ୍ୟ ସରକାର ପ୍ରାୟ ୪୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଛନ୍ତି। ବସୁଧା ହେଲ୍ପଲାଇନ୍, ହ୍ୱାଟ୍ସଆପ୍ ସେବା ଓ ଡିଜିଟାଲ୍ ଗ୍ରିଭାନ୍ସ ପ୍ଲାଟଫର୍ମ ମାଧ୍ୟମରେ ସିଟିଜେନ୍-ସେଣ୍ଟ୍ରିକ୍ ସେବାକୁ ଶକ୍ତିଶାଳୀ କରାଯାଇଛି। ୩୦ଟି ଜିଲ୍ଲାରୁ ୨୫ଟି ଜିଲ୍ଲାରେ "ଜଳ ଅର୍ପଣ ଦିବସ" ସଫଳତାର ସହିତ ପାଳନ ହୋଇଛି। ବାକି ସବୁ ଜିଲ୍ଲାରେ ମଧ୍ୟ ଶୀଘ୍ର କରାଯିବ।

ଏହି ଅବସରରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି. ଆର ପାଟିଲ କହିଥିଲେ ଯେ ୨୦୨୪ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନା ୨୦୨୬-୨୦୨୮ ପର୍ଯ୍ୟନ୍ତ ଜଳ ଜୀବନ ମିଶନ ୨.୦ ମାଧ୍ୟମରେ ସମ୍ପ୍ରସାରିତ କରାଗଲା । ଏହି ମିଶନ ମହିଳାଙ୍କ ଜୀବନରେ ସୁଧାର ଆଣିବ । ଓଡ଼ିଶାରେ ଯେଉଁଠାରେ ପାଣିର ଅଭାବ ରହିଛି ସେଠାରେ ପାଣିର ଉପଲବ୍ଧତାକୁ ସୁନିଶ୍ଚିତ କରିବା ଏହି ମିଶନ ।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, କେନ୍ଦ୍ର ପାନୀୟ ଜଳ ଓ ସ୍ୱଚ୍ଛତା ବିଭାଗ ସଚିବ ଅଶୋକ ମୀନା ,ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର , ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର-ତଥା -ସଚିବ ଗିରିଶ ଏସ୍.ଏନ୍ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ସମୀକ୍ଷା ବୈଠକ

# ଏସ୍‌ଓପିର କଡ଼ାକଡ଼ି ଅନୁପାଳନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ଆସନ୍ନ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଏବଂ ମାର୍ଗଦର୍ଶିକାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ବୈଠକରେ ପୌର ପ୍ରଶାସନର ପ୍ରସ୍ତୁତିର ବିସ୍ତୃତ ସମୀକ୍ଷା କରିଛନ୍ତି। ବୈଠକ ପ୍ରାରମ୍ଭରେ ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ପଦକ୍ଷେପ ନେବା ଜରୁରୀ। ସହରାଞ୍ଚଳରେ ଅତ୍ୟାବଶ୍ୟକ ନାଗରିକ ସେବା ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ସେ ଗୁରୁତ୍ୱାରୋପ କରିଥିଲେ। ଡଃ ମହାପାତ୍ର ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ପୌର ସଂସ୍ଥାଗୁଡ଼ିକୁ ନିର୍ଦ୍ଧାରିତ ଏସଓପି ଅନୁଯାୟୀ କାର୍ଯ୍ୟ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ନିର୍ଦ୍ଦେଶାବଳୀକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ସେ ଦୋହରାଇଛନ୍ତି। ବିଶେଷ କରି ବିଶ୍ରାମ ପାଇଁ ଛାଇ ସ୍ଥାନ ଏବଂ ଜନଗହଳି ପୂର୍ଣ୍ଣ ସ୍ଥାନରେ ଥଣ୍ଡା ପରିବେଶ ସୃଷ୍ଟି କରିବା ପାଇଁ ବ୍ୟବସ୍ଥା କରିବାକୁ କୁହାଯାଇଛି। ଜିଲ୍ଲା ସ୍ତରୀୟ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ କ୍ଷେତ୍ର ସ୍ତରରେ ଏହାର କାର୍ଯ୍ୟକାରିତା ଉପରେ ନଜର ରଖିବାକୁ ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଦାୟିତ୍ୱ ଦିଆଯାଇଛି। ସମସ୍ତ ପୌର



ଆଲୋଚ୍ୟ ସୂଚୀ ଉପସ୍ଥାପନ କରିବା ସହ ଗ୍ରୀଷ୍ମ ପ୍ରବାହ ପାଇଁ ଧାର୍ଯ୍ୟ କରାଯାଇଥିବା ଏସଓପି ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକ ଦ୍ୱାରା ନିଆଯିବାକୁ ଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ।

ଆଭାସୀ ମାଧ୍ୟମରେ ବରିଷ୍ଠ ପଦାଧିକାରୀମାନଙ୍କୁ ସମ୍ବୋଧିତ କରି ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଗ୍ରୀଷ୍ମ ପ୍ରବାହର ବିପଦକୁ ହ୍ରାସ କରିବା ପାଇଁ ସକ୍ରିୟ ଏବଂ ସମନ୍ୱିତ ନିରବଚ୍ଛିନ୍ନ ଏବଂ ସମାନ ଭାବେ ଜଳ ଯୋଗାଣ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରବଳ ଗ୍ରୀଷ୍ମ ସମୟରେ ଯେପରି ଜଳ ଯୋଗାଣରେ କୌଣସି ସମସ୍ୟା ନଉପୁଜେ, ସେଥିପାଇଁ 'ୱାଟକୋ' ଏବଂ ଜନସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସମସ୍ତ ମହାନଗର ନିଗମର କମିଶନର ଏବଂ ପୌରପାଳିକା ଓ ଏନଏସି (ଘଇଉ) ର ନିର୍ବାହୀ ଅଧିକାରୀମାନଙ୍କୁ ସ୍ଥାନୀୟ ସ୍ତରରେ ପାନୀୟ ଜଳ କେନ୍ଦ୍ର (ଜଳଛତ୍ର), ସଂସ୍ଥାଗୁଡ଼ିକୁ ୨୪x୭ ନିୟନ୍ତ୍ରଣ କକ୍ଷ (କଣ୍ଟ୍ରୋଲ ରୁମ୍) କାର୍ଯ୍ୟକ୍ଷମ କରିବା ସହ ଏକ ସ୍ୱତନ୍ତ୍ର ହେଲ୍ପଲାଇନ ନମ୍ବର ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଏସଓପିର ସୂଚାରୁ ପାଳନ ଉପରେ ଗୁରୁତ୍ୱ ଦେବା ସହ କ୍ଷେତ୍ର ସ୍ତରରେ ଏହାର ପ୍ରଭାବୀ କାର୍ଯ୍ୟକାରିତା ପାଇଁ ନିରନ୍ତର ତଦାରଖ ଏବଂ ଉତ୍ତରଦାୟିତ୍ୱ ରକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି।

## ଜିଲ୍ଲା ମୋଟର୍ସ ଚାଳକ ସଂଘ ପକ୍ଷରୁ ଖୋଲିଲା ଜଳ ଛତ୍ର

ଖୋର୍ଦ୍ଧା, (ସବ୍ୟୁ): ଚଳିତ ବର୍ଷ ଗ୍ରୀଷ୍ମ ମାସ ନ ହେଉଣୁ ଜଳ ସଙ୍କଟ ଆରମ୍ଭ ହେଲାଣି। ଜିଲ୍ଲା ପ୍ରଶାସନ ତରଫରୁ ରୌଦ୍ର୍ୟ ତାପ ମୁକାବିଲା ଲାଗି ବିଭିନ୍ନସ୍ତର ରେ ନିର୍ଦ୍ଦେଶ ନାମା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସମବାୟ ବ୍ୟାଙ୍କ ଛକ ଠାରେ ଜିଲ୍ଲା ମୋଟର୍ସ ଚାଳକ ସଂଘ ପକ୍ଷରୁ ଏକ ଜଳ ଛତ୍ର ସେବା ଆରମ୍ଭ କରାଯାଇଛି। ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, କାଉନ୍ସିଲର ଅଜିତ୍ ମହାପାତ୍ର, ସାଂସଦ ପ୍ରତିନିଧି ଦିଲିପ କୁମାର ହୋତା ପ୍ରମୁଖ ଯୋଗ ଦେଇ ଏହି ସେବା କୁ ଉଦ୍ଘାଟନ କରିଥିଲେ। ରାସ୍ତା ରେ ଯାଉଥିବା ଯାତ୍ରୀ ମାନଙ୍କୁ ଦହି ପଣା ସହ ପାନୀୟ ଜଳ ବଂଟନ କରିଥିଲେ। ମୋଟର୍ସ ଚାଳକ ସଂଘ ର ସଭାପତି ପଙ୍କଜ ଲୋଚନ ବେହେରା,ସମ୍ପାଦକ ସୂର୍ଯ୍ୟ ନାରାୟଣ ସେନାପତି, କ୍ଷୀରୋଦ କୁମାର ସାହୁ, ହେମନ୍ତ କୁମାର ସାହୁ, ତ୍ରିଲୋଚନ ସେନାପତି ପ୍ରମୁଖ ପରିଚାଳନା କରିଥିଲେ। ଏହି ଜଳଛତ୍ର ଶିବିର କୁ ପୌର ପରିଷଦ ପକ୍ଷରୁ ସହଯୋଗ ପ୍ରଦାନ କରାଯିବ ବୋଲି ପୌରାଧ୍ୟକ୍ଷା ପ୍ରତିଶ୍ରୁତି ଦେଇ ଥିଲେ।

## ନିଶାମୁକ୍ତି ସମାଜ ଲକ୍ଷ୍ୟରେ ଗଣଦୌଡ

ଖୋର୍ଦ୍ଧା (ସବ୍ୟୁ): ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଖୋର୍ଦ୍ଧା ପକ୍ଷରୁ ନିଶା ଠାରୁ ମୁକ୍ତି ସମାଜ ଲକ୍ଷ୍ୟ ନେଇ ସ୍ୱାସ୍ଥ୍ୟ ପାଇଁ ଗଣଦୌଡ଼ ସଚେତନତା ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି। ଷ୍ଟାଡିୟମ ନିକଟରୁ ଗଣଦୌଡ ଆରମ୍ଭ କରାଯାଇ ସହର ପରିକ୍ରମା କରିବା ସହ ନୂଆ ବସଷ୍ଟାଣ୍ଡ ଦେଇ ଷ୍ଟାଡିୟମ ରେ ସମାପ୍ତି ହୋଇଥିଲା। ଯୁବ ସମାଜ ଦେଶ ର ଭବିଷ୍ୟତ। ଦେଶ ର ସମ୍ବଳ। ଯୁବଗୋଷ୍ଠି ନିଶା ରୁ ପଥଭ୍ରଷ୍ଟ ହେଉଛନ୍ତି। ନିଶା ନାଶ କରିଦେବ। ନିଶା ଠାରୁ ଦୂରେଇ ରୁହନ୍ତୁ ବୋଲି ସଚେତନତା ବାର୍ତ୍ତା ଦେଇଥିଲେ। ମର୍ଣ୍ଣିଂଷ୍ଟାର୍ କ୍ଲବ, ସେବା ସଦନ, ନିଉ ଲାଇଫ ନିଶା ନିବାରଣ କେନ୍ଦ୍ର ସମେତ ବିଭିନ୍ନ କଲେଜ ଛାତ୍ର, ସ୍ୱେଚ୍ଛାସେବୀମାନେ ଏଥିରେ ସାମିଲ ହୋଇଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସହ ସମ୍ପାଦକ ସନ୍ତୋଷ ଶ୍ରୀଚନ୍ଦନ, ଅଭିମନ୍ୟୁ ଘଟୁଆଳ, ହୃଷୀକେଶ ବେହେରା, ରଞ୍ଜନ ବରାଳ, ରଶ୍ମି ରଞ୍ଜନ ମିଶ୍ର, ଜିତେନ୍ଦ୍ର ବେହେରା, କ୍ରୀଡାବିତ ଶୁଭେନ୍ଦୁ ସ୍ୱାଇଁ, ଗୋଭକ୍ତ ରାଧାମୋହନ ପ୍ରଧାନ, ରିଅଲ ଲାଇଫ୍ ର ପ୍ରତାପ ବଳିୟାରସିଂହ, ସେବା ସଦନ ର ଦେବାଶିଷ ପ୍ରଧାନ, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ଉଦିତ ପ୍ରହରାଜ, ସହ ସଂଯୋଜକ ଏସ.ଏମ୍. ଦିବ୍ୟପ୍ରକାଶ, ସତ୍ୟଜିତ ବେହେରା, ଜ୍ୟୋତିରଞ୍ଜନ ସ୍ୱାଇଁ, ଜ୍ୟୋତି ପ୍ରକାଶ ବାରିକ, କୌଶିକ ବରାଳ ପ୍ରମୁଖ ଯୋଗ ଦେଇଥିଲେ।

### ଏଲ୍ଆଇସି ଆଞ୍ଚଳିକ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

# ଜଳିଗଲା ୨ଟି ଗୃହ ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର

କଟକ,(ସବ୍ୟୁ): ପୁଣି କଟକରେ ଅଗ୍ନିକାଣ୍ଡ । ଏସ୍‌ସିବିରେ ଅଗ୍ନିକାଣ୍ଡ ଘଟଣା ଲୋକଙ୍କ ମନରୁ ନଲିଭୁଣୁ ବାଦାମବାଡ଼ି ଥାନା ଅନ୍ତର୍ଗତ ଲିଙ୍କରୋଡ୍ ଅଞ୍ଚଳରେ ଥିବା ଆଞ୍ଚଳିକ ଜୀବନବୀମା କାର୍ଯ୍ୟାଳୟ(ଏଲ୍ଆଇସି ଅଫିସ)ରେ ନିଆଁ ଲାଗିଥିଲା । ଆଜି ଭୋର୍ ସମୟରେ ଅଗ୍ନିକାଣ୍ଡ ଘଟି ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନଥିବା ବେଳେ ବିଦ୍ୟୁତ୍ ସର୍ଟ ସର୍କିଟ କାରଣ'ରୁ କାର୍ଯ୍ୟାଳୟରେ ୨ଟି ରୁମ୍ ପୋଡ଼ି ଯାଇଛି । ଏହି ରୁମ୍‌ରେ ରହିଥିବା ଏଲ୍ଆଇସି ଗ୍ରାହକଙ୍କ କାଗଜପତ୍ର ଠାରୁ ଆରମ୍ଭ କରି ବିଦ୍ୟୁତ୍ ୱେୟାରିଂ, ଇଲେକ୍ଟ୍ରିକ୍ ବୋର୍ଡ, ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର୍, ଆକ୍ୱାଗାର୍ଡ ଇତ୍ୟାଦି ପୋଡ଼ି ଯାଇଥିବା ଜଣାପଡ଼ିଛି । ପ୍ରାଥମିକ ଆକଳନରୁ କେତେ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଅଗ୍ନିକାଣ୍ଡ ଘଟିଥିବା ଆଞ୍ଚଳିକ ଜୀବନବୀମା କାର୍ଯ୍ୟାଳୟରେ ଆଦୌ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିଲା ବୋଲି ଅଗ୍ନିଶମ କର୍ମଚାରୀ ସୂଚନା ଦେଇଥିବା ବେଳେ ଏଲ୍ଆଇସି କାର୍ଯ୍ୟାଳୟର ଅଫିସର ଏହାକୁ ଅସ୍ୱିକାର କରିଛନ୍ତି । ଅନ୍ୟପଟେ ଏକ ବଡ଼ ଧରଣର ବିପତ୍ତି ଟଳି ଯାଇଛି । ଯଦି ନିଆଁକୁ ଠିକ୍ ସମୟରେ ଲିଭା ଯାଇନଥାଆନ୍ତା, ତେବେ ସ୍ଥାନୀୟ ଅଞ୍ଚଳରେ ରହିଥିବା ଅନେକ ଧନଜୀବନ ଅଗ୍ନିକାଣ୍ଡରେ ଭସ୍ମିଭୂତ ହୋଇ ଥାଆନ୍ତା ବୋଲି ରେସ୍କ୍ୟୁଟିମ୍‌ରେ ଥିବା କର୍ମଚାରୀମାନେ କହିଛନ୍ତି ।

ସୂଚନା ଅନୁଯାୟୀ, ଲିଙ୍କ୍ ରୋଡ୍‌ରେ ଥିବା ଏଲ୍ଆଇସି କାର୍ଯ୍ୟାଳୟରେ ବିଦ୍ୟୁତ୍ ସର୍ଟସର୍କିଟ୍ ଯୋଗୁଁ ଆଜି ଭୋର୍ ୫ଟା୪୫ ମିନିଟ୍‌ରେ ନିଆଁ ଲାଗିଥିବା ବିଷୟରେ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରକୁ ପ୍ରଥମେ ଖବର ମିଳିଥିଲା । ଏହାପରେ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରର ଏକ ରେସ୍କ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ସମୁଦାୟ ୨୨ଜଣ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇଥିବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ଦୀର୍ଘ ୨ଘଣ୍ଟାର ରେସ୍କ୍ୟୁ ଅପରେସନ୍ ପରେ ନିଆଁ ଆୟତ୍ତକୁ ଆସିଥିଲା । ନିଆଁର ପ୍ରକୋପ ଏତେ ଅଧିକ ନଥିବା ଯୋଗୁଁ ସମଗ୍ର କାର୍ଯ୍ୟାଳୟଟି ଧୂଆଁମୟ ହୋଇଯାଇଥିଲା । ଧୂଆଁ ପାଇଁ ନିଆଁ ଲାଗିଥିବା ସ୍ଥାନରେ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ପାରିନଥିଲେ । ପ୍ରଥମେ ସ୍ମୋକ୍ ଏକ୍ସଟିଙ୍ଗୱିସର୍ ଲଗାଯାଇ ଧୂଆଁକୁ ନିୟନ୍ତ୍ରଣ କରାଯାଇଥିଲା । ଏହାପରେ ଫୋମ୍ ମାଡ଼ କରାଯାଇଥିଲେ ମଧ୍ୟ ନିଆଁ ଆୟତ୍ତକୁ ଆସିନଥିଲା । ଦମକଳ କେନ୍ଦ୍ର କର୍ମଚାରୀମାନେ ବାଧ୍ୟ ହୋଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ପାଣି ମାଡ଼ କରିଥିଲେ । ୨ଟି ଦମକଳ ଗାଡ଼ି ପାଣି ମାଡ଼ କଲାପରେ ନିଆଁ ଲିଭିଥିଲା । ନିୟମ ଅନୁସାରେ, କାର୍ଯ୍ୟାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିବା ଜରୁରୀ । କିନ୍ତୁ କୌଣସି ପ୍ରକାର ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯାଇନଥିଲା । ଯେତେବେଳେ ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଥିଲେ ସେତେବେଳେ କାର୍ଯ୍ୟାଳୟ ଭିତରେ ଆଦୌ ସ୍ପ୍ରିଙ୍କଲର୍ କି ଫାୟାର୍ ଏକ୍ସଟିଙ୍ଗୱିସର୍ ନଥିଲା । ଏହାକୁ ଅଗ୍ନିଶମ ବିଭାଗ ପକ୍ଷରୁ ଗୁରୁତ୍ୱର ସହିତ ଗ୍ରହଣ କରାଯାଇଛି ।

### କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ନେତୃତ୍ୱରେ ରେଳ ମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶାର ସାଂସଦ ପ୍ରତିନିଧି ଦଳ

# ଖଡ଼ଗପୁର ଠାରେ ଆଇସିଏକୁ ଦୀର୍ଘ ଦିନରୁ ପଡ଼ି ରହିଥିବା ଜମି ଯୋଗାଇ ଦେବାକୁ ଅନୁରୋଧ

ଭୁବନେଶ୍ୱର (ସବ୍ୟୁ): ଖଡ଼ଗପୁର ସ୍ଥିତ 'ରେଲୱେ ଏମ୍ପ୍ଲୋଇ କଲଚରାଲ ଆସୋସିଏସନ' (ଜରଉଇ) ର ଦୀର୍ଘ ଦିନରୁ ପଡ଼ି ରହିଥିବା ଜମି ଆବଣ୍ଟନ ସମସ୍ୟାର ସମାଧାନ ପାଇଁ ଆଜି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓଡ଼ିଶାର ସାଂସଦମାନଙ୍କ ଏକ ପ୍ରତିନିଧି ଦଳ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଖଡ଼ଗପୁରର ନ୍ୟୁ ସେଟେଲମେଣ୍ଟ ଅଞ୍ଚଳରେ ଥିବା ପ୍ରାୟ ୫୯୧୫ ବର୍ଗ ମିଟର ପରିମିତ ରେଳ ଜମିକୁ 'ରେଲୱେ ଏମ୍ପ୍ଲୋଇଜ୍ କଲଚରାଲ ଆସୋସିଏସନ' ନାମରେ ନିୟମିତ କରିବା ପାଇଁ ସାଂସଦମାନେ ଦାବି କରିଛନ୍ତି । ଏହି ପ୍ରସଙ୍ଗ ପ୍ରାୟ ତିନି ଦଶନ୍ଧିରୁ ଅଧିକ ପୁରୁଣା । ୧୯୯୯ ମସିହା ମାର୍ଚ୍ଚ ୮ରେ ଓଡ଼ିଶାର ତତ୍କାଳୀନ ସାଂସଦମାନେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଏ ପ୍ରସଙ୍ଗରେ ପତ୍ର ଲେଖିଥିଲେ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପିତା ସ୍ୱର୍ଗତ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡାକ୍ତର ଦେବେନ୍ଦ୍ର ପ୍ରଧାନ ୧୯୯୯ ମାର୍ଚ୍ଚ ୧୫ରେ ମଧ୍ୟ ଏହି ଜମି ଆବଣ୍ଟନ ପାଇଁ ସେ ସମୟରେ କେନ୍ଦ୍ର ରାଷ୍ଟ୍ର ରେଳ ମନ୍ତ୍ରୀ ଶ୍ରୀ ରାମ ନାଏକଙ୍କୁ ଅନୁରୋଧ କରିଥିଲେ ।



ଓଡ଼ିଶାର ସାଂସଦମାନେ ଦାବୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୧୯୮୯ ମସିହାରୁ ଏହି ଆସୋସିଏସନ ଖଡ଼ଗପୁର ଭଳି ଏକ ବହୁଭାଷୀ ରେଳ ସହରରେ କର୍ମଚାରୀଙ୍କ ମଧ୍ୟରେ ସାଂସ୍କୃତିକ ଏକତା, ସାମାଜିକ କଲ୍ୟାଣ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ମାଧ୍ୟମରେ ଓଡ଼ିଆ ସଂସ୍କୃତିର ପ୍ରଚାର ପ୍ରସାର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ରେଳ ବିଭାଗର ଆଭ୍ୟନ୍ତରୀଣ ରିପୋର୍ଟ ଅନୁଯାୟୀ, ଆସୋସିଏସନ ଦୀର୍ଘ ଦିନରୁ ଏହି ଜମି ବ୍ୟବହାର କରୁଛି ଏବଂ ସେଠାରେ ସ୍କୁଲ, ମନ୍ଦିର ଓ ଅନ୍ୟାନ୍ୟ ଜନହିତକର ଭିତ୍ତିଭୂମି ରହିଛି । ଦକ୍ଷିଣ ପୂର୍ବ ରେଳବାଇର ଡିଭିଜନାଲ ରେଲୱେ ମ୍ୟାନେଜର (ଡ଼ିଆରଏମ/କେଜିପି) ଏବଂ ଅନ୍ୟାନ୍ୟ ଅଧିକାରୀମାନେ ପୂର୍ବରୁ ଏହି ଜମି ନିୟମିତକରଣ ପାଇଁ ସୁପାରିଶ କରିସାରିଛନ୍ତି ।

ତେବେ ଜମି ଆବଣ୍ଟନ ନହେବା ତଥା ଏଥିରେ ଅହେତୁକ ବିଳମ୍ବ କାରଣରୁ ସଂଘର ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ତେଣୁ, ଏହାକୁ ଏକ 'ସ୍ୱତନ୍ତ୍ର ମାମଲା' ଭାବେ ବିଚାର କରି ରେଳ କର୍ମଚାରୀ ଓ ସାଧାରଣ ଜନତାଙ୍କ ସୁବିଧା ପାଇଁ ଏହି ଜମିକୁ ତୁରନ୍ତ ଆବଣ୍ଟନ କରିବାକୁ ଓଡ଼ିଶାର ସାଂସଦମାନେ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ରେକା କେବଳ ଧାର୍ମିକ କାର୍ଯ୍ୟରେ ସୀମିତ ନରହି ଜାତୀୟ ସଂହତି ଏବଂ ସାମାଜିକ ସଦଭାବନା ରକ୍ଷା କରିବାରେ ଏକ ପ୍ରମୁଖ ଭୂମିକା ନିଭାଇ ଆସୁଛି । ଏହାର ସ୍ଥାୟୀ ସମାଧାନ ହେଲେ ଖଡ଼ଗପୁରରେ ରହୁଥିବା ବିଭିନ୍ନ ପ୍ରାନ୍ତର ରେଳ କର୍ମଚାରୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ । ପ୍ରକାଶ ଥାଉକି, ଓଡ଼ିଶାର ସାଂସଦମାନେ ଏ ସମ୍ପର୍କିତ ସମସ୍ତ ତଥ୍ୟ ଚିଠି ସହ ସଲଗ୍ନ କରିଛନ୍ତି ।

## ଅଗ୍ନିକାଣ୍ଡରେ ଜଳିଗଲା ୩ବଖରା

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ବ୍ଲକ ବାଜପୁର ପଂଚାୟତ ଅନ୍ତର୍ଗତ ରାୟରଙ୍ଗ ବ୍ରାହ୍ମଣସାହି ରେ ଆଜି ଅଗ୍ନିକାଣ୍ଡରେ ୩ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ଅଗ୍ନିସମ ବାହିନୀ ପହଁଚି ନିଆଁକୁ ଆୟତ କରିଥିଲେ। ପ୍ରକାଶ ଥାଉକି, ଆଜି ଦିନ ପ୍ରାୟ ସାଢେ ୯ଟା ସମୟରେ ରାୟରଙ୍ଗ ବ୍ରାହ୍ମଣସାହି ର ଶ୍ରୀବତ୍ସ୍ୟ ଷଡଙ୍ଗିଙ୍କ ଚାଳଘରେ ନିଆଁ ଲାଗିଥିଲା। ଅନାଉ ଅନାଉ ନିଆଁ ପ୍ରଦୀପ ଓ ଦୁର୍ଗାପ୍ରସାଦ ଷଡଙ୍ଗୀଙ୍କ ଘରକୁ ବ୍ୟାପିଥିଲା। ସ୍ଥାନୀୟଲୋକ ନିଆଁ ଲିଭାଇବାକୁ ଉଦ୍ୟମ କରିଥିବାବେଳେ ଖବର ପାଇ ଅଗ୍ନିସମବାହିନୀ ପହଁଚି ଦୀର୍ଘ ସମୟପରେ ନିଆଁକୁ ଆତ କରିଥିଲେ। ଏଥିରେ ଘରେ ରହିଥିବା ଧାନବସ୍ତା ସମେତ ଅନ୍ୟାନ୍ୟ ଆସବାବପତ୍ର ପୋଡି ପାଉଁଶ ହୋଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନଥିବାବେଳେ ବିଦ୍ୟୁତ୍ ସର୍ଟସର୍କିଟ ବୋଲି ଅଗ୍ନିସମ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ଅଗ୍ନିକାଣ୍ଡରେ ପ୍ରାୟ ୩ଲକ୍ଷ ଟଙ୍କା ର ସମ୍ପତି ପୋଡିଥିବା ସହକାରୀ ଅଗ୍ନିସମ ଅଧିକାରୀ ମୀନକେତନ ବେହେରା ସୂଚନା ଦେଇଛନ୍ତି।

### ନୀଳକଇଁ କ୍ରିଏସନ ପକ୍ଷରୁ

# ଗଜଲ ସନ୍ଧ୍ୟା ଓ 'ସପ୍ତମ ଋତୁର ଜହ୍ନ' ର ସିଡି ଉନ୍ମୋଚନ

ଭୁବନେଶ୍ୱର, (ସବ୍ୟୁ): ନୀଳକଇଁ କ୍ରିଏସନ ପକ୍ଷରୁ ଏକ ଭିନ୍ନ ସ୍ୱାଦର ଗଜଲ ସନ୍ଧ୍ୟା ଓ 'ସପ୍ତମ ଋତୁର ଜହ୍ନ'ର ସିଡି ଉନ୍ମୋଚନ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି । ସୁପ୍ରସିଦ୍ଧ ଗୀତିକାର, ଲେଖକ ଲେଖିକାଙ୍କ ଦ୍ୱାରା ଲିଖିତ ଗୀତ ଓ ଗଜଲକୁ ଜଣାଶୁଣା କଣ୍ଠଶିଳ୍ପୀ ମାନେ ଶ୍ରୋତାଙ୍କ ନିକଟରେ ଖୁବ ସୁନ୍ଦର ଭାବରେ ପରସିଦେଇଥିଲେ । ସଂଗୀତ କାର୍ଯ୍ୟକ୍ରମ ପୂର୍ବରୁ ଉନ୍ମୋଚନ ସଭାରେ ବିଶିଷ୍ଟ ଲେଖକ ଦେବଦାସ ଛୋଟରାୟ, ଲୋକପ୍ରିୟ କଣ୍ଠଶିଳ୍ପୀ ତୃପ୍ତି ଦାସ, ପ୍ରସିଦ୍ଧ ଗୀତିକାର ସଂଳାପକାର ଡ ରଜନୀ ରଞ୍ଜନ, ବିଶିଷ୍ଟ କବି ଲେଖକ ଶରତ କୁମାର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ୧୭ ଟି ଗୀତକୁ ନେଇ ପ୍ରସ୍ତୁତ 'ସପ୍ତମ ଋତୁର ଜହ୍ନ'ର ସଂଗୀତ ସିଡି, ଗୀତ ଓ ଗଜଲର ଏକ ଅପୂର୍ବ ସମ୍ମିଶ୍ରଣ ଯାହା ଆଜିର ସଂଗୀତପ୍ରେମୀ ମାନଙ୍କୁ ଭଲ ଲାଗିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ନୀଳକଇଁର ସମ୍ପାଦିକା ସସ୍ମିତା ଦାସ କହିଥିଲେ କି, ନୀଳକଇଁ ଦୀର୍ଘ ଦିନ ହେବ ସାହିତ୍ୟ ସଂସ୍କୃତି ଏବଂ ସଂଗୀତ ଜଗତ ସହ ଜଡିତ ଅଛି । ସେଇ କାର୍ଯ୍ୟକ୍ରମର ଏକ ଅଂଶ, ଯାହା ଗଜଲ ଶୈଳୀରେ ଲେଖା ଓଡ଼ିଆ ଗୀତ ସବୁ ଆପଣ ମାନଙ୍କ ହୃଦୟକୁ ଛୁଇଁବ ବୋଲି ଆମେ ଆଶା କରୁଛୁ । ପରେ ପରେ ସସ୍ମିତା ଦାସ ଙ୍କ ଲିଖିତ ସପ୍ତମ କବିତା ପୁସ୍ତକ ' ସପ୍ତମ ଋତୁର ଜହ୍ନ ' ର ଲୋକାର୍ପଣ ହୋଇଥିଲା । ଏହି ସିଡ଼ି କ୍ୟାସେଟର ସଂଗୀତ ନିର୍ଦ୍ଦେଶନା ଯଜ୍ଞ ଦାଶ ଦେଇଥିବା ବେଳେ ବିଶିଷ୍ଟ ଲେଖିକା ଡ଼ ପ୍ରତିଭା ରାୟ, ବିଶିଷ୍ଟ ଲେଖକ ଦେବଦାସ ଛୋଟରାୟ, ଡ଼ ରଜନୀ ରଞ୍ଜନ, ଶରତ କୁମାର ଦାଶ, ଅମରେନ୍ଦ୍ର ଖଟୁଆ, ଅଖିଳ କୁମାର ମିଶ୍ର, ଗୀତାଞ୍ଜଳୀ ପଣ୍ଡା, ସସ୍ମିତା ଦାସ, ପ୍ରମୋଦ ଦାସ ଏବଂ ବିପିନ୍ ମହାନ୍ତିଙ୍କ ଭଳି ଗୀତିକାର ମାନଙ୍କ ଲେଖା ସବୁ ଲୋକପ୍ରିୟ କଣ୍ଠଶିଳ୍ପୀ ତୃପ୍ତି ଦାସ, ସୋହିନୀ ମିଶ୍ର, କରୁଣାକର, ସ୍ୱରୂପ ନାୟକ, ମହାପ୍ରସାଦ କର ଛନ୍ଦା ମିଶ୍ର ଏବଂ କୁନି କଳାକାର ଫିଓନାଙ୍କ କଣ୍ଠରେ ଗୀତ ସବୁ ସତ୍ତି ମଧୁର ହୋଇଛି ।



### ଟିବିମୁକ୍ତ ପାଇଁ ୨୬ ପଞ୍ଚାୟତକୁ ପଦକ ପ୍ରଦାନ

# ଜନସଚେତନତା ପାଇଁ ବଡ଼ଦାଣ୍ଡ ରେ ଶୋଭାଯାତ୍ରା

ପୁରୀ (ସବ୍ୟୁ): ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଟିବିମୁକ୍ତ ଓଡ଼ିଶା ପାଇଁ ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ବ୍ଲକରେ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ର ମିଳିତ ସହଯୋଗରେ ଗୁଣ୍ଡିଚା ମନ୍ଦିର ନିକଟରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଶତପଥୀ,ଡିଟିଓ ଡାକ୍ତର ଲଲାଟେନ୍ଦୁ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ର ସହନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଭାଗୀୟ ପ୍ରଫେସର ସୁଦର୍ଶନ ପୋଥାଳ, ମେଡିକାଲ ସୁପରିଟେଣ୍ଡେଣ୍ଟ ଡାକ୍ତର ରବୀନ୍ଦ୍ର କୁମାର ମିଶ୍ର,ଡିପିଏଚଓ ଓ ଡାକ୍ତର ସଂଜୁ କୁମାର ପ୍ରମୁଖ ଏହି ଶୋଭାଯାତ୍ରା କୁ ଉଦଘାଟନ କରିଥିଲେ। ପରେପରେ ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଅତିଥି ମାନେ ଯୋଗଦେଇ ବିଗତ ବର୍ଷ ଜିଲ୍ଲା ରେ ୫୧୯୧୫ଜଣଙ୍କ ନମୁନା ପରୀକ୍ଷା କଲାପରେ ତନ୍ମଧ୍ୟରୁ ୧୨୭୭ ଜଣ ଯକ୍ଷ୍ମାରୋଗୀ ଚିହ୍ନଟ ହେବା ସହ ତନ୍ମଧ୍ୟରୁ ୧୧୬୫ ଜଣ ନିୟମିତ ଚିକିତ୍ସା ପରେ ସୁସ୍ଥ ହେବା କମ୍ କଥା ନୁହେଁ ବୋଲି ମତପ୍ରକାଶ କରିଥିଲେ। ଏଥିସହିତ ସରକାର ତଥା ସ୍ୱାସ୍ଥ୍ୟ ବିଭାଗ ର ସହଯୋଗ କାରଣରୁ ଏବେ ଯକ୍ଷ୍ମାଜନିତ ମୃତ୍ୟୁହାର ଦୁଇ ପ୍ରତିଶତ କୁ ଆସିବା ଓଡ଼ିଶାରେ ରେକର୍ଡ ବୋଲି ପ୍ରକାଶ କରିଥିଲେ। ଯକ୍ଷ୍ମାମୁକ୍ତ ଓଡ଼ିଶା ପାଇଁ ଆରମ୍ଭ ହୋଇଥିବା ଶହେଦିନିଆ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରୋଗୀମାନଙ୍କୁ ପୃଷ୍ଟିକର ଖାଦ୍ୟ ପ୍ରଦାନ, ନିୟମିତ ଔଷଧ ସେବନ ଓ ଏଥିରେ ଜନଗଣଙ୍କ ସହଯୋଗ ଉପରେ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଯକ୍ଷ୍ମାମୁକ୍ତ ଦଶଟି ପଞ୍ଚାୟତ ସରପଞ୍ଚଙ୍କୁ ସ୍ୱର୍ଣ୍ଣ ପଦକ ଓ ୧୬ଟି ପଞ୍ଚାୟତର ସରପଞ୍ଚଙ୍କୁ ରୌପ୍ୟପଦକ ସହ ଗାନ୍ଧୀଜୀଙ୍କ ମୂର୍ତ୍ତି ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଡିଟିଓ ଡାକ୍ତର ଲଲାଟେନ୍ଦୁ ମିଶ୍ରଙ୍କ ସୁପରିଚାଳନା ରେ ୧୭ ଜଣ ଯକ୍ଷ୍ମାରୋଗୀଙ୍କୁ ସ୍ୱତନ୍ତ୍ର ଯକ୍ଷ୍ମା କିଟ୍ ଓ ପୃଷ୍ଟିକର ଖାଦ୍ୟସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଦେବାଶିଷ ମର୍ଦ୍ଦରାଜ, ଦୈତାରୀ ପଟ୍ଟନାୟକ, କେଦାରନାଥ ମହାପାତ୍ର, ପ୍ରତାପ କେଶରୀ ରଥ ଓ ସୁଦର୍ଶନ ଜେନା।

# କୋଠା ଛାଡିବାକୁ ନୋଟିସ
# ଶିକ୍ଷକ ମହଲରେ ଅସନ୍ତୋଷ

ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଦୀର୍ଘ ବର୍ଷ ଧରି ଚାଲିଥିବା ଶିକ୍ଷକ ଭବନ କୋଠା ଖାଲି କରିବାକୁ ଶିକ୍ଷକ ସଙ୍ଘକୁ ନୋଟିସ ଜାରି କରିଛନ୍ତି ବିଡ଼ିଓ । ନୋଟିସ ଜାରି ହେବା ପରେ ପ୍ରାଥମିକ ଶିକ୍ଷକ ସମେତ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବ୍ଲକର ଶତାଧିକ ଶିକ୍ଷକ ମାନଙ୍କୁ ନେଇ ଗଠିତ ଶିକ୍ଷକ ସଙ୍ଘର ବିଭିନ୍ନ କାର୍ଯ୍ୟକ୍ରମ ଓ ବୈଠକ ନିମନ୍ତେ ଏକ ଗୃହର ଆବଶ୍ୟକତାକୁ ଉପଲବ୍ଧି କରି ଦୀର୍ଘ ୨୭ ବର୍ଷ ତଳେ ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟକୁ ଲାଗି ରହିଥିବା ଏକ ଖୋଲା ସ୍ଥାନରେ ସଙ୍ଘ କାର୍ଯ୍ୟାଳୟ ନିମନ୍ତେ ତତ୍କାଳୀନ ବିଡ଼ିଓ ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ସହ ଶିକ୍ଷକମାନଙ୍କ ଆର୍ଥିକ ସହଯୋଗ ସହିତ ପ୍ରାକ୍ତନ ସାଂସଦ ନବୀନ ପଟ୍ଟନାୟକ ଏବଂ ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଅନୁଦାନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ କୋଠା ନିର୍ମାଣ କରାଯାଇ ଶିକ୍ଷକ ଭବନ ଭାବେ ନାମିତ କରାଯାଇଛି । ସେଠାରେ ୨୦୦୨ ମସିହା ଠାରୁ ସର୍ବ ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ସହ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ନିମନ୍ତେ ମଧ ବ୍ୟବହୃତ ହୋଇ ଆସୁଛି ।

ଉକ୍ତ ଭବନ କେବେବି ବ୍ୟକ୍ତିଗତ କି ଅଣଶିକ୍ଷକଙ୍କ କାର୍ଯ୍ୟକ୍ରମ ପାଇଁ ବ୍ୟବହାର ହେଉନଥିବା ବେଳେ କାର୍ଯ୍ୟାଳୟ ପରିସରରେ ନୂତନ ବିଭାଗ ଖୋଲିବା ଆଳଦେଖାଇ ଏହି ଶିକ୍ଷକ ଭବନ ୭ ଦିନ ମଧ୍ୟରେ ଛାଡିବା ପାଇଁ ଶିକ୍ଷକ ସଂଘକୁ ବିଡ଼ିଓ ନୋଟିସ କରିଥିବାରୁ ଶିକ୍ଷକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଆଜି ଶିକ୍ଷକ ସଙ୍ଘ ସଭାପତି ପ୍ରତାପ କୁମାର ଖାଡ଼ଙ୍ଗାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଙ୍ଘ କର୍ମକର୍ତ୍ତା ଓ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିବା ସହ ସ୍ଥିତାବସ୍ଥା ବଜାୟ ରଖିବାକୁ ବିଡ଼ିଓ ଦୁତିକୃଷ୍ଣ ପାତ୍ରଙ୍କୁ ଲିଖିତ ଅନୁରୋଧ କରିଛନ୍ତି ।

# ଜେଏମଏମ ପକ୍ଷରୁ ଜିଲ୍ଲାପାଳଙ୍କୁ ୨ଦଫା ଦାବିପତ୍ର



ବାରିପଦା, (ସବ୍ୟୁ) : ଜେଏମ୍ଏମ୍ ପକ୍ଷରୁ ବାରିପଦା ପୌରାଞ୍ଚଳରେ ଥିବା ରଘୁନାଥପୁର ମଇଳା ଖାଦାନରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ ଏବଂ ୧୫ନମ୍ବର ୱାର୍ଡରେ ଥିବା ପୋଖରୀର ପୁନଃଉଦ୍ଧାରକୁ ନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଏକ ଦାବିପତ୍ର ଜିଲ୍ଲା ସଭାପତି କୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ପ୍ରଦାନ କରାଯାଇଛି। ଏହି ଦାବୀପତ୍ରରେ ଦାବୀ ଗୁଡିକ ହେଲା ବାରିପଦା ସଦର ମହକୁମା ରେ ଥିବା ମଇଳା ଖାଦାନରୁ ନିର୍ଗତ ହେଉଥିବା ଅହରହ ବିଷାକ୍ତ ଧୂଆଁ ବାହାରି ଆଖ ପାଖ ଅଞ୍ଚଳ ତଥା ରଘୁନାଥପୁର, ହଦ ହଦି, ଇନ୍ଦପାହି, ବାଉରା ପ୍ରମୁଖ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହିତ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତେଣୁ ସମ୍ପୂର୍ଣ୍ଣ ମାତ୍ରାରେ ବନ୍ଦ କରାଯାଇ ତାହାକୁ ସଲିଡ଼ ୱେଷ୍ଟ ମ୍ୟାନେଜମେଣ୍ଟ ଧାରା ୨୦୧୬ ଅନୁସାରେ କାର୍ଯ୍ୟସମ୍ପାଦନ କରାଯାଉ ଏବଂ ଦ୍ୱିତୀୟ ଦାବୀ ହେଲା ବାରିପଦା ପୌରାଞ୍ଚଳର ୧୫ ୱାର୍ଡର ଅଧିକାଂଶ ଅଧିବାସି ଦରିଦ୍ର ସୀମାରେଖା ତଳେ ନିଜର ଜୀବନ ଅତିବାହିତ କରୁଛନ୍ତି କିନ୍ତୁ ଗତ କିଛି ବର୍ଷ ପୂର୍ବରୁ ଉକ୍ତ ପୋଖରୀର ରକ୍ଷଣା ବେକ୍ଷଣ ଅତି ନିମ୍ନ ମାନର ହେଇଥିବାରୁ ପୋଖରୀର ସମ୍ପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ କରିଦେଇଛନ୍ତି ।

ତେଣୁ ଉକ୍ତ ପୋଖରୀ ଟିକୁ ପୁନଃଉଦ୍ଧାର ସହ ଗାଧୁଆଘାଠ ନିର୍ମାଣ କରି ତାହାକୁ ବ୍ୟବହାର ଉପଯୋଗୀ କରିବା ନିତ୍ୟାନ୍ତ ଜରୁରୀ ବୋଲି ଦାବୀ ରଖିଥିଲେ। ପ୍ରଦାନ ବେଳେ ବାରିପଦା ସହରବାସୀ ଏବଂ ୧୫ନମ୍ବର ୱାର୍ଡର ଶତାଧିକ ମହିଳା ଏବଂ ପୁରୁଷ ବାରିପଦା ସ୍ଥିତ ଦର୍ଗାଡ଼ିହି ଗୁଲେଇ ଠାରୁ ପଦଯାତ୍ରା ଆରମ୍ଭ କରି ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ଜିଲ୍ଲା ସଭାପତି ଶ୍ରୀଦାସ ସରକାରଙ୍କୁ ପ୍ରଶ୍ନ କରିଥିଲେ ସାମାନ୍ୟ ମଟର ସାଇକଲରେ ପ୍ରଦୂଷଣ ପାଇଁ ଜରିମାନା ଦେୟ ହେଲା ୧୦,୦୦୦ଟଙ୍କା ଆଉ ମଇଳା ଖାଦାନରୁ ନିର୍ଗତ ହେଉଥିବା ବିଷାକ୍ତ ଧୂଆଁ ପାଇଁ କେତେ ଟଙ୍କା ଜୋରିମାନା ଏବଂ କାହାକୁ ଜୋରିମାନା କରାଯିବ ବୋଲି ପ୍ରଶ୍ନ କରିଥିଲେ ।

କାର୍ଯ୍ୟକ୍ରମରେ ଜେଏମଏମର ଜିଲ୍ଲା ସଭାପତି କୃଷ୍ଣ ଦାସ, ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମ, ଟାଉନ ସଭାପତି ତରେନ ସେନାପତି, ରାଜ୍ୟ ପରିଷଦ ସଦସ୍ୟ ସୁଜିତ୍ ବେହେରା, ଛାତ୍ର ନେତା ଅଭିଷେକ ଦଣ୍ଡପାଟ, ନାରୀ ନେତ୍ରୀ ସବିତା ଗଛାୟତ, ଗୀତା ବାଗ ଓ ପିଙ୍କି ବିନ୍ଧାଣି ପ୍ରମୁଖ ଯୋଗ ଦେଇଥିଲେ।

## ଶାନ୍ତି ଶୃଙ୍ଖଳାର ସହ ଦଣ୍ଡନାଚ ନେଇ ଭଞ୍ଜନଗର ପୁଲିସର ବୈଠକ

ଭଞ୍ଜନଗର, (ସବ୍ୟୁ): ଆଉ କିଛି ଦିନ ପରେ ଆରମ୍ଭ ହେବ ଦକ୍ଷିଣ ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବାବେଗ ସହ ଜଡିତ ପର୍ବ ଦଣ୍ଡଯାତ୍ରା । ଏହି ଯାତ୍ରା ସମୟରେ ପାରମ୍ପରିକ ରୀତିନୀତି ସହ ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ପୂର୍ବରୁ ଏଥିରେ ପାରମ୍ପରିକ, ପାଣ୍ଡୁଲିପି, ରାମାୟଣ, ମହାଭାରତ ଭଳି ପାରମ୍ପରିକ ନୃତ୍ୟ ନାଟିକା ପରିବେଷଣ ହେଉଥିବା ବେଳେ ବର୍ତ୍ତମାନ ଏହି ପୌରାଣିକ ପରମ୍ପରାରେ ଆଧୁନିକତା ପ୍ରବେଶ କରିଥିବାରୁ ମନୋରଞ୍ଜନ ଧାରା ବଦଳି ଯାଇଛି । ବର୍ତ୍ତମାନ ପାଶ୍ଚାତ୍ୟ କଳାର ଛିଟା ଦେଖିବାକୁ ମିଳୁଛି ।

ବିଶେଷ କରି ଗତ କିଛି ବର୍ଷ ହେଲା ଅଶ୍ଳୀଳତାକୁ କିଛି ସ୍ଥାନରେ ପ୍ରାଧାନ୍ୟ ଦିଆ ଯାଉଥିବାରୁ ପାରମ୍ପରିକ ସଂସ୍କୃତି ବିପଥଗାମୀ ହେବା ସହ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିବା ବେଳେ ଚଳିତ ବର୍ଷ ଯେଭଳି ଅଶ୍ଳୀଳତାକୁ ଏହି ଯାତ୍ରାରେ ସଂପୂର୍ଣ୍ଣ ବାଦ ଦିଆଯିବ ଏବଂ ଆଇନଶୃଙ୍ଖଳା ପ୍ରତି ସମସ୍ତ ଦଣ୍ଡଯାତ୍ରା କମିଟି ସଚେତନ ହୋଇ ଯାତ୍ରାକୁ ଅନୁଷ୍ଠିତ କରିବେ ସେନେଇ ଆଜି ଭଞ୍ଜନଗର ଥାନା ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଗ୍ରାମର ଯାତ୍ରା କମିଟି ଅଧିକାରୀଙ୍କୁ ଆଜି ବୈଠକକୁ ଡକାଯାଇ ଦଣ୍ଡଯାତ୍ରା ସମୟରେ ଅଶ୍ଳୀଳତାକୁ ଯେଭଳି ପ୍ରଶୟ ଦିଆଯିବ ନାହିଁ ଏବଂ କୌଣସି ଅପ୍ରତିକର ପରିସ୍ଥିତି ଉପୁଜିଲେ ତୁରନ୍ତ ଥାନାକୁ ଜଣାଇବା ସହ ଆଇନକୁ ହାତକୁ ନନେବାକୁ ଥାନା ଅଧିକାରୀ ଜୀବନାନନ୍ଦ ଜେନା ପ୍ରକାଶ କରିଥିଲେ । ଶାନ୍ତି ଶୃଙ୍ଖଳାର ସହ ଦଣ୍ଡଯାତ୍ରା ସମ୍ପାଦନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏଥିରେ ଏସ୍ଆଇ ଜ୍ୟୋସ୍ନାମୟୀ ସାହୁ, ଏଏସ୍ଆଇ ବିଦେଶୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ୨୦ରୁ ଉର୍ଦ୍ଧ ଦଣ୍ଡଯାତ୍ରା କମିଟି ଉପସ୍ଥିତ ରହିଥିଲେ ।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା ଶିବିର




ବ୍ରହ୍ମପୁର, (ସବ୍ୟୁ): ନିଷ୍ଟ ବିଶ୍ୱବିଦ୍ୟାଳୟରେ ସଡକ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତଥିଭାବେ ସହକାରୀ ଆରଟିଓ, ଗଞ୍ଜାମ ସୋମନାଥ ସାବର, ଜୁନିଅର ମୋଟର ଯାନ ନିରୀକ୍ଷକ, ଗଞ୍ଜାମ ରୋହିତ କୁମାର ପଣ୍ଡା, କନଷ୍ଟେବଳ ବିଜୟ କୁମାର ସେଠୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନିଷ୍ଟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ଼. ପି. ରାଜେଶ କୁମାର ଯୋଗ ଦେଇଥିଲେ ।

ଏହି ଅବସରରେ ସୋମନାଥ ସାବର ଟ୍ରାଫିକ୍ ନିୟମ, ରାସ୍ତା ସଙ୍କେତ ଏବଂ ନିରାପଦ ଗାଡି ଚାଳନା, ହେଲମେଟ୍ ପିନ୍ଧିବା, ସିଟ୍ ବେଲଟ ପିନ୍ଧିବା ଏବଂ ମଦ୍ୟପାନ କରି ଗାଡି ଚାଳନା ନକରିବାର ଗୁରୁତ୍ୱ ବୁଝାଇଥିଲେ । ରୋହିତ କୁମାର ପଣ୍ଡା ଗଂଜାମ ଜିଲ୍ଲା ରେ ସଡକ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ହ୍ରାସ ନିମନ୍ତେ ଗ୍ରହଣ କରୁଥିବା ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଏଥିରେ ନିଷ୍ଟ ବଶ୍ୱବିଦ୍ୟାଳୟର ଡ୍ରାଇଭର, ୨୦୦ ଜଣ ଛାତ୍ର ଛାତ୍ରୀ, ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ସଡକ ସୁରକ୍ଷା ସଚେତନତା ଏବଂ ନିଶା ଦ୍ରବ୍ୟ ବ୍ୟବହାର କରି ଗାଡି ଚଳାଇବା ଉପରେ ପ୍ରଶ୍ନୋତ୍ତର ଆୟୋଜିତ ହୋଇଥିଲା ।

ଏହି କାର୍ଯ୍ୟକ୍ରମକୁ ଡ଼. ବିଷ୍ଣୁଙ୍କର ନାୟକ ପରିଚାଳନା କରିଥିଲେ । ଏହି ଶିବିରକୁ ନିଷ୍ଟ ବିଶ୍ୱବିଦ୍ୟଦ୍ୟାଳୟର ଡ଼. ମାନବେନ୍ଦ୍ର ପାତ୍ର, ଡ଼ ପ୍ରମଥ ନାଥ ଆଚାର୍ଯ୍ୟ, ଡ଼ ଗାୟତ୍ରୀ ପଣ୍ଡା, ଡ଼ ସ୍ୱାଧୀନ ମିଶ୍ର, ଡ଼. ପ୍ରୀତି ରଞ୍ଜନ ସାହୁ, ପ୍ର ଆଶିଷ ଦାଶ, ପ୍ର ମିଟୁ ବରାଳ, ପିତାମ୍ବର ସାହୁ, ଅଶୋକ ସାମନ୍ତରାୟ, ଡ଼ିଲି ଡାଂବୁରୁ ରେଡି, ରବି ଚୌଧୁରୀ, ରବି ସତ୍ୟନାରାୟଣ ମୂର୍ତ୍ତି, ରମାକାନ୍ତ ଚୌଧୁରୀ ପ୍ରମୁଖ ସହାୟତା କରିଥିଲେ ।

# ଆକ୍ରମଣ ମାମଲାରେ ୨ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ବଡ଼ବଜାର ଥାନା ଅଞ୍ଚଳରେ ପିଣ୍ଟୁ ରାଉଳଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୁଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସୀତାରାମ ସାହିର ଶ୍ରୀକାନ୍ତ ମହାନ୍ତି ଓରଫ ଭାଲୁ(୩୬) ଏବଂ ଧୋବାବନ୍ଧ ହୁଡ଼ାର ରବୀନ୍ଦ୍ର ପଣ୍ଡା ଓରଫ ପପୁନ(୨୪) । ପୁଲିସ ଅଭିଯୁକ୍ତ ରବୀନ୍ଦ୍ର ପଣ୍ଡାଙ୍କ ନିକଟରୁ ଏକ ୭୧ ସେଣ୍ଟିମିଟର ଲମ୍ବର ଖଣ୍ଡା ଜବତ କରିଛି ।

ସୂଚନାପ୍ରକାରେ, ମାର୍ଚ୍ଚ ୧୫ ତାରିଖରେ ବାଲାଜୀପେଣ୍ଠ ସାହି ଦକ୍ଷିଣକାଳୀ ମନ୍ଦିର ପରିସରରେ ଦଣ୍ଡଯାତ୍ରା ପାଇଁ ଆୟୋଜିତ ବୈଠକରେ ପାଟଭୁକ୍ତ ଓ ପାଦୁ ଦଣ୍ଡୁଆ ଚୟନକୁ ନେଇ ଅଭିଯୁକ୍ତ ଶ୍ରୀକାନ୍ତ ମହାନ୍ତି ଓ ଅଭିଯୋଗକାରୀ ପିଣ୍ଟୁ ରାଉଳଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ।

ଏହି ଶତ୍ରୁତାକୁ କେନ୍ଦ୍ର କରି ଗତ ୨୨ ତାରିଖ ବିଳମ୍ବିତ ରାତିରେ ପିଣ୍ଟୁ ରାଉଳ ନିଜ ଘରକୁ ଫେରୁଥିବା ସମୟରେ ଆନନ୍ଦ ନଗର ଚାରିଛକ ନିକଟରେ ଉପରୋକ୍ତ ଦୁଇ ଅଭିଯୁକ୍ତ ତାଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଲଙ୍କାଗୁଣ୍ଡ ଫିଙ୍ଗି ମରଣାନ୍ତକ ଆକ୍ରମଣ କରିଥିଲେ । ତାଙ୍କୁ ଗୋଡ଼ାଇ ଖଣ୍ଡା ସାହାଯ୍ୟରେ ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ଆକ୍ରମଣରେ ଆହତ ମଧ ସେ ଅଳ୍ପକେ ବର୍ତ୍ତି ଯାଇ ସିଟି ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ଘଟଣାକୁ ନେଇ ପିଣ୍ଟୁ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

## ବ୍ରହ୍ମପୁର ସବ୍-ଷ୍ଟେସନର ଉନ୍ନତୀକରଣ, ହଜାର ହଜାର ଉପଭୋକ୍ତା ଉପକୃତ
# ଉଭୟ ବ୍ୟବସାୟିକ ଓ ଆବାସିକ ଅଞ୍ଚଳର ଫିଡର ନେଟୱାର୍କର ସୁଦୃଢ଼ୀକରଣ

ବ୍ରହ୍ମପୁର, (ସବ୍ୟୁ) : ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ) ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ତରଫରୁ ବ୍ରହ୍ମପୁର ସିଟି ସର୍କଲ ଅଧୀନସ୍ଥ ବ୍ରହ୍ମପୁର ଇଲେକଟ୍ରିକାଲ ଡିଭିଜନ- ୧ରେ ନୂତନ ୩୩/୧୧କେଭି ପ୍ରାଇମେରୀ ସବଷ୍ଟେସନ(ନ୍ୟୁ ଖଲିକୋଟ୍ କଲେଜ ପିଏସ୍ଏସ୍) କାର୍ଯ୍ୟକ୍ଷମ ହୋଇଛି । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଏହାକୁ ଉଦଘାଟନ କରିଛନ୍ତି । ଏହାଦ୍ୱାରା ବ୍ରହ୍ମପୁର ସମେତ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିର ସୁଦୃଢ଼ୀକରଣ ହୋଇଛି । ନବ ନିର୍ମିତ ପିଏସ୍ଏସ୍‌ରେ ଦୁଇଟି ୧୦ ଏମଭିଏ କ୍ଷମତାର ପାଓ୍ୱାର ଟ୍ରାନ୍ସଫର୍ମର (ପିଟିଆର୍) ରହିଛି । ଯାହା ଉପଭୋକ୍ତାଙ୍କୁ ଉତ୍ତମ ଭୋଲେଟଜ ପ୍ରଦାନ କରିବା ଏବଂ ଲୋଡ୍ ପରିଚାଳନା କ୍ଷେତ୍ରରେ ବିଶେଷ ଭାବରେ ସହାୟତା ପ୍ରଦାନ କରିବ । ଏହି ସବଷ୍ଟେସନକୁ ନ୍ୟୁ ମେଡ଼ିକାଲ ପିଏସ୍ଏସ୍ (୧.୬ କିମି) ଏବଂ ଆମ୍ବଗଡ଼(୭ କିମି) ରୁ ଦୁଇଟି ୩୩କେଭି ଇନକମିଙ୍ଗ୍ ଲାଇନ୍ ଯୋଗେ ବିଦ୍ୟୁତ ଯୋଗାଣ ହେଉଛି । ଯାହା ଏକ ଭରସାଯୋଗ୍ୟ ବିଜୁଳି ଯୋଗାଣକୁ ସୁନିଶ୍ଚିତ କରୁଛି ।

ତାହା ସହିତ ୭.୫ କିମି ଦୀର୍ଘ ବିଶିଷ୍ଟ ୧୧କେଭି ଆଉଟଗୋଇଙ୍ଗ୍ ଫିଡର ସହିତ ହିଲ୍ ପାଟଣା, ସିଟି ହସ୍ପିଟାଲ, ପୁରୁଣା ବସଷ୍ଟାଣ୍ଡ ଏବଂ ଟାଟା ବେଞ୍ଚ, ପାଣିଟାଙ୍କି ଅଞ୍ଚଳ ସହ ସହରର ପ୍ରମୁଖ ବାଣିଜ୍ୟିକ ଏବଂ ଆବାସସ୍ଥଳୀକୁ ସଂଯୋଗ କରାଯାଇଛି । ଯାହା ଏହି ଅଞ୍ଚଳମାନଙ୍କରେ ବିଦ୍ୟୁତ ନେଟଓ୍ୱର୍କକୁ ଦୃଢ଼ କରିବା ସହ, ଯୋଗାଣ ବ୍ୟବସ୍ଥାରେ ସୁଧାର ଆଣିବା ଏବଂ ଭୋଲେଟଜରେ ସ୍ଥିରତା ଆଣିବାରେ ବିଶେଷ ଭାବରେ ସହାୟକ ହେବ । ନୂତନ ପିଏସ୍ଏସ୍ ଯୋଗୁଁ ପ୍ରାୟ ୧୫ହଜାର ଉପଭୋକ୍ତା ଉପକୃତ ହେବେ । ଏ ସମ୍ପର୍କରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍ କହିଛନ୍ତି, ନ୍ୟୁ ଖଲ୍ଲିକୋଟ୍ କଲେଜ ପିଏସ୍ଏସ୍ (ବିଇଡି-୧) ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ କରିବାରେ ଏବଂ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

ଏହି ପଦକ୍ଷେପ ଆମର ବିଜୁଳି ବିତରଣ ନେଟଓ୍ୱାର୍କକୁ ସୁଦୃଢ଼ କରିବା ଓ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ପ୍ରଦାନ ଦିଗରେ ଥିବା ପ୍ରତିବଦ୍ଧତାକୁ ଦର୍ଶାଏ । ସମଗ୍ର ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଟିପିଏସ୍ଓଡିଏଲ୍ ଗୁରୁତ୍ୱ ଦେଉଛି । ଯଦ୍ୱାରା ସମସ୍ତଙ୍କ ପାଇଁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ସୁନିଶ୍ଚିତ ହୋଇ ପାରିବ ।

# ମହାବିଦ୍ୟାଳରେ ବିପର୍ଯ୍ୟୟ ପ୍ରଶମନ ଓ ଅଗ୍ନି ନିର୍ବାପକ ଡ୍ରିଲ




ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ସାଇ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ବିପର୍ଯ୍ୟୟ ପ୍ରଶମନ ଓ ଅଗ୍ନି ନିର୍ବାପକ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଅଗ୍ନିଶମ ବିଭାଗ, ଓଡ୍ରାଫ୍ ଓ ଜିଲ୍ଲା ଆପଦ କାଳୀନ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ଆପଦ କାଳୀନ ବିଭାଗର ଡେପୁଟି କଲେକଟର ଭବାନୀ ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆପଦ କାଳୀନ ବିଭାଗର ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ବିଭିନ୍ନ ପ୍ରକାର ବିପର୍ଯ୍ୟୟ ଯଥା ବଜ୍ରପାତ, ବନ୍ୟା, ବାତ୍ୟା, ଜଳ ବୁଡି, ଅଗ୍ନି ଜନିତ ବିଭିନ୍ନ ସମସ୍ୟାରୁ କିପରି ରକ୍ଷା ପାଇ ପାରିବା ସେ ଦିଗରେ ଗୁରୁତ୍ୱ ଦେଇଥିଲେ ଓ ଅନ୍ୟତମ ଅତିଥି ଭାବେ ସମାଜସେବୀ ତଥା ସାମ୍ବାଦିକ ଗୌରଦାସ ଗିରି ସାହସ ଓ ଉପଯୁକ୍ତ କୌଶଳ ହିଁ ଆମକୁ ବିପର୍ଯ୍ୟୟରୁ ରକ୍ଷା କରିପାରେ ବୋଲି ମତ ବ୍ୟକ୍ତ କରିଥିଲେ। ସଚେତନତା, ସତର୍କତା ଓ ସାହସ ଆମକୁ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ପ୍ରେରିତ କରି ଥାଏ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପାଲ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅଗ୍ନୀଶମ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର କର୍ମଚାରୀ ମାନେ ହିଁ ରାଷ୍ଟ୍ରର ପ୍ରକୃତ ବନ୍ଧୁ ବୋଲି ସମସ୍ତେ ମତ ଦେଇଥିଲେ। ଅଗ୍ନିଶମ ବିଭାଗର ଅଧିକାରୀ ଗୋପୀନାଥ ନାୟକ ଏବଂ ଓଡ୍ରାଫର ଅରୁଣ କୁମାର ମହାନ୍ତ ଓ କର୍ମଚାରୀ ମାନେ ବିପର୍ଯ୍ୟୟକୁ ମୁକାବିଲା କରିବାର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ ଓ ଶେଷରେ ଅଧାପିକା ସ୍ୱିପ୍ନାଶ୍ରୀ ସାମଲ ଧନ୍ୟବାଦ ଜ୍ଞାପନ କରିଥଲେ । ଅଧାପିକା ମିନାକ୍ଷୀ ମହାନ୍ତି, ଅଧାପିକା ରାଜଶ୍ରୀ ସାସମଲ, ଅଧାପିକା ନିହାରିକା ସାହୁ, ଅଧାପିକା ଲୀଳାବତୀ ମହାନ୍ତ, ଅଧାପିକା ଜୟଶ୍ରୀ ମହାନ୍ତ ଓ ଅଣଶିକ୍ଷକ କର୍ମଚାରୀ କପିଳାସ ବେହେରା, ଜଗଦୀଶ ସେଠୀ, ଗାୟତ୍ରୀ ପାତ୍ର, ମୋନାଲିସା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଭବାନୀ ଶଙ୍କର ସିଂ, ସ୍ମୃତିମୟୀ ଗିରି, ରାଧାରାଣୀ ବେହେରା, ଲିକି ଟୁଡୁ, ସୋନାଲି ମିଶ୍ର ପ୍ରମୁଖ ଡ୍ରିଲରେ ଅଂଶଗ୍ରହଣ କରିଥିଲେ ।

# ପୁରୁଣାପାଣି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭଞ୍ଜନଗର, (ସବ୍ୟୁ): ଏହି ବ୍ଲକର ଜିଲୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ପୁରୁଣାପାଣି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭଗବାନ ଭୂୟାଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରପଞ୍ଚ ରଞ୍ଜିତ କୁମାର ଆରୁଖ , ସମିତି ସଭ୍ୟ ରଣବିଜୟ ପ୍ରଧାନ, ସିଆରସିସି କାଳିଚରଣ ସାହୁ, ପରିଚାଳନା କମିଟିର ଅଧ୍ୟକ୍ଷା ରୁଜିତା ନାୟକ, ଓ୍ୱାର୍ଡ ସଭ୍ୟା ସୁନିତା କୁମାରୀ ନାୟକ, ଗ୍ରାମ ସଭାପତି ମହେଶ୍ୱର ନାୟକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଗୁଡିଆମ୍ବା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସଂଜୟ କୁମାର ପ୍ରଧାନ, ବିଇଓ ଅଫିସର କର୍ମଚାରୀ ସୁଶୀଲ କୁମାର ସାହୁ ଓ ସୁଧିର କୁମାର ପାଣିଗ୍ରାହୀଙ୍କ ସମେତ ଗ୍ରାମବାସୀ ପର୍ଶୁରାମ ପରିଡା, ରଞ୍ଜନ କୁମାର ପରିଡା, ନିରଞ୍ଜନ ନାୟକ, ଅଚ୍ୟୁତ ନାୟକ, ପଦ୍ମନାଭ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ଗୀତାଞ୍ଜଳୀ ନାୟକ, ପୁଷ୍ପାଞ୍ଜଳୀ ପାତ୍ର, ନିଳି ନାୟକ, ଝୁନୁ ନାୟକ, ଆକାଶ ନାୟକ, ଟୁଙ୍ଗୁରା ନାୟକ ଓ ପ୍ରଶାନ୍ତ ନାୟକ ଓ ପାଚିକା କସ୍ତୁରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

ଛତ୍ରପୁର, (ସବ୍ୟୁ): ସ୍ଥାନୀୟ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମୁନିସିପେଣ୍ଟ ଠାରେ ବିଶ୍ୱ ଯକ୍ଷ୍ମା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ଛତ୍ରପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ବିତ ସଂଗ୍ରାମଜିତ୍ ସାହୁ, ବ୍ଲକ ଉପାଧ୍ୟକ୍ଷା ଏସ୍ ସାରଦା ରେଡୀ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ରିଲାନ୍ସ ଫାଉଣ୍ଡେସନ ଅଧୀକ୍ଷକ ମୋଚିରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ମୁନିସିପେଣ୍ଟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷିକ ଡ଼ା. ସ୍ୱାଧୀନ ରଥଙ୍କ ପୌରାହିତ୍ୟରେ ପିଏଚଇଓ ବରୁଣ କୁମାର ପାଣିଗ୍ରାହୀ, ବ୍ଲକ୍ ଯକ୍ଷ୍ମା ନିରୀକ୍ଷକ ପ୍ରଭାତ କୁମାର ସାହୁ, ଏସଟିଏଲଏସ ପ୍ରଦୀପ କୁମାର ଓଁକାର, ଅମ୍ବିକା ପ୍ରସାଦ ଚୌଧୁରୀ , ବିଶିକେଶନ ଦାସ, ମୁନିସିପେଣ୍ଟ ସେକଫରର ସମସ୍ତ ସିଏଚଓ, ସ୍ୱାସ୍ଥ୍ୟ କର୍ମୀ ଏବଂ ଆଶା କର୍ମୀଙ୍କ ସହଯୋଗରେ ପାଳନ କରାଯାଇଥିଲା । ପି.ଏମ୍. ଶ୍ରୀ ଉଚ୍ଚ ବିଦ୍ୟାଳୟ ଗଙ୍ଗାପୁରରେ ଯକ୍ଷ୍ମା ସଚେତନ କାର୍ଯ୍ୟକ୍ରମ ୩ ଟି ପିଲାଙ୍କୁ ପୁରସ୍କୃତ କରାଯାଇଥିଲା । (ଆଦିତ୍ୟ କୁମାର ପାତ୍ର, ପି.ଲଳିତା ପାତ୍ର ଓ ମଧୁସ୍ମିତା ସାସମଲ) । ଯକ୍ଷ୍ମା ରୋଗୀ ମାନଙ୍କୁ ନିକ୍ଷୟ ମିତ୍ର ଯୋଜନା ମଧମ ରେ ଖାଦ୍ୟ ମଧ ପ୍ରଦାନ କରାଯାଇଥିଲା ।

ଆଗାମୀ ଦିନରେ ଟାଙ୍ଗଣାପଲ୍ଲି ପଞ୍ଚାୟତର କେ.ଟି.ଏନ୍ ପୁର ଓ ରାମପଲ୍ଲି ଗ୍ରାମକୁ ଯକ୍ଷ୍ମା ରୋଗରୁ ନିରାକରଣ କରିବା ପାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସାହୁ ଏହି କାର୍ଯ୍ୟକ୍ରମରେ ପ୍ରାଧାନ୍ୟ ଦେଇଥିଲେ । ଅଧିକ୍ଷିକ ଡ଼ା ସ୍ୱାଧୀନ ରଥ ମୁଖ୍ୟତଃ ଯକ୍ଷ୍ମା ରୋଗର ଭୟଭୟତା ଏବଂ ନିରାକରଣ ପାଇଁ ଆଗାମୀ ଦିନରେ ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ୨.୦ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କର ଏକ୍ସରା ସାଇ ଟିବି ଏବଂ ସେମାନଙ୍କ କଫ ପରୀକ୍ଷା ଦ୍ୱାରା ପୁର୍ନବାର ଭାବରେ ଟିବି ଚିହ୍ନଟ କରାଯିବ ଏବଂ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ୯ ଟି ପଞ୍ଚାୟତ ଯକ୍ଷ୍ମା ମୁକ୍ତ ହୋଇଥିବା ବେଳେ ଆଉ ୯ ଟି ପଞ୍ଚାୟତ କୁ ଆଗାମୀ ଦିନରେ ଯକ୍ଷ୍ମା ମୁକ୍ତ କରିବେ ବୋଲି ପ୍ରତଶ୍ରୁତି ଓ ନିଷ୍ପତି ନେଇଛନ୍ତି । ଗତବର୍ଷ ପରି ସମସ୍ତ କର୍ଯ୍ୟକ୍ରମଙ୍କୁ ହାତେଇ ନେଇ ଯକ୍ଷ୍ମା ମୁକ୍ତ ଦିଗରେ ଅଗ୍ରସର ହୋଇଛନ୍ତି । ନୂତନ ରୂପରେ ଆସିଥିବା ଯକ୍ଷ୍ମା ରୋଗ ପାଇଁ ପ୍ରୋଟେବଲ ଏକ୍ସରେ ମେସିନ୍ ଏବଂ ଲୋକ ମାନଙ୍କୁ ମାଗଣାରେ ସମସ୍ତ ସୁବିଧା ପ୍ରଦାନ କରାଯିବ ଏବଂ ମାସିକ ୬୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶ ହୋଇଛି ।

# ଗଞ୍ଜାମ ଜିଲ୍ଲା ପୁରୁଷ ଓ ମହିଳା ବକ୍ସିଂ ଦଳର ରାଉରକେଲା ଯାତ୍ରା



ବ୍ରହ୍ମପୁର, (ସବ୍ୟୁ): ଆସନ୍ତା ୨୫/୦୩ ରେ ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍ ଠାରେ ରାଜ୍ୟସ୍ତରୀୟୟୁ- ୧୭ ଜୁନିଅର୍ ଓୟୁ- ୧୯ ୟୁଥ୍ ପୁରୁଷ ଓ ମହିଳା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଜିଲ୍ଲାସ୍ତରୀୟ ବକ୍ସିଂ ଦଳ ଚୟନ ହୋଇସାରିଛି । ଏହି ଦଳରେ ଗଞ୍ଜାମ ଜିଲ୍ଲାର ୨୨ ଜଣ ପୁରୁଷ ଓ ୧୩ ଜଣ ମହିଳା ବକ୍ସର, କୋଚ୍, ମ୍ୟାନେଜର ଓ ରେଫରୀ ଜଜ୍‌ଙ୍କୁ ମିଶାଇ ମୋଟ ୪୧ ଜଣିଆ ବକ୍ସିଂ ଦଳ ରାଉରକେଲା ଅଭିମୁଖେ ଆଜି ୨୪ ତାରିଖ ସନ୍ଧ୍ୟାରେ ରାଜ୍ୟରାଣୀ ଏକ୍ସପ୍ରେସ ଯୋଗେ ଯାତ୍ରା ଆରମ୍ଭ କଲେ ବୋଲି ଜିଡିଏଏର ବକ୍ସିଂ ସମ୍ପାଦକ କେ.ପ୍ରଭାକର ରାଓ ଏଂ ଜିଡିଏଏର ସଂପାଦକ ଜେ. କାମେଶ୍ୱର ରାଓ ଜଣାଇଛନ୍ତି । ୟୁ-୧୭ ଜୁନିଅର୍ ପୁରୁଷ ବକ୍ସିଂ ଦଳରେ, ଅର୍ମାନ କୁମାର ଦାସ, ବେଦାମ୍ବନ ବେହେରା, ଆୟୁଷ୍ମାନ ବାଡ଼ତ୍ୟା ,ଓମକାର ବେହେରା, ପ୍ରିୟାନ୍ସୁ ମଲ୍ଲିକ, ସ୍ୱସ୍ତିକ କୁମାର ମାଝୀ, ନନ୍ଦନ ବିନ୍ଧାନୀ, ସାଇଶ୍ୟାମ ପାଢ଼ୀ, ଓ୍ୱାଇ ଶିବଜିତ ୧୦. ତନ୍ମୟ କୁମାର ରାଣା , ସଦାଶିବ ପାଢ଼ୀୟୁ-୧୯ ୟୁଥ୍ ପୁରୁଷ ଦଳରେ, ଦିପେଶ କୁମାର ସାହୁ, କେତି ପବନ ସାଇ, ମହେଶ ବେହେରା, ରୋହନ ଦାସ, ରୁଦ୍ର ପ୍ରସାଦ ନାୟକ, ହରିଶଙ୍କର ଦାଶ, ଜେ. ରାକେଶ, ମନୋଜ ବେହେରା, ରାଜେଶ କୁମାର ସାହୁ, ଅଖିଳେଶ ବେହେରା ସମିର ନାଇକ ଓ ଅଣ୍ଡର ୧୭ ମହିଳା ଦଳରେ ତୁଳସୀ ପାତ୍ର, ପୂଜା ନାୟକ, ବିଜିଳି ନାୟକ, ଅର୍ପିତା ପଣ୍ଡା, ଅର୍ଜାସିନୀ ମହାପାତ୍ର, ଏ ରିମ୍‌ଶା ଦୋରା, ସ୍ୱାତି ସ୍ୱାଇନ, ସ୍ନେହା ବେହେରା, ଲିଂ ସାହୁ ଆଣ୍ଡର ୧୯ ମହିଳା ଦଳରେ ତେଜସ୍ୱିନୀ ପାଢ଼ୀ, ଅଙ୍କିତା ପାଣିଗ୍ରାହୀ, ପୂଜା ବେହେରା, ଯାଜ୍ଞସେନୀ ମହାରଣା, ଦୀପ୍ତିରାଣୀ ଗୌଡ ଏବଂ କୋଚ୍ ମ୍ୟାନେଜର ଭାବେ ଏସ ସାଇ ପ୍ରତାପ, ଜଗ ଯୋଗୀ ନନ୍ଦ, ପ୍ରବୀଣ ସେଠୀ, ବିପିନି ଗୌଡ଼, ମୁନା ଗୌଡ ଏବଂ ଶ୍ୟାମା ମୁଖୀ ଯାତ୍ରା କରୁଛନ୍ତି । ଏତତ୍ ସମେତ ପୂର୍ବତନ ବକ୍ସର ଏଂ ରାଜ୍ୟ ରେଫରି ଜଜ୍ ସିବରାମ ପାତ୍ର, ବୁଲୁ ପାତ୍ର, ତଥା ଅନ୍ତର୍ଜାତୀୟ ରେଫରି ତଥା ସ୍ଥାନୀୟ କୋଚ ଶିଶିର କୁମାର ପାଣିଗ୍ରାହୀ ଏହି ଦଳ ସହ ଯାତ୍ରା କରୁଛନ୍ତି ।

ଏହି ଦଳ ବ୍ରହ୍ମପୁର ସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମ୍ ଠାରେ ବକ୍ସିଂ ଅଭ୍ୟାସ କରୁଥିଲେ ତଥା ଭଲ ଖେଳ ପ୍ରଦର୍ଶନ କରିବେ ବୋଲି କେ.ପ୍ରଭାକର ରାଓ, ଲଡୁ କିଶୋର ସାହୁ, ବାବୁ ରାଓ, ଅବିନାଶ ନାୟକ, ସୁମନ୍ ଦାସ୍, ଅକ୍ଷୟ ପଟ୍ଟନାୟକ, ପ୍ରସାନ୍ତ କୁମାର ପାଣିଗ୍ରାହୀ, ସଞ୍ଜୀବ ସାହୁ, ସିତା ଜେନା, ଅନ୍ତର୍ଜାତୀୟ ବକ୍ସର ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡ଼ାପ୍ରେମୀ ଶୁଭେଚ୍ଛା ଜଣାଇଛନ୍ତି ।

## ସ୍ୱରାଜ ବାରିକ ମୟୂରଭଞ୍ଜ ଛଉ ନୃତ୍ୟ ମୋ ଗର୍ବ ଅଭିଯାନର ବ୍ରାଣ୍ଡ ଆମ୍ବାସାଡର୍



ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଅଂଶ ମୟୂରଭଞ୍ଜ ଛଉ ନୃତ୍ୟକୁ ବିଶ୍ୱପଟରେ ପ୍ରତିଷ୍ଠା କରିବା ପାଇଁ ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନ, ବାରିପଦା ଦ୍ୱାରା "ମୟୂରଭଞ୍ଜ ଛଉ ନୃତ୍ୟ ମୋ ଗର୍ବ ନାମକ ଅଭିଯାନ ଗତ ୨୦୨୫ ଜୁନ ୧୫ ତାରିଖ ଆରମ୍ଭ କରାଯାଇଥିଲା। ଏହି ଅଭିଯାନର ବ୍ରାଣ୍ଡ ଆମ୍ବାସାଡର୍ ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଚର୍ଚ୍ଚିତ ଅଭିନେତା ସ୍ୱରାଜ ବାରିକଙ୍କୁ ମନୋନୀତ କରାଯାଇଛି। ଆଜି ଅମ୍ବିକାସାହି ସ୍ଥିତ ପ୍ରତିଷ୍ଠାନର କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଉତ୍ତରସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସମ୍ପାଦକ ସୁଧୀର କୁମାର ନାୟକଙ୍କ ଅଧ୍ୟକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡା ଓ ସ୍ୱତନ୍ତ୍ର ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ବ୍ରାଣ୍ଡ ଆମ୍ବାସାଡର୍ ସ୍ୱରାଜ ବାରିକ ପ୍ରମୁଖ ଉପସ୍ଥିତ ରହି ଅଭିଯାନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ ଆଲୋକପାତ କରିବା ସହ ଏହାର ସଫଳତା କାମନା କରିଥିଲେ। ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହଙ୍କ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରତିଷ୍ଠାନର କୋଷାଧ୍ୟକ୍ଷ ସରୋଜ କୁମାର ଶତପଥି ଧନ୍ୟବାଦ୍ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ ପ୍ରଣବ ଦେବ, ହେମନ୍ତ କୁମାର ନାୟକ, ବିଭୁତିଭୂଷଣ ଦାସ ଓ ଜୟଦେବ ଦାସ ପ୍ରମୁଖ ଉପସ୍ଥିତ ରହି ଛଉ ନୃତ୍ୟର ସଂରକ୍ଷଣ ଓ ପ୍ରଚାର ପାଇଁ ନିଜନିଜର ସୁଚିନ୍ତିତ ମତ ଦେଇଥିଲେ। ଏହି ଅଭିଯାନ ଛଉ ନୃତ୍ୟକୁ ଡିଜିଟାଲ୍ ପ୍ଲାଟଫର୍ମରେ ପ୍ରଚାର କରି ଯୁବପିଢ଼ିକୁ ଆକର୍ଷିତ କରିବ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟଶାଳା, ଆନ୍ତର୍ଜାତୀୟ ପ୍ରଦର୍ଶନୀ ଓ ସାମାଜିକ ମିଡିଆ କ୍ୟାମ୍ପେନ୍ ଯୋଜନାରେ ରହିବ ବୋଲି ସମ୍ପାଦକ ଶ୍ରୀ ନାୟକ ପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରୀ ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସମୟ

# ତିନି ମୁଖାପିନ୍ଧା ଦୁର୍ବୃତ୍ତ ବାଇକରେ ଆସି ଛଡାଇନେଲେ ସୁନାଚେନ

ଚଣ୍ଡିଖୋଲ,(ସବ୍ୟୁ) :ଗତ କିଛିଦିନ ହେବ ଚଣ୍ଡିଖୋଲ ଅଞ୍ଚଳରେ ରାସ୍ତାରେ ଛିନତାଇ ଓ ଲୁଟପାଟ ବନ୍ଦ ରହିଥିଲା ବେଳେ ଏବେ ପୁଣି ରାଜରାସ୍ତାରେ ଛିନତାଇ ଆରମ୍ଭ ହୋଇଛି। ପୂର୍ବରୁ କେବଳ ଜାତୀୟ ରାଜପଥରେ ଲୁଟେରା ମାନେ ଛିନତାଇ କରୁଥିଲା ବେଳେ ଏବେ ଗାଁ ଭିତରେ ଓ ଗ୍ରାମ୍ୟ ରାସ୍ତାରେ ଛିନତାଇ ଆରମ୍ଭ କରିଛନ୍ତି। ଏହିଭଳି ଏକ ଘଟଣା ଘଟିଛି ଚଣ୍ଡିଖୋଲ ଫାଣ୍ଡି ଅଧିନସ୍ଥ ସୁଙ୍ଗୁଡା ଗ୍ରାମ ରାସ୍ତାରେ। ସୁଙ୍ଗୁଡା ଗ୍ରାମର ପ୍ରମୋଦ ରାଉତ (୫୨) ଚଣ୍ଡିଖୋଲ ବଜାରରୁ ବେପାର ସାରି ଗତକାଲି ରାତିରେ ନିଜ ଘରକୁ ଫେରୁଥିବା ସମୟରେ ଗାଁ ରାସ୍ତା ଶ୍ମଶାନ ନିକଟରେ ହଠି କେଟିଏମ ବାଇକ ଧରି ତିନି ଜଣ ହେଲମେଟ ଓ ମୁଖା ପିନ୍ଧା ଲୁଟେରା ତାଙ୍କୁ ଅଟକାଇ ତାଙ୍କ ଆଖିରେ ବିଷାକ୍ତ ବାଷ୍ପ ମାରି ସେ ପିନ୍ଧିଥିବା ସୁନା ଚେନ ଛିଣ୍ଡାଇ ନେଇଥିଲେ। ଶ୍ରୀ ରାଉତ ନିଜ ଆଖି ଖୋଲିବା ପୂର୍ବରୁ ଲୁଟେରା ମାନେ ଦ୍ରୁତ ଗତିରେ ଜାତୀୟ ରାଜପଥରେ ପଳାଇ ଯାଇଥିଲେ। ଶ୍ରୀ ରାଉତ ଏ ସଂପର୍କରେ ଚଣ୍ଡିଖୋଲ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ! ଲୁଟେରାମାନଙ୍କୁ ଧରିବା ପାଇଁ ପୋଲିସ ଛାନଭିନ ଚଳାଇଛି। ୫୩ ଏବଂ ଓ ୧୬ ନମ୍ବର ଜାତୀୟ ରାଜପଥରେ ବନ୍ଦଥିବା ଅସାମାଜିକ କାର୍ଯ୍ୟକଳାପ ଏବେ ବଢିବାରେ ଲାଗିଛି। ଛତିଆରୁ ଚଣ୍ଡିଖୋଲ ରେଲୱେ ବ୍ରିଜ ଓ ବାଲିଚନ୍ଦ୍ରପୁର ଠାରୁ ଦର୍ପଣ ପର୍ଯ୍ୟନ୍ତ ରାସ୍ତାରେ ରାତି ୧୧ ଟା ପରେ ତିନି ଚାରିଟି କାର ଏବଂ ମୋଟର ସାଇକେଲରେ ଦୃବୃତମାନେ ପଇଁତରା ମାରୁଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ଏଥିନେଇ ପୋଲିସ ସଜାଗ ରହିବା ସାଙ୍ଗକୁ ପେଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ସାଧାରଣରେ ଦାବି ହୋଇଛି।

# ଆଳୁ ଟ୍ରକ ଧକ୍କାରେ ଦମ୍ପତି ମୃତ

ଜଗତସିଂହପୁର,(ସବ୍ୟୁ):ବାଲିକୁଦା ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୫ ଫକୀରପଡା ଠାରେ ଏକ ଆଳୁ ବୋଝେଇ ଟ୍ରକ ଧକ୍କାରେ ବାଇକ ଯୋଗେ ଯାଉଥିବା ଦମ୍ପତିଙ୍କ ମୃତ୍ୟୁ ଘଟିଥିଲା ।ସୂଚନା ଅନୁଯାୟୀ ବାଲିକୁଦା ଥାନା ଅନ୍ତର୍ଗତ ବରମୁଣ୍ଡଳୀ ପଞ୍ଚାୟତ ବାଲିଜୋରୀ ଗ୍ରାମର ବିଚିତ୍ର ବେହେରା ସାଙ୍ଗରେ ପତ୍ନୀ ଲିମନା ବେହେରାଙ୍କୁ ନେଇ ଚିକିତ୍ସା ପାଇଁ ସକାଳ ୮ ଠାରୁ ଘରୁ ବାହାରି ଜଗତସିଂହପୁର ମେଡିକାଲ ନେଉଥିଲେ । ଏହି ସମୟରେ ସେ ଜାତୀୟ ରାଜପଥ ଫକୀରପଡା ନିକଟରେ ହୋଇଥିବା ବେଳେ ସମ୍ମୁଖରୁ ଦ୍ରୁତ ଗତିରେ ପଶ୍ଚିମବଙ୍ଗରୁ ଏକ ଆଳୁ ବୋଝେଇ ଗାଡି ମାଛଗାଁ ଅଞ୍ଚଳକୁ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ଦେଇଥିଲା । ଏପରିକି ଧକ୍କା ଦେବା ପରେ ବିଚିତ୍ର ଚଳାଉଥିବା ହିରୋ ପ୍ୟାସନ ଗାଡି ନଂ ଓଆର୨୧ଇ ୪୮ ୭୩ କୁ ଘୋଷାରି ଘୋଷାରି ପ୍ରାୟ ୧୫୦ ଫୁଟ ନେଇ ଯାଇଥିଲା । ଏହି ସମୟରେ ଟ୍ରକ ଚକାତଳେ ଚାପି ହୋଇ ରହିଥିବା ବିଚିତ୍ରଙ୍କ ଶରୀରରୁ ମୁଣ୍ଡ ଗଣ୍ଡି ଅଲଗା ହୋଇ ଯାଇଥିବା ବେଳେ ହାତ ଓ ଗୋଡ଼ ଛିଡି ଅନ୍ୟତ୍ର ପଡିଥିଲା । ଧକ୍କା ସମୟରେ ପତ୍ନୀ ମଧ ଛିଟିକି ବହୁ ଦୂରରେ ପଡିବା ସହ ପଛ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଚିତ୍କାର କରିଥିଲେ । ଦୁର୍ଘଟଣା ସମୟରେ ଶବ୍ଦ ଏତେ ଜୋରରେ ଥିଲା ଓ ଏତେ ହୃଦୟ ବିଦାରକ ଥିଲା ଦୁର୍ଘଟଣା ସ୍ଥଳରୁ ୧୦୦ ମିଟର ଦୂରରେ ଥିବା କିଛି ଘରର ଲୋକେ ଓ ବ୍ୟବସାୟୀ ଦୌଡ଼ି ଆସି ଏହା ଦେଖିଥିଲେ । ହେଲେ ଘଟଣା ସ୍ଥଳରେ କେହି ପ୍ରତ୍ୟକ୍ଷଦର୍ଶୀ ଉପସ୍ଥିତ ନଥିବାର ସୁଯୋଗ ନେଇ ଘଟଣା ସ୍ଥଳରୁ ଦୁର୍ଘଟଣା ଘଟାଇ ଉଭୟ ଡ୍ରାଇଭର ଓ ହେଲପରେ ଫେରାର ହୋଇଯାଇଥିଲେ । ପରେ ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ବାଲିକୁଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରି ନିଜ ହେପାଜତକୁ ନେଇଥିବା ବେଳେ ସ୍ଥାନୀୟ ଲୋକେ ଗୁରୁତର ଥିବା ଲିମନାଙ୍କୁ ଆମ୍ବୁଲାନ୍ସ ଯୋଗେ ଜଗତସିଂହପୁର ମେଡିକାଲ ନେଇଥିଲେ । ହେଲେ ସ୍ୱାମୀଙ୍କ ଏଭଳି ଅବସ୍ଥା ଦେଖି ମେଡିକାଲ ନେବା ବାଟରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ମେଡିକାଲ ପହଞ୍ଚିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ । ପରେ ମୃତକ ଲିମନାଙ୍କ ଭାଇଙ୍କ ଅଭିଯୋଗ ଆଧାରରେ ବାଲିକୁଦା ପୋଲିସ ପକ୍ଷରୁ ୧୨୬/୨୬ ରେ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ମେଡିକାଲ ପଠା ଯାଇଥିଲା । ସନ୍ଧ୍ୟାରେ ଶବ ବ୍ୟବଚ୍ଛେଦ ହୋଇ ଗ୍ରାମ ସ୍ମଶାନରେ ଏକ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ଦେବୀ ପ୍ରସାଦ ବେହେରା ମୁଖାଗ୍ନି ଦେଇଥିବା ବେଳେ କନିଷ୍ଠ ପୁତ୍ର ଶାରଦା ପ୍ରସନ୍ନ ବେହେରା ଉପସ୍ଥିତ ଥିଲେ ।

# ମିଳୁନି ଟାର୍ଗେଟ୍, ରାସ୍ତାକଡରେ ପଡିରହିଛି ହଜାର ବସ୍ତା ଧାନ

କେନ୍ଦ୍ରାପଡା ,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ବାରଡାଙ୍ଗ ପ୍ରାଥମିକ କୃଷି ସମବାୟ ସମିତିରେ ଦୀର୍ଘଦିନ ହେଲା ଟାର୍ଗେଟ୍ ନଥିବାରୁ ପ୍ରାୟ ଶତାଧିକ ଚାଷୀ ସେମାନଙ୍କର ଧାନ ବିକ୍ରି କରିପାରୁନାହାଁନ୍ତି ଏବଂ ଯୋଗୁ ଧାନ ନଷ୍ଟ ହେବାର ଆଶଙ୍କା ରହିଛି । ଏ ନେଇ କୃଷି ସମବାୟ ସମିତିର ସଭାପତି ଶୁଶାନ୍ତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଚାଷୀ କେନ୍ଦ୍ରାପଡା ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ



କେତେଜଣ ଚାଷୀଙ୍କର ଟୋକନ୍ ଅବଧି ସରିଯାଇଛି ଏବଂ ଏହା ସହିତ ବାରଡାଙ୍ଗ ସମିତିରେ ଧାନ ଉଠାଇବା ପାଇଁ ନିଯୁକ୍ତି ପାଇଥିବା ମିଲର୍‌ମାନେ ମଣ୍ଡିରୁ ଧାନ ନ ଉଠେଇବାରୁ ହଜାର ହଜାର ବସ୍ତା ଧାନ ରାସ୍ତାକଡରେ ଓ ମଣ୍ଡି ପରିସରରେ ପଡିରହିଛି । ତୁହାକୁ ତୁହା ବର୍ଷା ଉଠାଉଥିବାବେଳେ ମିଲର୍‌ମାନଙ୍କର ଖାମ୍‌ଖିଆଲି ନୀତି ଭେଟି ମଣ୍ଡିକୁ ଧାନ ଉଠାଇବା ପାଇଁ ଟାର୍ଗେଟ୍ ଦେବାସହ ମଣ୍ଡିରୁ ଧାନ ଉଠାଇବା ଏବଂ ଟୋକନ୍ ଅବଧି ସରିଯାଇଥିବାକୁ ନୂତନ ପଞ୍ଜିକରଣ କରିବା ପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ମାୟାଧର ନାଉରୀ, ମଦନ ମୋହନ ନନ୍ଦ, ଶାରଦା ପ୍ରସାଦ ଦାସଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଦିଗହରା : ରାସ୍ତାରୁ ଉଠିଲା ଟାଇଲ୍

ମାହାଙ୍ଗା,(ସବ୍ୟୁ) : ମାହାଙ୍ଗା ବ୍ଲକର ଖନ୍ଦୋଳ ଠାରୁ ଝାଡେଶ୍ୱରପୁର ଭାୟା ଉମର ରାସ୍ତା ରାହାର ଦୈର୍ଘ୍ୟ ୯.୪୦୦କି.ମି । ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅର୍ନ୍ତଭୂକ୍ତ କରାଯାଇ ତା୦୯.୦୮.୨୦୨୩ରିଖରେ କାର୍ଯ୍ୟଶେଷ ହୋଇଥିଲା । ଏହି କାର୍ଯ୍ୟ ତା୨୯.୧୨.୨୦୨୨ରିଖରେ ଶୁଭଶିଳାନ୍ୟାସ ହୋଇଥିଲା । ସୂଚନା ଫଳକରେ ଏହି ରାସ୍ତାର ୭.୭୯୦କି.ମି ପିଚୁ, ୧.୬୧୦କି.ମି ପକ୍କା ରାସ୍ତା ଏବଂ ଆର୍‌ସିସି କଲର୍ଭଟ ସଂଖ୍ୟା ୭ଲେଖାଥିବା ଦର୍ଶାଯାଇଛି । ତା୦୯.୦୮.୨୦୨୩ ରିଖ ଠାରୁ ତା୦୮.୦୮.୨୦୨୮ରିଖ ପର୍ଯ୍ୟନ୍ତ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାସଂସ୍ଥା ଅଧିନରେ ଥିବା ବେଳେ ରାସ୍ତା କାର୍ଯ୍ୟଶେଷ ପରଠାରୁ ରାସ୍ତାର ଝାଡେଶ୍ୱରପୁର ସେଠୀସାହି ନିକଟରେ ଟାଇଲ୍ ବାରମ୍ବାର ଉଠୁଥିବା ଅଭିଯୋଗ ହେଉଛି । ଏଠାରେ ସୂଚନା ଯୋଗ୍ୟ ଯେ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ନିଶ୍ଚିନ୍ତକୋଇଲି ତା୨୧.୦୧.୨୦୨୪ରିଖରେ ସୂଚନା କମିଶନରଙ୍କୁ ପ୍ରଦାନ ତଥ୍ୟରେ ଦର୍ଶାଯାଇଛି ଯେ ଖନ୍ଦୋଳଠାରୁ ଝାଡେଶ୍ୱରପୁର ଭାୟା ଉମର ଗ୍ରାମ ସଡକ ଯୋଜନା ରାସ୍ତାର କାଯ୍ୟାରମ୍ଭ ତା ୦୯.୦୯.୨୦୨୨ରିଖରେ ଆରମ୍ଭ କରାଯାଇଛି । ଏଠାରେ ପ୍ରଶ୍ନ ଉଠେ ତା୨୯.୧୨.୨୦୨୨ରିଖ ରାସ୍ତାର ଶୁଭଶିଳାନ୍ୟାସ କରାଯାଇ ଫଳକ ମରାଯାଇଛି । ରାସ୍ତା କାର୍ଯ୍ୟର ଆରମ୍ଭରେ ଠିକାଦାର ମାରିଥିବା ସୂଚନା ଫଳକରେ ଢ଼ଳେଇରାସ୍ତାର ଦୈର୍ଘ୍ୟ ୧.୬୧୦କି.ମି ଥିଲା ବେଳେ ପନ୍ଦରବାଟିଆ ନିକଟରେ ଢ଼ଳେଇକାର୍ଯ୍ୟ କରାଯାଇନାହିଁ । ପୁରୁଣା ଢ଼ଳେଇରାସ୍ତାରେ ଖାଲଖମା ସୃଷ୍ଟି ହେବାରୁ ଯାତାୟତରେ ସମସ୍ୟା ଦେଖାଦେଇଛି । ଏପରିକି ସୂଚନା ତଥ୍ୟରେ ଦର୍ଶାଯାଇଛି ଯେ ଢ଼ଳେଇ ରାସ୍ତା ଉପରେ ୦.୬୦୦କି.ମି ଟାଇଲ ବିଛାଯାଇଛି । ବାଲିଆଚକାଠାରେ ୮ନମ୍ବର କେନାଲ ଉପରେ ଏକଟି ପୋଲ ଓ କେନାଲ ଭିତରେ ୫ଟି ସ୍ଥାନରେ ସମୁଦାୟ ୧କି.ମି ଲମ୍ବର ଗାର୍ଡୱାଲ ନିର୍ମାଣ ଯାହାକି ସୂଚନା ଫଳରେ ଉଲ୍ଲେଖ ନାହିଁ । ପୁରୁଣା ଢ଼ଳେଇ ରାସ୍ତାରେ ଝାଡେଶ୍ୱରପୁରଠାରେ ବାଲି ପକାଇ ଟାଇଲି ବିଛାଯାଇଥିବାରୁ ବର୍ତ୍ତମାନ ଟାଇଲି ସବୁ ବାହାରି ଗଲାଣି । ଯାହା ଫଳରେ ଦୁଇ ଚକିଆଯାନ ଠାରୁ ଆରମ୍ଭ କରି ଚାରିଚକିଆ ଯାନର ଚାଳକମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ପୂର୍ବରୁ ଏ ସଂପର୍କରେ ଖବର ପ୍ରକାଶ ପାଇଥିଲେ ମଧ ଠିକାଦାର କିମ୍ବା ବିଭାଗୀୟ ଯନ୍ତ୍ରୀଙ୍କ କୁମ୍ଭକର୍ଣ୍ଣ ନିଦ୍ରା ଭାଗୁ ନାହିଁ । ଏଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ଏହି ଘଟଣାର ତଦନ୍ତ କରାଇବା ସହ ଠିକାଦାର ଓ ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି ।

# ବିନା ଅନୁମତିରେ ଚାଲିଛି ଚକ୍ଷୁ ପରୀକ୍ଷା ଶିବିର

ରାଜକନିକା,(ସବ୍ୟୁ) : :ରାଜକନିକା ବ୍ଲକରେ ବିଭିନ୍ନ ଗାଁ ଗଣ୍ଡରେ ବିନା ପରିମିସନରେ ଚାଲିଛି ଚକ୍ଷୁ ପରୀକ୍ଷା ଶିବିର ଯାହା କି କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପାଖରେ କୋଣସି ଖବର ନାହିଁ । ମଙ୍ଗଳବାର ଦିନ ଏମିତି ଏକ ଘଟଣା ଦେଖିବାକୁ ମିଳିଛି ରାଜକନିକା ବ୍ଲକ ଜାଗୁଲାଇପଡା ପଞ୍ଚାୟତ କାର୍ଯ୍ୟାଳୟରେ ଭୂମିକା ଚକ୍ଷୁ ହସପିଟାଲ ନାମକ ଏକ ଘରୋଇ ସଂସ୍ଥାର କର୍ମଚାରୀ ମାନେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିନା ଅନୁମତିରେ ଏବଂ କୋଣସି ଚକ୍ଷୁ ପରୀକ୍ଷା ମେସିନ ଯଥା ଭିଜନ ଟେଷ୍ଟ ମେସିନ ନ ରଖି କେମିତି କାହା ଅନୁମତି ରେ ଚକ୍ଷୁ ପରୀକ୍ଷା ଶିବିର କରାଉଥିବା ଦେଖିବାକୁ ମିଳିଛି । ତେବେ ରାଜକନିକାର କିଛି ଗଣମାଧ୍ୟମର ପ୍ରତିନିଧି ଖବର ପାଇ ଶିବିର ସ୍ଥଳରେ ପହଞ୍ଚି ପଚାରିବାରୁ ସେମାନେ କୌଣସି ଠିକ ଉତ୍ତର ନଦେଇ ପଳାଇଥିଲେ । ତେବେ କେନ୍ଦ୍ରାପଡ଼ା ଜିଲ୍ଲା ବିଭାଗ ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତ ଓ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ବାଦଲ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଆମ ପାଖରେ କୋଣସି ଖବର ନାହିଁ ଏବଂ ଏମିତି କାହାକୁ ଅନୁମତି ଦିଆଯାଇନାହିଁ ।ତେବେ ଆପଣଙ୍କ ମଧ୍ୟରେ ଖବର ପାଇଲୁ ଘଟଣାକୁ ତଦନ୍ତ କାରୀ ଆଇନୀ ଗାତ କାର୍ଯ୍ୟନୁଷ୍ଠାନ ନେବୁ । ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପାଖରେ ଖବର ନାହିଁ? ଏମାନେ କାହା ସାହସରେ ଲୋକ ମାନଙ୍କର ମୂଲ୍ୟବାନ ଅଙ୍ଗ ଚକ୍ଷୁ ଉପରେ ଖେଳ ଖେଳୁ ଛନ୍ତି ।

# ଜମିବାଡ଼ି ଭାଗବଣ୍ଟାକୁ ନେଇ ମାଡ଼ପିଟ : ୨ ଗିରଫ

କୁଆଖିଆ ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ଅତଳାପୁର ପଂଚାୟତ ସାଦକପୁର ଗ୍ରାମର ଦୁଇ ଭାଇ ଭାଗ୍ୟଧର ମଲିକ ଓ ଅର୍ଜୁନ ମଲିକଙ୍କ ମଧ୍ୟରେ ଜମିଭାଗବଣ୍ଟା, ପାରିବାରିକ ସମସ୍ୟା ଆଦି କାରଣରୁ ମାଡ଼ପୀଟ ହୋଇଥିଲା । ଏଥିରେ ଭାଗ୍ୟଧର ମଲିକଙ୍କ ହାତପାପୁଲି, ଆଙ୍ଗୁଠି ଆଦି ଖ୍ୟତାକ୍ତ ହୋଇଥିଲା । ଏଥିରେ ଉଭୟ ପକ୍ଷ୍ୟ ଅର୍ଜୁନ ମଲିକ ଓ ଭାଗ୍ୟଧର ଙ୍କ ପନୀ ସତ୍ୟଭାମା କୁଆଖିଆ ଥାନାରେ ଅଭିଯୋଗ ଦେଇଥିଲେ । ଥାନା ଅଧିକାରୀ ସୁଶାନ୍ତ କୁମାର ସେଠି କେଶ ନଂ ୧୪୦ ଓ ୧୪୧ ରେ ଦୁଇଟି ମାମଲା ରୁଜୁ କରି ଏ ଏସ ଆଇ ନରେନ ଦାସ ଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ । ଏଥିରେ ପୋଲିସ ଆଜି ଘଟଣା ର ତଦନ୍ତ କରି ଅର୍ଜୁନ ମଲିକ ଓ ଅଭିମନ୍ୟୁ ମଲିକଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛନ୍ତି ।

# ସ୍କୁଲ୍ ଯିବାକୁ ଜିଲ୍ଲାପାଳ ନିମନ୍ତ୍ରଣ ପତ୍ର ଅଭିଭାବକଙ୍କୁ ପ୍ରଦାନ କଲେ

କୁଜଙ୍ଗ ,(ସବ୍ୟୁ) : ରାଜ୍ୟ ସରକାର ସରକାରୀ ସ୍କୁଲ୍‌ରେ ଶିଶୁମାନଙ୍କୁ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବାପାଇଁ ଏକ ଯୋଜନା ପ୍ରସ୍ତୁତ୍ କରିଛନ୍ତି । ବିଭିନ୍ନ ଅଂଚଳରେ ଥିବା ବେସରକାରୀ ସ୍କୁଲ୍‌ରେ ଅଧିକ ସଂଖ୍ୟକ ପିଲା ପାଠ ପଢ଼ିବା ପାଇଁ ଭିଡ଼ ଜମାଉଛନ୍ତି । ରାଜ୍ୟ ସରକାର ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀଠାରୁ କୋମଳମତି ଶିଶୁମାନଙ୍କୁ ସରକାରୀ ସ୍କୁଲ୍‌ରେ ପାଠ ପଢ଼ିବାପାଇଁ କିଭଳି ଆଗ୍ରହ ପ୍ରକାଶ କରିବେ ଏହି ଯୋଜନାରେ ବିଭିନ୍ନ କାର୍ଯ୍ୟକ୍ରମ ରଖିଛନ୍ତି । ଆବଶ୍ୟକ ହେଲେ ଶିକ୍ଷା ବିଭାଗର ପଦସ୍ଥ ଅଧିକାରୀ ଓ ଜିଲ୍ଲାପାଳ ଶିଶୁମାନଙ୍କ ଘରକୁ ଯାଇ ଅଭିଭାବକ ମାନଙ୍କୁ ବୁଝାଇ ସ୍କୁଲ୍‌ରେ ଯୋଗ ଦେବାକୁ ନିମନ୍ତ୍ରଣ ପତ୍ର ପ୍ରଦାନ କରୁଛନ୍ତି । ଜଗତ୍‌ସିଂହପୁର ଜିଲ୍ଲାପାଳ ଜେ ସୋନାଲ କୁଜଙ୍ଗ



ବ୍ଲକ୍‌ର ବଳରାମପୁର ଗ୍ରାମରେ ପହଂଚିଥିଲେ । ଏଠାରେ ଦିପ୍ତୀରଞ୍ଜନଙ୍କ ଘରେ ଦୁଇଜଣ ଶିଶୁ ଏବେ ଶିଶୁ ବାଟିକାରେ ପାଠ ପଢ଼ିବାପାଇଁ ରହିଛନ୍ତି । ଜିଲ୍ଲାପାଳ ଶ୍ରୀ ସୋନାଲ ଏହି ଶିଶୁମାନଙ୍କ ପାଖରେ ପହଁଚିବା ପରେ ତାଙ୍କର ପିତା ଜିଲ୍ଲାପାଳଙ୍କୁ ସ୍ୱାଗତ କରିଥିଲେ । ଏହି ଦୁଇ ଶିଶୁଙ୍କୁ ସରକାରୀ ସ୍କୁଲ୍‌ରେ ପାଠ ପଢାଇବା ପାଇଁ ଜିଲ୍ଲାପାଳ ଆଲୋଚନା କରିବା ସହ ପିଲାମାନଙ୍କୁ ସ୍ୱାଗତ କରିଥିଲେ ଓ ସେମାନଙ୍କୁ ଏକ ନିମନ୍ତ୍ରଣ ପତ୍ର ମଧ୍ୟ ପ୍ରଦାନ କରିଥିଲେ । ଏହି ଶିଶୁମାନେ ସ୍କୁଲ୍‌ରେ ଯୋଗଦେବା ପରେ ସେମାନଙ୍କର ଏକ ଖଡ଼ି ଛୁଆଁ ଉତ୍ସବ ମଧ୍ୟ ଅନୁଷ୍ଠିତ ହେବ । ଜିଲ୍ଲାପାଳଙ୍କ ସହ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେର ଓ ବ୍ଲକ୍ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରା ସେଠାରେ ଉପସ୍ଥିତ ରହି ଶିଶୁମାନଙ୍କୁ ଓ ସେମାନଙ୍କର ପିତାମାତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କୁଜଙ୍ଗ ବ୍ଲକ୍‌ରେ ଏହା ଏକ ନୂତନ ପଦକ୍ଷେପ ନିଆଯାଇଛି । ଶିକ୍ଷା ବିଭାଗର ଏହି ନୂତନ ଓ ଗଠନମୂଳକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

# କଳାଓ କଳାକାରଙ୍କ ପାଇଁ ବାବା ପାଲଟିଛନ୍ତି ଦେବଦୂତ

ନାଉଗାଁ,(ସବ୍ୟୁ) :ଆଧୁନିକ ଯୁଗରେ ଯେତେବେଳେ ଲୋକମାନେ ଆଧୁନିକତା ପଛରେ ମାତି ଚାଲିଛନ୍ତି ।ସେତେବେଳେ ପୌରାଣିକ ଗିତିନାଟ୍ୟ କଳା ସଂସ୍କୃତିକୁ ବା କିଏ ପଚାରେ। ପୌରାଣିକ ଗିତିନାଟ ପାଇଁ ନାଅଛନ୍ତି ଦର୍ଶକ ନା କଳାକାର। ଲୋପ ପାଉଥିବା ପୌରାଣିକ କଳା ସଂସ୍କୃତିର ଅବକ୍ଷୟ ସମୟରେ ବାବା ରାଘବଦାସ ନାଗା ବାବା ଭାବରେ ପରିଚିତ ବାବାଙ୍କ ଉଦ୍ୟମ ପ୍ରଶଂସନୀୟ ।ନାଉଗାଁ ବ୍ଲକ ଅନ୍ତର୍ଗତ ଗୋଠଦା ଗ୍ରାମର ପ୍ରସିଦ୍ଧ ଗାଦି ଗୋସାଇଁ ପୀଠ ଠାରେ ପୌରାଣିକ ରାମାୟଣ ଆଧାରିତ ଗୀତିନାଟ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମ ଓ ପାଖପାଖି ଅଞ୍ଚଳରୁ ବହୁ ସଂଖ୍ୟକ ଦର୍ଶକ ଉପସ୍ଥିତ ହୋଇ ନାଟ୍ୟ ପ୍ରଦର୍ଶନକୁ ଉପଭୋଗ କରିଥିଲେ । ଏହି ଗୀତିନାଟ୍ୟରେ ରାମାୟଣର ବିଭିନ୍ନ ଆକର୍ଷଣୀୟ ପର୍ବ ଯଥା ଲକ୍ଷ୍ମଣ ଶକ୍ତିଭେଦ, ଲଙ୍କା ପୋଡ଼ି, ତରଣୀସେନ ବଧ, ମହିରାବଣ ବଧ ଓ ରାମଙ୍କ ବନବାସ ଇତ୍ୟାଦିକୁ



ଅତ୍ୟନ୍ତ ଚିତ୍ରାଙ୍କିତ ଓ ଜୀବନ୍ତ ଭାବରେ ମଞ୍ଚସ୍ଥ କରାଯାଇଥିଲା । କଳାକାରମାନଙ୍କ ଦକ୍ଷ ଅଭିନୟ, ପାରମ୍ପରିକ ସଙ୍ଗୀତ ଓ ପୋଷାକ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଆଧୁନିକ ଚାକଚକ୍ୟ ଓ ଡିଜିଟାଲ ମନୋରଞ୍ଜନର ଯୁଗରେ ଏପରି ପୌରାଣିକ ଓ ଶାସ୍ତ୍ରୀୟ ନାଟ୍ୟକଳାକୁ ପୁନଃଜୀବନ ଦେବା ପ୍ରୟାସ ନିଶ୍ଚୟ ଭାବେ ସଓ୍ୱାଗତଯୋଗ୍ୟ । ଏହା ମାଧ୍ୟମରେ ଯୁବ ପିଢ଼ୀ ପାରମ୍ପରିକ ସଂସ୍କୃତି ଓ ଧାର୍ମିକ ମୂଲ୍ୟବୋଧ ସହିତ ଆଉ ନିକଟତର ହେଉଛନ୍ତି । ବାବା ରାଘବଦାସଙ୍କ ତତ୍ତ୍ୱାବଧାନରେ ଗୋଠଦା ଗ୍ରାମର ବଜରଙ୍ଗ ବାଲି ନାଟ୍ୟ ପରିଷଦ ଓ ଗାଦିବ୍ରାହ୍ମ ନାଟ୍ୟ ପରିଷଦ ମିଳିତ ଭାବେ ଏହି ଅନୁଷ୍ଠାନକୁ ସଫଳ କରିଥିଲେ । ସଂସ୍କୃତି ଓ ପରମ୍ପରାର ସୁରକ୍ଷା ପାଇଁ ସେମାନଙ୍କର ଏହି ପ୍ରୟାସକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀମାନେ ଭୂରିଭୂରି ପ୍ରଶଂସା କରିଛନ୍ତି । ଏହି ଅବସରରେ ବାଉରୀବନ୍ଧୁ ସାହୁ, ବାବୁଲି ମଲ୍ଲିକ, ଶଙ୍କର ମଲ୍ଲିକ, ଜଦୁମଣି ରାଉତ, ରାଜକିଶୋର ଭୋଇ, ବାବାଜୀ ରାଉତ, ବୈରାଗୀ ରାଉତ ଓ କୃଷ୍ଣଚନ୍ଦ୍ର ବାରିକ ପ୍ରମୁଖ ଗ୍ରାମବାସୀ ଏବଂ କଳାକାରମାନେ ନାଟକର ସଫଳ ପରିଚାଳନାରେ ସକ୍ରିୟ ଭୂମିକା ନିଭାଇଥିଲେ । ଏପରି କାର୍ଯ୍ୟକ୍ରମ ଗ୍ରାମୀଣ ଅଞ୍ଚଳରେ ସାହିତ୍ୟ, ସଂସ୍କୃତି ଓ ଧାର୍ମିକ ଐତିହ୍ୟକୁ ସୁରକ୍ଷିତ ଓ ସଜୀବ ରଖିବାରେ ମୁଖ୍ୟ ଭୂମିକା ନିଭାଉଛି ବୋଲି ମତ ପ୍ରକାଶ ପାଇଛି ।

# ସଚେତନତା ଓ ଗାଡି ଯାଞ୍ଚ କଡାକଡି : ରକ୍ତଦାନ ଶିବିରରୁ ୧୧୪ୟୁନିଟ ସଂଗ୍ରହ

ଚଣ୍ଡିଖୋଲ, (ସବ୍ୟୁ): ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପରିବହନ ବିଭାଗ ପକ୍ଷରୁ ଶନିବାର ଠାରୁ ରାଜ୍ୟସାରା ସ୍ୱତନ୍ତ୍ର ଭାବେ ଗାଡି ମଟର ଯାଞ୍ଚ କାର୍ଯ୍ୟ ଆରମ୍ଭ କରାଯାଉଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ପକ୍ଷରୁ ମଧ ୪ଟି ଥାନା ଅନ୍ତର୍ଗତ ରାସ୍ତା ଉପରେ ଗାଡି ଯାଞ୍ଚକୁ କଡାକଡି କରାଯିବା ସହିତ ଗାଡି ମାଲିକ ଓ ଚାଳକ ମାନଙ୍କୁ ସଡକ ସୁରକ୍ଷା ନିୟମ ପାଳନକରି ରାସ୍ତାରେ ଗାଡି ମଟର ଚଳାଇବାକୁ ସଚେତନ କରାଯାଇଛି। ଏହକ୍ରମରେ ମଙ୍ଗଳବାର ଦିନ କଳିଙ୍ଗନଗର, ବାଲିଚନ୍ଦ୍ରପୁର ଓ ଛତିଆ ଅଞ୍ଚଳରେ ସଚେତନତା ଓ କାଡିଯାଞ୍ଚ କାର୍ଯ୍ୟ ହୋଇଥିଲା। ଛତିଆ ସ୍ଥିତ ରାଜ୍ୟ ଗାଡି ଚାଳକ ପ୍ରଶିକ୍ଷଣ କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରୁ ୧୧୪ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସେହିପରି ଗାଡିଯାଞ୍ଚର ଚତୁର୍ଥ ଦିନ ସୁଧା ୩୧୪ ଟି ଗାଡିରୁ ଚାଲାଣ କଟାଯାଇ ୧୯ଲକ୍ଷ ୩୭ଜାର ୧୧୦ଟଙ୍କା ଯୋରୀମାନା ଆଦାୟ ହୋଇଥିବା ଜଣାପଡିଛି। ଚଣ୍ଡିଖୋଲ ଆରଟିଓ ଶିଶିରକୁମାର ସାହୁଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ ଓ ଗାଡିଯାଞ୍ଚ କାର୍ଯ୍ୟ ଚାଲିଥିବା ବେଳେ ଏଥିରେ ଟିଆଇ ଯୁଗଳକିଶୋର ତିରିଆ, ଜୁନିୟର ଏମଭିଆଇ ଅବିନାଶ ସଓ୍ୱାଇଁ, ସଓ୍ୱାତୀ ସଓ୍ୱାଗତୀକାଙ୍କ ସହ ଚଣ୍ଡିଖୋଲ ଆରଟିଓର ସମସ୍ତ ଅଧିକାରୀ ସାମିଲ ହୋଇଥିଲେ। ଯାଞ୍ଚର ପ୍ରଥମ ଦିନ ୬୯ଟି ଗାଡି ଠାରୁ ୧ ଲକ୍ଷ ୮୩ ହଜାର ୬୫୦ ଟଙ୍କା ଯୋରୀମାନା ଆଦାୟ ହୋଇଥିବା ବେଳେ ଦିତୀୟ ଦିନରେ ୯୧ ଟି ଗାଡିରୁ ୪ ଲକ୍ଷ ୫୦ ହଜାର ତୃତୀୟ ଦିନରେ ୯୮ଟି ଗାଡି ଠାରୁ ୧୧ଲକ୍ଷ ୧୦ ହଜାର ୭୬୦ ଟଙ୍କା ଓ ଚତୁର୍ଥ ଦିନରେ ୫୬ଟି ଗାଡିଠାରୁ ୫ଲକ୍ଷ ୬୦ ହଜାର ଟଙ୍କା ଯୋରୀମାନା ଆଦାୟ ହୋଇଥି ଜଣାପଡିଛି!

# ଯୁବତୀ ବେକରୁ ସୁନା ଚେନ ଝାମ୍ପି ନେଲେ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ଥାନା ଅଧିନ ଜାରକା ପୁଲିସ ବିଟହାଉସର ଅନତୀ ଦୂରରେ ଜଣେ ଯୁବତୀଙ୍କ ବେକରୁ କଳା ପଲ୍ସର୍ ବାଇକ୍‌ରେ ଆସିଥିବା ଦୁଇ ଜଣ ଦୁର୍ବୃର୍ତ୍ତ ସୁନା ଚେନ ଝାମ୍ପି ନେଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁସାରେ କୁଆଖିଆ ଥାନା ଅନ୍ତର୍ଗତ ଓଡ଼ିଶୋ ଅଣ୍ଡେଇଗୋଡା ଗ୍ରାମର ଅଶୋକ କୁମାର ବାରିକଙ୍କ ଝିଅ ଅଭିଲିପ୍‌ସା ବାରିକ , ଜାରକା ମାଛ ବଜାର ନିକଟରେ ଥିବା ମାଉସୀ ଘରକୁ ଆସିଥିବା ବେଳେ ସନ୍ଧ୍ୟାରେ ନିଜ ମାଉସୀ ସଙ୍ଗୀତା ଦାସଙ୍କ ସହ ସନ୍ଧ୍ୟାରେ ବଜାରକୁ ବୁଲି ଯାଇଥିଲେ । ଏହି ସମୟରେ ତାଙ୍କ ପଛ ପଟୁ ଏକ କଳା ରଙ୍ଗର ପଲସର ରେ ଦୁଇ ଦୁର୍ବୃତ୍ତଆସି ବେକରୁ ସୁନା ଚେନ ଓ ଲକେଟ ଝାମ୍ପି ନେଇଥିବା ଜଣାପଡିଛି । ଅଭିଲିପ୍‌ସା ଓ ତାଙ୍କ ମାଉସୀ ଜାରକା ବିଟ ହାଉସ ଅଧିକାରୀଙ୍କୁ ଏ ବିଷୟରେ ଜଣାଇବା ପରେ ପୁଲିସ ଘଟଣା ସ୍ଥଳକୁ ଯାଇ ତନାଘନା କରିଛି। ଏସମ୍ପର୍କରେ ଅଭିଲିପ୍‌ସା ଲିଖିତ ଭାବେ ଧର୍ମଶାଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୧୨୫/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# ମହୁଲି ମଦ ଜବତ, ବେପାରୀ ଗିରଫ

ପାଣିକୋଇଲି, (ସବ୍ୟୁ): ପାଣିକୋଇଲି ଥାନା ଅନ୍ତର୍ଗତ ଶଂଖଚିଲା ଫାଣ୍ଡି ପକ୍ଷରୁ ପୁଲିସ ସନ୍ଧ୍ୟା ପେଟ୍ରୋଲିଂଗ ସମୟରେ ଜଣେ ଦେଶୀ ମଦ ବେପାରୀକୁ ଧରିବା ସହ ତା ନିକଟରୁ ମଦ ଜବତ କରି ତାକୁ ଗିରଫ କରିଛି। ପ୍ରକାଶଯେ ଶଙ୍ଖଚିଲା ଫାଣ୍ଡି ପକ୍ଷରୁ ସନ୍ଧ୍ୟା ପେଟେଯାଲିଂଗ ସମୟରେ ଜହ୍ନାକଣା ଛକ ଠାରେ ଦେଶୀ ମଦ ବେପାର ହେବାର ଖବର ବିଶେଷ ସୂତ୍ରରୁ ପାଇ ସେଠାରେ ଚଢାଉ କରିଥିଲେ। ସେହି ସମୟରେ ଜହ୍ନାକଣା ଗ୍ରାମର ତପନ ମଲିକ(୩୨)ସନ୍ଦେହ ଜନକ ଭାବେ ଅଟାକାଇ ପଚାରିବାରୁ ତା ନିକଟରୁ ଦେଶୀ ମହୁଲି ର୍ (୭ଲିଟର ୨୫ମିଲିଗ୍ରାମ) ମିଳିଥିଲା। ଯାହାକୁ ବେଆଇନ ଭାବେ ସେ ବିକ୍ରି କରୁଥିବା ସ୍ୱୀକାର କରିଥିଲା। ତାକୁ ଥାନାକୁ ଆଣିବା ପରେ ଏକ ମାମଲା ୯୫/୨୬ରୁଜୁ କରାଯିବା ସହ ୫୨(ଏ) ଓଡିଶା ଏକ୍ସାଇଜ ଆକଂରେ ଗିରଫ କରାଯାଇଛି।

# ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

ବିଞ୍ଝାରପୁର,(ସବ୍ୟୁ):. ଯକ୍ଷ୍ମା ରୋଗର ନିରାକରଣ ପାଇଁ ସରକାର ଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମୌଳିକ ଲକ୍ଷ୍ୟକୁ ଜନକୈନ୍ଦ୍ରିକ କରିବା ପାଇଁ ଏହାର ପ୍ରଚାର. ପ୍ରସାର କାର୍ଯ୍ୟକୁ ଯକ୍ଷ୍ମା ଦିବସ ପାଳନର ଏକମାସ ପୂର୍ବରୁ ବିଞ୍ଝାରପୁର ବ୍ଲକର ସମସ୍ତ ପଞ୍ଚାୟତ ଅଞ୍ଚଳରେ ଡାକବାଜି ଦ୍ୱାକା ବ୍ୟାପକ ପ୍ରଚାର କାର୍ଯ୍ୟ କରାଯାଇ ଜନସଚେତନତା ସୃଷ୍ଟି କରାଯାଇଥିଲା। ଆଜି ଯକ୍ଷ୍ମା ଦିବସ ପାଳନ ଅବସରରେ ରଘୁନାଥପୁର (ସୟଦପୁର) ସ୍ଥିତ ଭଗବତୀ ସ୍କୁଲ ଅଫ ନର୍ସିଂର ଛାତ୍ରୀ ମାନଙ୍କ ଦ୍ୱାରା ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.କ୍ଷିତିଶ କୁମାର ନାୟକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭଗବତୀ ସ୍କୁଲ ଅଫ ନର୍ସିଂର ଅଧକ୍ଷ ଭାଗ୍ୟଶ୍ରୀ ପଣ୍ଡା, ସିଏଚଓ ସ୍ନିଗ୍ଧା ସୋନାଲୀ ଦାସ, ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ଆର.ଏନ.ପଣ୍ଡା ଓ ତାଜଉଦ୍ଦିନ ଖାଁ ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଯକ୍ଷ୍ମାମୁକ୍ତ ଭାରତ ଅଭିଯାନକୁ ତୃଣମୂଳ ସ୍ତରରେ ଲୋକାଭିମୁଖୀ କରିବା ସରକାରଙ୍କର ଲକ୍ଷ୍ୟ ବୋଲି ଏସଟିଏସ ଶୀତିକଣ୍ଠ ମିଶ୍ର ଆୟୋଜିତ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରିଥିଲେ।

# ଭଗତ ସିଂ ଯୁବକ ସଂଘ ପକ୍ଷରୁ ଫାଶୀ ଦିବସ ଓ ରକ୍ତଦାନ ଶିବିର

ବ୍ୟାସନଗର, (ଜିପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ବୀରଶହୀଦ ଭଗତ ସିଂ, ରାଜଗୁରୁ, ସୁଖଦେବଙ୍କ ୯୫ତମ ଫାଶୀ ଦିବସ ପାଳନ ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଶିବିରକୁ ବରିଷ୍ଠ ସାମ୍ବାଦିକ ସୁବାଷ ଚନ୍ଦ୍ର ଧଳ ଉଦଘାଟନ କରିଥିବା ବେଳେ ଅତିଥି ଭାବେ ପୂର୍ବତନ ଅଧକ୍ଷା ସବିତା ରାଉତ, ସୌମ୍ୟରଞ୍ଜନ ଧଳ, ବ୍ୟଙ୍ଗକବି ବାଇଧର ମାଝୀ, ରମ୍ୟରଞ୍ଜନ ପୁହାଣ, କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି, ସମାଜସେବୀ ନରେଶ ମସ୍କରା, ବିଜେପି ନେତା ପ୍ରସନ୍ନ ସାମଲ, ବରିଷ୍ଠ ସାମ୍ବାଦିକ ଡ.ଚିନ୍ତାମଣି ପାଢ଼ୀ, ସମାଜସେବୀ ଚନ୍ଦ୍ରମଣି ସାମଲ, ନାରାୟଣ ଚନ୍ଦ୍ର ନାୟକ, ଅଶୋକ ଦାସ ଆଦି ଅନେକ ବ୍ୟକ୍ତି ବିଶେଷ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ୨୬ଜଣ ରକ୍ତଦାତା ରକ୍ତଦାନ କରିଥିଲେ ।




ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ଲଡ ବ୍ୟାଙ୍କ କର୍ମଚାରୀ ସୁଚାରୁ ରୂପେ ସମ୍ପାଦନ କରିଥିଲେ । ଦ୍ୱିତୀୟ ଅଧିବେସନ ସଂଘର ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଫାଶି ଦିବସ ପାଳନରେ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ଅତିରିକ୍ତ ପରିବହନ ଆୟୁକ୍ତ ପିୟୁସକାନ୍ତ ପାଣି, ଶ୍ରମିକନେତା ବିଦ୍ୟାଧର ମହାନ୍ତି, କାହ୍ନୁଚରଣ ମହାବିଦ୍ୟାଳୟ ଅଧକ୍ଷ ଡ଼ ମୋହନ ଚରଣ ଝୁଂଟିଆ, ସମାଜସେବୀ ନରେଶ ମସ୍କରା, ସୋମ୍ୟରଞ୍ଜନ ଧଳ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ନାୟକ, ଶ୍ରମିକ ନେତା ଚନ୍ଦ୍ରମଣି ସାମଲ ଯୋଗ ଦେଇଥିଲେ। ସଂଘର ସଭ୍ୟ ଦୀପକ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ହେମନ୍ତ କୁମାର ଧୀର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିତ୍ୱ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମରଣୋତର ସମ୍ମାନ ଢେଙ୍କାନାଳର ବିପ୍ଳବୀ ଶହୀଦ ବାଜି ରାଉତ ପରିବାରଙ୍କୁ ଦିଆଯାଇଥିବାବେଳେ ଶ୍ରେଷ୍ଠ ସମାଜସେବୀ ଭୁବନେଶ୍ୱରର ଗଗନ ପଇଟାଳ, ରଞ୍ଜିତ ବେହେରା, ଶ୍ରେଷ୍ଠ ଶବ ବାହିକା ଭାବେ ମଧୁସ୍ମିତା ପୃଷ୍ଟି, ଶ୍ରେଷ୍ଠ ସାମ୍ବାଦିକ ଭାବେ ସୂର୍ଯ୍ୟପ୍ରଭାର ସାମ୍ବାଦିକ ଉମାକାନ୍ତ ରାଉତ, ନନ୍ଦିଘୋଷ ଟିଭିର ବିକ୍ରମ କେଶରୀ ସାହୁ, ଆମ୍ବୁଲାନ୍ସ ସେବକ ପଦ୍ମଲୋଚନ ମହାରଣା, ସମାଜସେବା ଅନୁଷ୍ଠାନ ବିଶ୍ୱାସ ପରିବାରଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପୂର୍ବରୁ ଅନୁଷ୍ଠିତ ସଂଗୀତ, ବକ୍ତୃତା ଓ ନୃତ୍ୟରେ କୃତକାର୍ଯ୍ୟ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ରମେଶ ବିଶ୍ୱାଳ ମଂଚ ପରିଚନା କରିଥିବାବେଳେ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସର୍ବଶ୍ରୀ ହେମନ୍ତ କୁମାର ନାୟକ, ଅସିତ୍ ଦାସ, ସାହିଲ୍ ବୋଇତାଇ, ଆଶିଷ ମଲ୍ଲିକ, ମାନସ ରାଉତ, ଶଶାଙ୍କ ବ୍ରହ୍ମ, ଭାଗିରଥୀ ବାରିକ, ତପନ ବାରିକ, ତପନ ସିଂ, ବିଜୟ ନନ୍ଦୀ, ଜନ୍ମେଜୟ ରାଉତ, ସୁଦର୍ଶନ ମଲ୍ଲିକ, ଶିବାନନ୍ଦ ଦାସ, ମନୋଜ ଦାସ, ପରେଶ ଦାସ, ମାଣିକ ଗାଗରାଇ, ପ୍ରମୋଦ ମଲ୍ଲିକ, ସୋମ୍ୟ ଓଝା ସହଯୋଗ କରିଥିଲେ । ମହେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଲେପୁର ମହୋତ୍ସବ ଓ ଉତ୍କଳ ଦିବସ ସମାରୋହ ପାଇଁ ସାଲେପୁର ଚଳଚଞ୍ଚଳ

ସାଲେପୁର ,(ସବ୍ୟୁ) : ସାଲେପୁର ମଧୁସ୍ମୃତି ପରିଷଦ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ସାଲେପୁର ମହୋତ୍ସବ ଓ ଉତ୍କଳ ଦିବସ ସମାରୋହ ଆସନ୍ତା ଏପ୍ରିଲ ୧ ତାରିଖରୁ ୫ତାରିଖ ପର୍ଯ୍ୟନ୍ତ ମହାଆଡ଼ମ୍ବରରେ ପାଳିତ ହେବାକୁ ଯାଉଛି। ମଧୁସ୍ମୃତି ପରିଷଦର ସଭାପତି ତଥା ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତ%୦ବଧାନରେ ସାଲେପୁର ବ୍ୟାରେଜ ପଡିଆ ଠାରେ ପ୍ରସ୍ତୁତି ଜୋରଦାର ଚାଲିଥିବାର ଦେଖାଯାଇଛି। ପରିଷଦର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯାଇ କିଭଳି ଭାବରର ମହୋତ୍ସ ସରସ ସୁନ୍ଦର କରାଯାଇ ପାରିବ ସେଥିପାଇଁ ବିଧାୟକ ଶ୍ରୀ ବେହେରା ସମସ୍ତ କାର୍ଯ୍ୟକୁ ନିଜେ ତଦାରଖ କରୁଛନ୍ତି। ମହୋତ୍ସବ ପଡିଆରେ ବିଭିନ୍ନ ଦୋକାନ ଖୋଲାଯିବ ପାଇଁ କାର୍ଯ୍ୟକ୍ରମ ଚାଲିଥିବା ବେଳେ ପଡିଆ ଓ ସଂଯୋଗୀକରଣ ରାସ୍ତା ଗୁଡିକ ଆଲୋକୀକରଣ କରାଯାଉଛି। ପ୍ରତିଦିନ ସନ୍ଧ୍ୟାରେ ଓଡିଶାର ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଅସୀମା ପଣ୍ଡା, ଅନ୍ତରା ଚକ୍ରବତୀ ଓ ରୁପକ୍ଷୁନାଙ୍କ ଭଳି ନାମିଦାମୀ କ=ଶିଳ୍ପୀ ଓ ତାଙ୍କର ଟିମ ମେଲୋଡି ପରିବେଷଣ କରିବା ସହିତ କଲିକତା, ବ୍ରହ୍ମପୁର ଓ କୋରପୁଟର ଡ୍ୟାନ୍ସଗ୍ରୁପମାନଙ୍କର ନାଚରେ ଝୁମିବେ ଦର୍ଶକ। ପ୍ରତିଦିନ ମଧୁବାବୁଙ୍କ ସ୍ମୃତି ଚା ରଣ ସଭାରେ ରାଜ୍ୟର ବହୁ ମାନ୍ୟଗଣ୍ୟ ଅତିଥି ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦଜାପାନୀ ଦିବସ ୫ତାରିଖରେ ସଂଧ୍ୟରେ ବିଭିନ୍ନ ପଂଚାୟତରୁ ମହୋତ୍ସ ପଡିଆକୁ ଆସୁଥିବା ଆକର୍ଷଣୀୟ ରାଲି ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହେଉଥିବାରୁ ସାଲେପୁର ପୋଲିସ ପ୍ରଶାସନ ୫ଦିନର ମହୋତ୍ସବ ପାଇଁ ପ୍ରସୂତି କରିଥିବାର ସୂଚନା ମିଳିଛି। ସାଲେପୁର ତହସିଲ ପ୍ରଶାସନ, ବ୍ଲକ, ଅଗ୍ନିସମ ବିଭାଗ, ବିଦ୍ୟୁତ ବିଭାଗ, ପାନୀୟଜଳ ଯୋଗାଣ ବିଭାଗ ସମେତ ପ୍ରାୟ ସମସ୍ତ ବିଭାଗ ମହୋତ୍ସବ ପାଳନ ପାଇଁ ତାଙ୍କ ବିଭାଗ ଦ୍ୱାରା ଆବଶ୍ୟକୀୟ କାର୍ଯ୍ୟକୁ ସୁଚାର ରୂପେ କରୁଥିବାର ଦେଖାଯାଇଛି। ଚଳିତ ବର୍ଷ ମହୋତ୍ସରେ ଓରମାସ ଓ ମିଶନଶକ୍ତିର ବଡ ପଦର୍ଶନୀର କାର୍ଯ୍ୟକ୍ରମ ରହିଥିବାର ସୂଚନା ମିଳିଛି।

# କାୟା ବିସ୍ତାର କରୁଛି ଜଣ୍ଡିସ : ୪୦ରୁ ଉର୍ଦ୍ଧ୍ୱ ଶିଶୁ ଆକ୍ରାନ୍ତ

## ସ୍ୱାସ୍ଥ୍ୟ ବିଭାଗର ସ୍ଥିତି ଅନୁଧ୍ୟାନ

ଆଠଗଡ ,(ସବ୍ୟୁ): ଆଠଗଡ଼ ନିକଟବର୍ତ୍ତି ଉତ୍ତର ବାଙ୍କୀ ବ୍ଲକ କଦଳୀ ବାଡି ରେ କାୟା ବିସ୍ତାର କରୁଛି ଜଣ୍ଡିସ। ଗତ ପନ୍ଦର ଦିନ ମଧ୍ୟରେ ୪୦ ରୁ ଉର୍ଦ୍ଧ୍ୱ ଶିଶୁ ଏଥିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଏହି ସବୁ ଶିଶୁ ମାନେ କଦଳୀ ବାଡି ସେବାଶ୍ରମ ରେ ପଢୁଥିବା ବେଳେ ମଙ୍ଗଳବାର ଦିନ ସ୍ୱାସ୍ଥ୍ୟ ବିଭାଗ ର ଏକ ଟିମ ଆଜି ସ୍ଥିତି ଅନୁଧ୍ୟାନ କରିଛନ୍ତି। କଦଳୀ ବାଡି ସେବାଶ୍ରମରେ ପିଲା ମାନଙ୍କ ବାର୍ଷିକ ପରୀକ୍ଷା ଚାଲିଥିବା ବେଳେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ଆକ୍ରାନ୍ତ କିଛି ପିଲା ମାନଙ୍କୁ ପ୍ରଥମେ ଜର ହୋଇ ଥିବା ବେଳେ ପରେ ଏହା ସଂକ୍ରମଣ ଜନିତ ହୋଇ ଜଣ୍ଡିସ ର ରୂପ ନେଇଥିବାରୁ ଏବେ ଏହା ଅଧିକ ସଂକ୍ରମିତ ହୋଇ ଏହାର କାୟା ବିସ୍ତାର କରି ସଂକ୍ରମଣ ସଂଖ୍ୟା ୪୦ ରୁ ଉର୍ଦ୍ଧ୍ୱ ହୋଇଛି। ପରୀକ୍ଷା ପରେ ବିଧିବଦ୍ଧ ଭାବେ ତିନି ଜଣଙ୍କୁ ଏହି ଜଣ୍ଡିସ ସଂକ୍ରମଣ ହୋଇ ଥିବା ବେଳେ ଆସନ୍ତା କାଲି ୨୫ ତାରିଖ ବୁଧବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ପରୀକ୍ଷା କରାଯିବ ବୋଲି ଜଣାପଡିଛି। ପ୍ରଦୁଷିତ ଜଳ କିମ୍ବା ଫାଷ୍ଟ ଫୁଡ ପାଇଁ ଏହି ଭଳି ସଂକ୍ରମଣ ହୋଇ ଥାଇପାରେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁମାନ କରା ଯାଉଛି।

ଆଜି କଦଳୀ ବାଡି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସାଗରିକା ପ୍ରିୟଦର୍ଶିନୀ ରାୟ,ଏ ଏନ ଏମ ଜୟମନ୍ତୀ ଲାକ୍ରା, ଆଶାକର୍ମୀ ଜୟନ୍ତୀ ରାଉତ ପ୍ରମୁଖ କଦଳୀ ବାଡି ରେ ପହଞ୍ଚି ଅଭିଭାବକ ମାନଙ୍କ ସହିତ ମିଶି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ଆକ୍ରାନ୍ତ ପିଲା ମାନଙ୍କ ସ୍ୱାସ୍ଥ୍ୟ ଅନୁଧ୍ୟାନ କରିଥିଲେ।

ଏଥି ପାଇଁ ବୁଧବାର ବିଦ୍ୟାଳୟ ର ସମସ୍ତ ପିଲା ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ତୁରନ୍ତ ରିପୋର୍ଟ ପ୍ରକାଶ କରି ଆକ୍ରାନ୍ତ ପିଲାମାନଙ୍କ ପାଇଁ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ କୁହା ଯାଇଛି।ଜଳ ସଂକ୍ରମଣ ବାବଦରେ ଜନସ୍ୱାସ୍ଥ୍ୟ ବିଭାଗ ର ସହକାରୀ ଯନ୍ତ୍ରୀ ସୌମ୍ୟରଞ୍ଜନ ରାଉତରାୟ ଙ୍କୁ ପଚାରିବାରୁ ପିଲା ମାନଙ୍କ ଦାରା ବ୍ୟବହାର କରା ଯାଉଥିବା ପାଣି ର ନମୁନା ସଂଗ୍ରହ କରା ଯାଇ ରାଜ୍ୟ ଲାବୋରେଟୋରୀ କୁ ପରୀକ୍ଷା ପାଇଁ ପଠା ଯାଇଥିବା କହିଛନ୍ତି। ସଓ୍ୱଜଳ ଧାରା ମାଧ୍ୟମରେ ଗ୍ରାମ ରେ ବ୍ୟବହାର କରା ଯାଉଥିବା ଗଭୀର ନଳକୂପ ଏବଂ ପାଣି ଟାଙ୍କିର ଜଳ ନମୁନା ସଂଗ୍ରହ କରିବା ସହିତ ଏହାର ବିଶୋଧନ କରା ଯାଇଛି। ବିଦ୍ୟାଳୟରେ ପିଲାମାନଙ୍କ ଦ୍ୱାରା ବ୍ୟବହାର କରା ଯାଉଥିବା ଗଭୀର ନଳକୂପ ଏବଂ ଖୋଲା କୂଅରୁ ପାଣି ନମୁନା ମଧ୍ୟ ସଂଗ୍ରହ କରା ଯାଇଥିବା ଜଣାପଡିଛି। ତେବେ ବିଦ୍ୟାଳୟ ରେ ଆକ୍ୱଗାର୍ଡ ରହିଥିବା ବେଳେ ତାହା ଏବେ ସଠିକ ଭାବେ କାମ କରୁଛି କି ନାହିଁ ତାହା ତଦନ୍ତ ସାପେକ୍ଷ ହୋଇ ପଡ଼ିଛି। ତେବେ ପିଲାମାନଙ୍କ ପାଇଁ ମାରାତ୍ମକ ରୋଗ ଜଣ୍ଡିସ ସ୍ଥିତି ବିଗିଡିବା ପୂର୍ବରୁ ଛୋଟ ଛୋଟ ପିଲା ମାନଙ୍କ ସହିତ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ମା' ମଙ୍ଗଳାଙ୍କ ତୃତୀୟ ପାଳି ଯାତ୍ରା : ବାସନ୍ତିକ ଦୁର୍ଗାପୂଜା ଆରମ୍ଭ



କାକଟପୁର ,(ସବ୍ୟୁ): ପ୍ରସିଦ୍ଧ ଶକ୍ତିପୀଠ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମଙ୍ଗଳମୟୀ ମା' ମଙ୍ଗଳାଙ୍କ ତୃତୀୟ ପାଳି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରେ ବିଶ୍ୱପ୍ରସିଦ୍ଧ ବାସନ୍ତୀକ ଦୁର୍ଗାପୂଜା ଓ ଚୈତ୍ର ପର୍ବ ମହାସମାରୋହରେ ଆରମ୍ଭ ହୋଇଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ 'ନୀତି ନିର୍ଘଣ୍ଟ' ଅନୁଯାୟୀ, ଭୋର ୪ଟାରୁ ଦ୍ୱାର ଫିଟା ସହ ମହାସ୍ନାନ ଓ ଅନ୍ୟାନ୍ୟ ସଓ୍ୱତନ୍ତ୍ର ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସକାଳ ୮ଟାରୁ ରାତି ୨ଟା ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ମା'ଙ୍କର ବେଶ, ଧୂପ, ସନ୍ଧ୍ୟା ଆଳତି ଓ ବିଳ ମଣ୍ଡିତ ରାତ୍ରରେ କାଳୀକା ନୃତ୍ୟ ଅନୁଷ୍ଠିତ ହୋଇଥିଲା ।

ବିଶେଷ କରି ମଧ୍ୟାହ୍ନରେ 'ବଲ୍ଲଭ ଧୂପ' ଏବଂ ରାତ୍ରରେ 'କାଳିକା ନୃତ୍ୟ' ସହ ବେଢ଼ା କବାଟ ଖୋଲା ଓ ରାମାୟଣ ପାଠ , ତଥା ଆଧାତ୍ମିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା। ବାସନ୍ତୀକ ପୂଜା ୨୬ ତାରିଖ ଗୁରୁବାର ପର୍ଯ୍ୟନ୍ତ ଚାଲିବ। ଶ୍ରଦ୍ଧାଳୁମାନେ ମା'ଙ୍କର ଏହି ଦୁର୍ଲଭ ବେଶ ଓ ପୂଜା ଦର୍ଶନ ପାଇଁ ପୀଠରେ ହଜାର ହଜାର ଭକ୍ତଙ୍କର ଭିଡ଼ ଜମି ଜମି ରହିଥିଲା। ମା' ମଙ୍ଗଳା ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶାନ୍ତିଶୃଙ୍ଖଳା ସହ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କାକଟପୁର ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିବା ବେଳେ ପୂର୍ତ୍ତ ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଭକ୍ତ ମାନଙ୍କ ପାଇଁ ସୁଗମାନ ଗମନ ବ୍ୟବସ୍ଥା କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ପାଣି ଟାଙ୍କି ରଖାଯାଇଥିଲା।

# ବିଦ୍ୟାଳୟରେ ନାମ ଲେଖାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣପତ୍ର



ବାଲିପାଟଣା, (ସବ୍ୟୁ): ଚଳିତ ଶିକ୍ଷା ବର୍ଷ ରେ ବିଦ୍ୟାଳୟ ମାନଙ୍କରେ ଆଗାମୀ ଏପ୍ରିଲ ୨ ତାରିଖ ରେ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଶିଶୁ ବାଟିକା କାର୍ଯ୍ୟକ୍ରମରେ ୬ ବର୍ଷରୁ ଅଧିକ ବୟସର ପିଲାମାନଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା । ଏହି କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ରହିଛି । ଆସ ସ୍କୁଲ ଯିବା ଅଭିଯାନରେ ମଧ୍ୟ ବିଦ୍ୟାଳୟ ବାହାରେ ଥିବା ୫ ରୁ ୧୮ ବର୍ଷର ପିଲାମାନଙ୍କୁ ଶିକ୍ଷା ବ୍ୟବସ୍ଥାରେ ସାମିଲ କରାଯିବ । ଏଥିପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମସ୍ତ ଅଭିଭାବକ ମାନଙ୍କୁ ଏକ ପତ୍ର ଲେଖି କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ଅନୁରୋଧ କରିଛନ୍ତି । ସୋମବାର ଦିନ ବାଲିପାଟଣା ବ୍ଲକ ସ୍ତରରେ ଏହି ପତ୍ର ବଣ୍ଟନ କାର୍ଯ୍ୟକ୍ରମ ସ୍ଥାନୀୟ ତରଡାପଡା ଉପ୍ରା ବିଦ୍ୟାଳୟ ଅଞ୍ଚଳରେ ଶୁଭାରମ୍ଭ ହୋଇଥିଲା । ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ ଏବଂ ବି ଇ ଓ ଡ ପ୍ରଭାତ କୁମାର ରଥ ଉପସ୍ଥିତ ରହି ନାମ ଲେଖାଇବାକୁ ଥିବା ଅଭିଭାବକ ମାନଙ୍କୁ ମୁଖ୍ୟମନ୍ତ୍ରୀ ଙ୍କ ଚିଠି ପ୍ରଦାନ କରି ସେମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସି ଆର୍ ସି ମମୀତା ଦଳାଇ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ଦାସ ସହଯୋଗ କରିଥିଲେ । ବି ଇ ଓ ଙ୍କ ସହିତ ସି ଆର୍ ସି ସି ଝୁନୀ ଦେଇ, ପ୍ରଧାନ ଶିକ୍ଷକ ଜଗବନ୍ଧୁ ଜେନା, ରତ୍ନାକର ବେହେରା, ବଳରାମ ପଣ୍ଡା ଓ ସମଗ୍ର ବ୍ଲକ ଅଞ୍ଚଳରେ ଏହି କାର୍ଯ୍ୟକ୍ରମରେ ଏ ବି ଇ ଓ ଯଶୋଦା ସାହୁ, ବିଜୟ କୁମାର ବେହେରା ସେହି କ୍ଲଷ୍ଟରର ସି ଆର୍ ସି ସି ଓ ପ୍ରଧାନଶିକ୍ଷୟିତ୍ରୀ ମାନଙ୍କୁ ନେଇ ଗାଁଆ ଗାଁଆ ବୁଲି ପତ୍ର ବଣ୍ଟନ କରିଥିଲେ ।

# ପୁରସ୍କୃତ ହେଲେ ଅଙ୍ଗନବାଡି କର୍ମୀ

ବାରଙ୍ଗ , (ସବ୍ୟୁ): ଭାରତସରକାରଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟରେ କରାଯାଉଥିବା ପୂର୍ବ ସ୍ୱତନ୍ତ୍ର ସଘନ ସଂଶୋଧନ (ପ୍ରିଏସ ଆଇ ଆର)ରେ କାର୍ଯ୍ୟରେ କାର୍ଯ୍ୟରତ ଜଣେ ବିଏଲଓ(ବୁଥ ଲେବୁଲଅଫିସର) ସାଗରୀକା ନାୟକ ପୁରସ୍କୃତ ହୋଇଛନ୍ତି । ସେ ଗଣ୍ଡରପୁର-୨ରେ କାର୍ଯ୍ୟକରି ଭୋଟିଂ ରେ ୧୦୦% ମ୍ୟାପିଙ୍ଗ କରିଛନ୍ତି।ସେ ଜଣେ ଅଙ୍ଗନବାଡିକର୍ମୀ ବାଲିପଡା - ୧ଦାଢ଼ା ପଞ୍ଚାୟତରେ ହୋଇଥିବା ବେଳେ ଭୁବନେଶ୍ୱ ଉତ୍ତର ନିର୍ବାଚନମଣ୍ଡଳୀର ବୁଥନମ୍ବର-୧୬ ବି ଏଲ ଓ ଅଟନ୍ତି। ବୁଥ ନଂ -୧୬ ରେ କଲ୍ୟାଣପୁର ପଞ୍ଚାୟତର ଗଣ୍ଡରପୁର ମଝିସାହି ଓ କୁଆଁରସାହି ହୋଇଥିବା ବେଳେ ସେଥିରେ ୧୨୪୧ଜଣଭୋଟର ଅଛନ୍ତି। ତେବେ ଏସଆଇଆର କାର୍ଯ୍ୟପୂର୍ବରୁ ପ୍ରିଏସ ଆଇଆର କାର୍ଯ୍ୟ ସୁଶ୍ରୀ ଅର୍ଚ୍ଚନାଦାସ (ଏଇଆରଓ)ଙ୍କ ତତ୍ତ୍ୱାବଧାନରେ କରାଯାଉଥିଲା । ସୁପର ଭାଇଜର ସୁଧାକର ବେହେରା ପରିଚାଳନାଦ୍ୱାରା ଅଙ୍ଗନବାଡିକର୍ମୀ ସାଗରୀକାନାୟକ ଭୋଟରମାନଙ୍କର ସଠିକ ୧୦୦ଭାଗ ମ୍ୟାପିଙ୍ଗ କରି ପୁରସ୍କୃତ ହୋଇଛନ୍ତି। ଅଙ୍ଗବାଡିକର୍ମୀ ଗଣ୍ଡରପୁର ଗ୍ରାମର ପ୍ରତ୍ୟେକ ଭୋଟରଙ୍କ ଘରକୁ ଘର ବୁଲି ଗଣ୍ଡରପୁରଗ୍ରାମର ଭୋଟରଙ୍କର ମ୍ୟାପିଙ୍ଗ କରିବା ସହିତ ସେଠାକାର ବୋହୂମାନଙ୍କର ବାପଘରର ଠିକଣା ଆଣି ସମ୍ପୂର୍ଣ୍ଣ ସଠିକ ମ୍ୟାପିଙ୍ଗ କରିଛନ୍ତି ।

# ଲୋପ ପାଉଛି ଗ୍ରାମ୍ୟ ଜଙ୍ଗଲ : ଚାଲିଛି ମାଳମାଳ ବେଆଇନ କରତ କଳ

ନିମାପଡା, (ସବ୍ୟୁ): କୋର୍ଟଙ୍କ ଆଦେଶକୁ ଅମାନ୍ୟ କରି ବର୍ଷ ବର୍ଷ ଧରି ନିମାପଡା ଅଂଚଳର ବିଭିନ୍ନ ସ୍ଥାନରେ ଚାଲିଛି ମାଳ ମାଳ ବେଆଇନ କରତକଳ । ଫଳରେ ଲୋପ ପାଇବାରେ ବସିଛି ନିକଟବର୍ତ୍ତୀ ଅଂଚଳରେ ଥିବା ଜଙ୍ଗଲ । ଦିନରାତି ଚାଲିଥିବା ଏହି ବେଆଇନ କରତକଳ ଗୁଡିକ ଉପରେ କେବେ ବନ ବିଭାଗ ଓ ଜିଲ୍ଲା ପ୍ରଶାସନ ଅଙ୍କୁଶ ଲଗାଇବ ତାହାକୁ ପରିବେଶବିତ୍ ଓ ବୁଦ୍ଧିଜୀବୀ ମାନେ ଚାହିଁ ରହିଛନ୍ତି । ନିମାପଡା ଅଂଚଳର ବିଭିନ୍ନ ସ୍ଥାନରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ବେଆଇନ କରତକଳ ଚାଲୁଥିବା ଦେଖିବାକୁ ମିଳୁଛି । ସଂରକ୍ଷିତ ଜଙ୍ଗଲ ଗୁଡିକର ସୁରକ୍ଷା ପାଇଁ କୋର୍ଟ କରତକଳ ଗୁଡିକ ଉପରେ ପ୍ରତିବନ୍ଧକ ଲଗାଇଥିଲେ । କିନ୍ତୁ କୋର୍ଟଙ୍କ ଆଦେଶକୁ ଅମାନ୍ୟ କରି ମାଲିକ ମାନେ କରତକଳ ଚଳାଇ ଆସୁଛନ୍ତି । ପ୍ରତି ବର୍ଷ ନିମାପଡା ବ୍ଲକର ବିଭିନ୍ନ ପଂଚାୟତରେ ନୂଆ କରତକଳ ବସୁଥିବାରୁ ଦିନକୁ ଦିନ ଏହାର ସଂଖ୍ୟା ବଢିବାରେ ଲାଗିଛି । ନିମାପଡା ବ୍ଲକ ଅନ୍ତର୍ଗତ ତୁଳସୀପୁର, ଦଣ୍ଡିକିରା, ଟିଟିଙ୍ଗାପଡା,ତମ୍ପାଳୋ ପୋଦନା, କନ୍ତିଆ, ଗଡଇଟାପୋଖରୀ, କାନପୁର, ଅସୁରଡିପ, ଡେଣୁଆଁ, ବଳଙ୍ଗା, ଖେଳାର ଆଦି ସ୍ଥାନରେ ବେଆଇନ ଭାବେ କରତକଳ ଗୁଡିକ ଚାଲିଛି । ଏମାନଙ୍କ ମଧ୍ୟରେ କେବଳ ତୁଳସୀପୁର ବଜାର ନିକଟରେ ୧୦ରୁ ଉର୍ଦ୍ଧ୍ୱ କରତକଳ ଚାଲୁଥିବା ଜଣାପଡିଛି । ଅଧିକାଂଶ କରତକଳ ଗୁଡିକୁ ବିଦ୍ୟୁତ ସଂଯୋଗ ରହିଥିବା ବେଳେ କେତେକ ଟ୍ରାକ୍ଟର ଇଂଜିନ ଲଗାଇ କଳ ଚଳାଇଥିବା ଜଣାପଡିଛି । ଦୈନିକ ଗ୍ରାମ୍ୟଜଙ୍ଗଲ ଗୁଡିକରୁ ଗଛ କଟାଯାଇ ଟ୍ରାକ୍ଟରେ କରତକଳକୁ ଅଣାଯାଇ ଚିରଟ କରାଯାଉଛି । ଏଠାରୁ ଚିରଟ ହୋଇ କାଠ ପଟା,ଶେଣୀ ଆଦି ରାଜଯ ଏବଂ ରାଜଯ ବାହାରକୁ ବିକ୍ରି କରାଯାଉଛି ।

ଗଛ କଟା ହେବା ଯୋଗୁଁ ଏହାର ପ୍ରଭାବ ପରିବେଶ ଉପରେ ପଡୁଥିବା ନେଇ ଅଭିଯୋଗ ହେଉଛି । ମଝିରେ ମଝିରେ ବନ ବିଭାଗର ଅଧିକାରୀ ମାନେ ହାତ ଗଣତି କରତକଳ ଉପରେ ନାମକୁ ମାତ୍ର ଚଢାଉ କରି ବାହା ବାହା ନେଇ ପୁଣି ଚୂପ ହୋଇ ବସିଯାଉଥିବା ଚର୍ଚ୍ଚା ହେଉଛି । ପରିବେଶବିତ୍ ସୁଶାନ୍ତ ପ୍ରଧାନ କୁହନ୍ତି ଆମର ନିଶ୍ୱାସ ପ୍ରଶ୍ୱାସ ନେବା ପାଇଁ ଗଛର ଆବଶ୍ୟକତା ରହିଛି ।

ଗଛ କାଟିବା ଯୋଗୁଁ ପରିବେଶ ଉପରେ ଏହାର କୁ-ପ୍ରଭାବ ପଡୁଛି, ରାସ୍ତା କାମ ଆଳରେ ଅନାବଶ୍ୟକ ସ୍ଥାନରୁ ବଡ ବଡ ଗଛ ସବୁ କାଟି ଦିଆଯାଉଛି, ଦିନକୁ ଦିନ ବୃକ୍ଷ ରୋପଣ କମ୍ ,ଗଛ କାଟିବା ସଂଖ୍ୟା ବହୁ ଅଧିକ ଦେଖିବାକୁ ମିଳୁଛି । ବହୁ ସଂଖ୍ୟାରେ ବେଆଇନ କରତକଳ ଚାଲିବା ଯୋଗୁଁ ଗ୍ରାମ୍ୟ ଜଙ୍ଗଲ ପଦା ହେବାରେ ଲାଗିଛି । ଅଧିକରୁ ଅଧିକ ଗଛ କିଭଳି ଲାଗିବ ଏବଂ ଗଛର ସୁରକ୍ଷା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଶ୍ରୀ ପ୍ରଧାନ ଦାବୀ କରିଛନ୍ତି ।

# ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ପ୍ରଫୁଲ୍ଲ ସୁବୁଦ୍ଧିଙ୍କ ପରଲୋକ

ପିପିଲି, (ସବ୍ୟୁ): ଅବସରପ୍ରାପ୍ତ ବିଶିଷ୍ଟ ପ୍ରାଣୀ ଚିକିତ୍ସକ ଡାକ୍ତର ପ୍ରଫୁଲ୍ଲ କିଶୋର ସୁବୁଦ୍ଧି (୯୧)ଙ୍କର ସୋମବାର ଭୋର ସମୟରେ ପରଲୋକ ଘଟିଛି । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ନିଜକୁ ବିଭିନ ସେବା କାର୍ଯ୍ୟରେ ନିୟୋଜିତ କରି ଚଳଚଞ୍ଚଳ ଥିବା ବେଳେ ହଠାତ ଗତ ୬ଦିନ ତଳେ ବାର୍ଦ୍ଧକ୍ୟଜନିତ ରୋଗ କାରଣରୁ ଅସୁସ୍ଥ ହୋଇପଡିଥିଲେ । ନିମୋନିଆରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ସୋମବାର ଭୋର ୪ଟା ସମୟରେ ତାଙ୍କ ପରଲୋକ ଘଟିଥିଲା । ସାମ୍ବାଦିକ, ବୁଦ୍ଧିଜୀବୀ, ସମାଜସେବୀ, ପ୍ରଶାସନିକ ଅଧିକାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ପିପିଲି ଡିହସାହି ସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ । ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୌରାଧକ୍ଷ ସେକ ବାବୁ, ଓଡିଶା ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ଏକ ଶୋକାକୁଳ ପରିବେଶ ମଧ୍ୟରେ ପୁରୀ ସଓ୍ୱର୍ଗଦ୍ୱାର ଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁତ୍ର ପ୍ରକାଶ କୁମାର ସୁବୁଦ୍ଧି, ପ୍ରଣବ କିଶୋର ସୁବୁଦ୍ଧି, ପ୍ରବୋଧ କୁମାର ସୁବୁଦ୍ଧି ଓ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ମୁଖାଗ୍ନି ଦେଇଥିଲେ ।



# ଶହୀଦ ଦିବସ ପାଳିତ

ନିରାକାରପୁର, (ସବ୍ୟୁ): ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ମାଇଁ ଭାରତ ଖୋର୍ଦ୍ଧା ଏବଂ ରାମାବିଲିର ବିଜୟଲକ୍ଷ୍ମୀ କ୍ଲବ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳରେ ଜାତୀୟ ଶହୀଦ ଦିବସ ଅତ୍ୟନ୍ତ ଭକ୍ତିପୂତ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ଜଙ୍କିଆ ହାଇସ୍କୁଲ ଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ବିଜେପିର ବରିଷ୍ଠ ନେତା କେଳୁ ଜଗଦେବ ଜାତୀୟ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାଟି ଜଙ୍କିଆ ବଜାର ପରିକ୍ରମା କରିବା ସହ ରାମାବିଲି ଓ ଛଣାଗିରି ଦେଇ ହଜ ଗ୍ରାମରେ ପହଞ୍ଚିଥିଲା। ହଜ ଗ୍ରାମର ଅମର ଶହୀଦ ସିଆରପିଏଫ ଯବାନ କୃଷ୍ଣ ମୋହନ ପ୍ରହରାଜଙ୍କ ବାସଭବନରେ ଶୋଭାଯାତ୍ରା ପହଞ୍ଚିବା ପରେ ସେଠାରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା।

ଉପସ୍ଥିତ ଅତିଥି ଓ ଜନସାଧାରଣ ଶହୀଦଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରି ଦେଶ ମାତୃକା ପାଇଁ ତାଙ୍କର ବଳିଦାନକୁ ସ୍ମରଣ କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସ୍ଥାନୀୟ ନେତୃବୃନ୍ଦ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଯୁବ ନେତା ଭବାନୀ ଶଙ୍କର ବରିଷଲ, ମାଧବ ମହାନ୍ତି, ଅକ୍ଷୟ କୁମାର ଦାସ, ପ୍ରକାଶ କୁମାର ଗୁମାନସିଂହ, ପ୍ରଦ୍ୟୁମ୍ନ ଜଗଦେବ, ବିରଞ୍ଚି ସାମନ୍ତସିଂହାର, ମହେଶ୍ୱର ବଳିୟାରସିଂହ, ମହେନ୍ଦ୍ର ରାଉତରାୟ ଓ ଭଗବାନ ନାୟକ ଥିବାବେଳେ ପ୍ରଶାସନିକ ଅଧିକାରୀ ରଞ୍ଜନ କୁମାର ପଟ୍ଟନାୟକ ଓ ତୁଷାର ନାୟକ, ବିଜୟଲକ୍ଷ୍ମୀ କ୍ଲବ୍ର ସେଓ୍ୱଚ୍ଛାସେବୀ କାର୍ତ୍ତିକ ସାମନ୍ତରାୟ, ସତ୍ୟନାରାୟଣ ଶ୍ରୀଚନ୍ଦନ, ବିଶ୍ୱଜିତ ରାଉତରାୟ ଓ ଭାରତ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଶହୀଦଙ୍କ ସାନଭାଇ ବଳରାମ ପ୍ରହରାଜ ଓ ପରିବାର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଗ୍ରାମର ଯୁବ ସ୍ୱେଚ୍ଛାସେବୀ ମହେନ୍ଦ୍ର ମାନସିଂହ ଓ ପ୍ରକାଶ ମାନସିଂହଙ୍କ ନେତୃତ୍ୱରେ ୨୦୦ରୁ ଅଧିକ ଯୁବକ ଓ ଗ୍ରାମବାସୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ସମଗ୍ର ହଜ ଗ୍ରାମ ପରିକ୍ରମା କରିଥିଲେ। ଦେଶପ୍ରେମୀଙ୍କ ଏହି ସମାଗମ ଅଞ୍ଚଳରେ ଏକ ନୂତନ ଉତ୍ସାହ ସୃଷ୍ଟି କରିଥିଲା ।

## ଗାଁ ମହୋତ୍ସବ ହରିକେଶର ଉଦ୍‌ଘାଟିତ

# ଦର୍ଶକଙ୍କ ମନ ମୋହିଲା ମୟୁର ନୃତ୍ୟ

ବୋଲଗଡ, (ସବ୍ୟୁ): ବୋଲଗଡ ବ୍ଲକ ବଡ଼ କୁମାରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହରିକେଶର ଗ୍ରାମର ଯୁବକ ସଂଘ ଆନୁକୂଲ୍ୟରେ ଚତୁର୍ଥ ଗାଁ ମହୋତ୍ସବ ହରିକେଶର ମଙ୍ଗଳବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବରେ ସମାଜସେବୀ ପ୍ରକାଶ ଚନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ପ୍ରଧାନ , ମୁଖ୍ୟ ବକ୍ତାଭାବେ ୨୬ନମ୍ବର ଜୋନର ଜିଲ୍ଲାପରିଷଦର ସଭ୍ୟ ସୁବାଷ ଚନ୍ଦ୍ର ରାୟଗୁରୁ ଓ ସମ୍ମାନିତ ଅତିଥିଭାବେ ସାମ୍ବାଦିକ ଦେବବ୍ରତ ହୋତା ପ୍ରମୁଖ ଯୋଗ ଦେଇଥିଲେ ।



ବଂଶୀଧର ସଂଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ସଓ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ସଭାପତି ପ୍ରକାଶ ଚନ୍ଦ୍ର ରାଉତରାୟ ସଓ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହି ମହୋତ୍ସବକୁ ଦେଖିବା ପାଇଁ ବଡ଼ କୁମାରୀ ଗ୍ରାମ ପଞ୍ଚାୟତ, ବାଂକୋଇ ଦେଶ ଗ୍ରାମ ପଞ୍ଚାୟତ ଓ ଖଙ୍ଗୁରିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବହୁ ଯୁବକ ଯୁବତୀ, ମହିଳା ଓ ଜନସାଧାରଣମାନେ ଯୋଗ ଦେଇଥିଲେ। ବୋଲଗଡ ବ୍ଲକ ଅଞ୍ଚଳରେ ନୂତନ ଭାବେ ଦୀର୍ଘ ୪ବର୍ଷ ଧରି ଏହି ଗ୍ରାମାଞ୍ଚଳ ହରିକେଶର ମହୋତ୍ସବ କରାଯାଉଥିବାରୁ ଏହାର ଲୋକ ପ୍ରିୟତା ବର୍ଷକୁ ବର୍ଷ ବୃଦ୍ଧି ପାଉଅଛି ରାଜ୍ୟ ସରକାରଙ୍କ ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ କଳାକାର ମାନଙ୍କ ଦ୍ୱାରା ମନୋରଞ୍ଜନ ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରାଯାଇଥିଲା । ବିଭିନ୍ନ ଅନୁଷ୍ଠାନର ଛାତ୍ରୀମାନେ ବହୁ ଉଚ୍ଚ କୋଟୀର ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ । ଗ୍ରାମାଞ୍ଚଳର କଳା, ସାହିତ୍ୟ, ସଂସ୍କୃତି ଓ ଲୋକ କଳା ମହୋତ୍ସବ ମାଧ୍ୟମରେ ଭାଇ ଚାରା ସମ୍ପର୍କ ସୃଷ୍ଟି କରିଥାଏ ଓ ସମସ୍ତଙ୍କୁ ସ୍ନେହ ମମତା ରଜ୍ଜୁରେ ବାନ୍ଧିଧରି ଏକତା ବଜାଇ ରଖିଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ସମସ୍ତ ନିମନ୍ତ୍ରିତ ଅତିଥିମାନେ ହରିକେଶର ଗ୍ରାମର ଐତିହ୍ୟ, କଳା ସଂସ୍କୃତି ଏବଂ ଗ୍ରାମବାସୀମାନଙ୍କର ସମାଜ ସେବା ସମ୍ପର୍କରେ ଆଲୋକପାତ କରିଥିଲେ । ରଙ୍ଗା ରଙ୍ଗ ଏବଂ ମୟୁର ନୃତ୍ୟ ଦର୍ଶକମାନଙ୍କର ମନ ମୋହିଥିଲା । ପରିଶେଷରେ ସଭାପତି ଶ୍ରୀ ରାଉତରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଶୋକାଷ୍ଟମୀ ରଥଯାତ୍ରା ପାଇଁ ପହଞ୍ଚିଲା ଆଜ୍ଞାମାଳ

ନିରାକାରପୁର, (ସବ୍ୟୁ): ଆସନ୍ତା ୨୬ତାରିଖ ଗୁରୁବାର ଚୈତ୍ରମାସ ଶୁକ୍ଲପକ୍ଷ ଅଷ୍ଟମୀ ତିଥିରେ ବିଜେ ଡିଆସ୍ଥିତ ଶ୍ରୀକପିଳେଶର ଦେବଙ୍କ ପୀଠରେ ପାଳିତ ହେବ ଅଶୋକାଷ୍ଟମୀ ରଥଯାତ୍ରା। ଶ୍ରୀଜୀଉ ରାଜପ୍ରତିଷ୍ଠିତ ଠାକୁର ହୋଇଥିବାରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ସମସ୍ତ ପ୍ରସ୍ତୁତିପର୍ବ ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପାରମ୍ପରିକ ରୀତିନୀତିରେ ମଙ୍ଗଳବାର ଦିନ ପୁରୀ ଶ୍ରୀମନ୍ଦିରରୁ ଚନ୍ଦନକାଠ, ପାଟପଟନୀ ଓ ପାଉଣା (ଆଜ୍ଞାମାଳ) ଅଣା ଯାଇଛି। ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର ଓ ପରିଚାଳନା କମିଟି ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଆଜ୍ଞାମାଳ ଆଣି ମଙ୍ଗଳବାର ଅପରାହ୍ନରେ ଶ୍ରୀ ଜୀଉଙ୍କ ପୀଠରେ ପହଞ୍ଚିଥିବା ଜଣାଯାଇଛି । ପାରମ୍ପରିକ ରୀତିନୀତି ଅନୁସାରେ ଏହି ଆଜ୍ଞାମାଳ କପିଳେଶରଙ୍କ ମନ୍ଦିର ପାଖରେ ପହଞ୍ଚିବ। ପରେ ପରିଚାଳନା କମିଟି ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇ ପାଛୋଟି ନିଆଯାଇଥିଲା।

# ଗୋବିନ୍ଦପୁର ଭଗବତ ବାସୁଦେବ ମେଳଣ ଉଦ୍‌ଯାପିତ



ପିପିଲି, (ସବ୍ୟୁ): ପିପିଲି ଅଂଚଳର ପ୍ରଥମ ଭଗବତ ବାସୁଦେବ ମେଳଣ କୁହାଯାଉଥିବା ଏହି ଗୋବିନ୍ଦପୁର ପାରିଗୀ ତୋଟା ମେଳଣ ତିନିଦିନ ବ୍ୟାପି ଅନୁଷ୍ଠିତ ହୋଇ ସୋମବାର ଭୋର ସମୟରେ ଉଦଯାପିତ ହୋଇଯାଇଛି । ଏହି ମେଳଣ ଚୈତ୍ର ମାସ ଅମାବାସ୍ୟା ଦ୍ୱିତୀୟ ତିଥିରେ ଅର୍ଥାତ ଶୁକ୍ରବାର ମଧ୍ୟ ରାତ୍ରିରେ ଜମିଥିଲା ।

ଗୋବିନ୍ଦପୁର ଗ୍ରାମର ଆରାଧ୍ୟ ଭଗବତ ବାସୁଦେବ (ଥାନାପତିଙ୍କୁ) ସୁସଜ୍ଜିତ ବିମାନ ଯୋଗେ ଏକ ପାରମ୍ପରିକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଗ୍ରାମରୁ ମେଳଣ ତୋଟାକୁ ନିଆଯାଇ ଆସ୍ଥାନରେ ବସା ଯାଇଥିଲା। ପରେ ଆଖପାଖ ଗ୍ରାମର ଉଣେଇସି ଗୋଟି ବିମାନ ଶୋଭାଯାତ୍ରାରେ ଆସି ପିଣ୍ଡିରେ ଉପବିଷ୍ଟ ହୋଇଥିଲେ । ତିନିଦିନ ବ୍ୟାପି ଏହି ଠାକୁର ମେଳଣରେ ବହୁ ଜନସମାଗମ ଦେଖିବାକୁ ହୋଇଥିଲା । ଠାକୁରଙ୍କ ସମ୍ମୁଖରେ ଆଠଟି ସଂକୀର୍ତ୍ତନ ମେଳ ପକ୍ଷରୁ ହୋଇଥିବା ନାମ ସଂକୀର୍ତ୍ତନ ଏକ ଆଧାତ୍ମିକ ପରିବେଷ ସୃଷ୍ଟି କରିଥିଲା । ଶେଷଦିନ ଅର୍ଥାତ ସୋମବାର ଭୋର ସମୟରେ ଭୋଗ ଲାଗି ପରେ ସମସ୍ତ ଠାକୁର ବିମାନ ଗୁଡିକୁ ଥାନାପତିଙ୍କ ସହିତ ହରିହର ଭେଟ ପରେ ପ୍ରସ୍ଥାନ କରିଥିଲେ । ମେଳଣ ଟି ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ଏହି ମେଳଣ ପାଞ୍ଚ ସହ ବର୍ଷର ପୁରୁଣା ଅନୁଷ୍ଠାନ ବୋଲି ମେଳଣ କମିଟିର ସଭାପତି ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି ।

# ପିଏମ୍‌ଶ୍ରୀ ବିଏମ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ



କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ାସ୍ଥିତ ପିଏମଶ୍ରୀ ବିଏମ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସ୍ମିତାରାଣୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କ୍ରୀଡ଼ା ଅଧିକାରୀ ସୌଦାମିନୀ ଦାସ, କଣ୍ଟାପଡ଼ା ସରପଞ୍ଚ ନିର୍ମଳ ସାହୁ, ମଣ୍ଡଳ ଶିକ୍ଷାଧିକାରୀ ରବୀନ୍ଦ୍ର ସାହୁ, ସୁଶାନ୍ତ ବେହେରା, କମଳାକାନ୍ତ ପ୍ରଧାନ, ସମିତି ସଭ୍ୟ ପବିତ୍ରମୋହନ ସ୍ୱାଇଁ, ନିରଂଜନ ବାରିକ, ପରିଚାଳନା କମିଟି ସଭାପତି ମନସୁର ଅଲୀ ସା, ଓ୍ୱାର୍ଡ଼ ମେମ୍ବର କବିପ୍ରସାଦ ବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ କ୍ରୀଡ଼ାବିତଙ୍କୁ ପୁରସ୍କୃତ କରାଯାଇଥିଲା। ଦେବାଶିଷ କର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲାବେଳେ ସମସ୍ତ ଶିକ୍ଷକ, ଶିକ୍ଷିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ସାଇବର ଅପରାଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



ଖଣ୍ଡପଡା, (ସବ୍ୟୁ): ନୟାଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଇବର ଅପରାଧ ସଂପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି କନକଲତା ପୂଜାରୀ, ଏସଆଇ ମନସ୍ମିତା ସାହୁ, ଖଣ୍ଡପଡ଼ା ବ୍ଲକ ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅନିତ କୁମାର ବଡ଼ସେଣ୍ଠ, ପର୍ଯ୍ୟବେକ୍ଷକ କ୍ରୀଷ୍ଣା କୁମାରୀ ମିଶ୍ର ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ସାଇବର ଅପରାଧରୁ କିଭଳି ଦୂରେଇ ରହିବା ସେ ନେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି, ଅଙ୍ଗନବାଡି କର୍ମୀ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଯୁବତୀମାନଙ୍କୁ ସଚେତନ କରାଯାଇଥିଲା।ଆଜିର ଡିଜିଟାଲ ଯୁଗରେ ଶହଶହ ବ୍ୟକ୍ତି ବିଭିନ୍ନ ସମୟରେ ସାଇବର ଠକେଇର ଶିକାର ହେଉଥିବାରୁ ଏ ନେଇ ପ୍ରଶାସନିକ ଅଧିକାରୀମାନେ ଉଦବେଗ ପ୍ରକାଶ କରିଥିଲେ। ସଚେତନତା ହିଁ ସାଇବର ଅପରାଧକୁ ରୋକିପାରିବ ବୋଲି ଅଧିକାରୀମାନେ ମତ ଦେଇଥିଲେ। ଯେ କୌଣସି ବ୍ୟକ୍ତି ସାଇବର ଠକେଇ କିମ୍ବା ଅପରାଧର ଶିକାର ହୁଅନ୍ତି ତେବେ ତୁରନ୍ତ ସାଇବର ଥାନା ସହ ଯୋଗାଯୋଗ କରିବାକୁ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ପରାମର୍ଶ ଦିଆଯାଇଥିଲା।

# ବିଜିୟୁ-ଆଡଫ୍ୟାକ୍ଟର୍ସ ପକ୍ଷରୁ ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ) ଓ ଆଡଫ୍ୟାକ୍ଟର୍ସ ପିଆର ମିଳିତ ସହଯୋଗରେ 'ରିଇମାଜିନିଙ୍ଗ୍ କମ୍ୟୁନିକେସନ ମ୍ୟାନେଜମେ ଇନ୍ ଏ ଡାଟା-ଡ୍ରିଭେନ୍, ପ୍ଲାଟଫର୍ମ ଇକୋନୋମି' ଶୀର୍ଷକକୁ ନେଇ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ସମ୍ମିଳନୀରେ ଆଡଫ୍ୟାକ୍ଟର୍ସ ପିଆରର ନିର୍ଦ୍ଦେଶକ ଡ଼. ସମୀର କପୁର ମୁଖ୍ୟ ଅତିଥି ଏବଂ ଆଇଆଇଏମ କୋଝିକୋଡ୍‌ର ହ୍ୟୁମାନିଟିଜ୍ ଏଣ୍ଡ ଲିବରାଲ୍ ଆର୍ଟସ ବିଭାଗର ସହଯୋଗୀ ପ୍ରଫେସର ଡ଼. ଅନୁପମ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର କୁଳପତି ପ୍ରଫେସର କୁଳଭୂଷଣ ବାଲୁନୀ କାର୍ଯ୍ୟକ୍ରମରେ ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ । ଆବାହକ ତଥା ସହକାରୀ ପ୍ରଫେସର ସୁରେଶ କୁମାର ଗୋଲ୍ଲେ ଉଦ୍ଘାଟନୀ ସମାରୋହରେ ସ୍ୱାଗତ ଭାଷଣ ଦେଇଥିଲେ । ଡିନ୍ ଡ଼.ଶିବ ଶଙ୍କର ଦାସ ତଥ୍ୟ ଆଧାରିତ ଯୋଗାଯୋଗର ବଢୁଥିବା ଗୁରୁତ୍ୱ ଉପରେ ଆଲୋକପାତ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟକରିଥିଲେ ।

ନିଜର ଅଭିଭାଷଣରେ ଡ଼. ଅନୁପମ ଦାସ, ବ୍ୟକ୍ତିଗତ ଏବଂ ପୂର୍ବାନୁମାନ ଭିତ୍ତିକ ଯୋଗାଯୋଗକୁ ସକ୍ଷମ କରିବାରେ ତଥ୍ୟର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଡ଼. ସମୀର କପୁର କୃତ୍ରିମ ବୁଦ୍ଧିମତା ଦ୍ୱାରା ପରିଚାଳିତ ସଂଳାପ-ଭିତ୍ତିକ ଯୋଗାଯୋଗର ଅଭ୍ୟୁଦୟ ଉପରେ ଗୁରୁତ୍ୱାରୋପ କରି ସୂଚାଇଥିଲେ ଯେ, ବର୍ତ୍ତମାନ ଦ୍ରୁତ ପରିବେଷଣ ଅପେକ୍ଷା ସଠିକତା ଏବଂ ବିଶ୍ୱାସନୀୟତା ଅଧିକ ଜରୁରୀ । ପ୍ରଫେସର ବାଲୁନି ସୋସିଆଲ ମିଡିଆ ଯୁଗରେ ଜ୍ଞାନ ସମ୍ବଳିତ ଯୋଗାଯୋଗର ଆବଶ୍ୟକତା ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ସମ୍ମିଳନୀର ଅନ୍ୟତମ ମୁଖ୍ୟ ଆକର୍ଷଣ ଭାବେ 'ଏମବିଏ ଇନ୍ କମ୍ୟୁନିକେସନ ମ୍ୟାନେଜମେଣ୍ଟ' ପାଠ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ସମାରୋହ ଶେଷରେ ଡ଼. ଜ୍ଞାନରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଥମ ଦିନରେ ସାମ୍ପ୍ରତିକ ଯୋଗାଯୋଗ ଆହ୍ୱାନଗୁଡ଼ିକ ଉପରେ ଦୁଇଟି ପ୍ୟାନେଲ୍ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ରଥମ ପ୍ୟାନେଲ୍ ପରିବର୍ତ୍ତନଶୀଳ ମିଡିଆ ପରିବେଶରେ ପ୍ରତିଷ୍ଠା, ବିପଦ ପରିଚାଳନା ଏବଂ ଅଂଶୀଦାରମାନଙ୍କ ସହ ସମ୍ପର୍କ ଉପରେ କେନ୍ଦ୍ରିତଥିଲା ।

ଏଥିରେ ଆଡଫ୍ୟାକ୍ଟର୍ସ ପିଆରର ନିର୍ଦ୍ଦେଶକ ଡ. ସମୀର କପୁର, ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର କର୍ପୋରେଟ୍ ଆଫେୟାର୍ସ ଏବଂ ସରକାରୀ ସମ୍ପର୍କ ବିଭାଗର ଜେନେରାଲ ମ୍ୟାନେଜର ସୁଧୀ ରଞ୍ଜନ ମିଶ୍ର ଏବଂ ବେଙ୍ଗାଲୁରୁର ଇଣ୍ଟିଗ୍ରେଟେଡ୍ ବ୍ରାଣ୍ଡକମ୍ ପ୍ରାଇଭେଟ୍ ଲିମିଟେଡ୍‌ର ସିଓଓ ପ୍ରବୀଣ ଶିରିୟାନଭାର ନିଜର ମତ ରଖିଥିଲେ । ଦ୍ୱିତୀୟ ପ୍ୟାନେଲ୍ ଆଲୋଚନା 'ଏଆଇ, ଡାଟା ଏବଂ ଡାୟଲଗ୍: ଯୋଗାଯୋଗର ଭବିଷ୍ୟତ' ବିଷୟବସ୍ତୁ ଉପରେ ଆଧାରିତଥିଲା । ଏହି ପ୍ୟାନେଲ୍‌ରେ ସ୍ୱିଗିର ସିନିୟର କମ୍ୟୁନିକେସନ୍ ମ୍ୟାନେଜର ଅନୀଶ ଚୌଧୁରୀ, ଓଡ଼ିଶାର ଜେବି କନସଲଟିଂର ଲିଡ୍ ଆକାଉ ମ୍ୟାନେଜର ତଥା ବିଜିୟୁର ପୁରାତନ ଛାତ୍ରୀ ଅଙ୍କିତା ମହାରଣା ଏବଂ ଆଭନେଟ୍ ର ଏସିଆ-ପାସିଫିକ୍ ପାଇଁ କମ୍ୟୁନିକେସନ୍ ସ୍ପେଶାଲିଷ୍ଟ ତଥା ବିଜିୟୁର ପୁରାତନ ଛାତ୍ରୀ ପ୍ରିୟଙ୍କିତା ପ୍ରହରାଜ ଅଂଶ ଗ୍ରହଣ କରିଥିଲେ । ଦ୍ୱିତୀୟ ଦିନରେ, ସମ୍ମିଳନୀ ସମ୍ବନ୍ଧିତ ଗବେଷଣା ପତ୍ର ଉପସ୍ଥାପନ ହୋଇଥିଲା, ଯାହା ଶିକ୍ଷାବିତ୍‌ମାନଙ୍କୁ ଯୋଗାଯୋଗ ଏବଂ ଗଣମାଧ୍ୟମ ଅଧ୍ୟୟନର ନୂତନ ଧାରା ଉପରେ ନିଜର ମତ ରଖିବା ପାଇଁ ଏକ ମଞ୍ଚ ପ୍ରଦାନ କରିଛି । ଉଦ୍‌ଯାପନୀ ଅଧିବେଶନରେ ସମ୍ମିଳନୀର ରିପୋର୍ଟ ଉପସ୍ଥାପନ ହୋଇଥିଲା । ଏଥିରେ ପ୍ରିଲ୍ୟୁଡ୍ ନୋଭେଲ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ସହ-ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ସତ୍ୟବ୍ରତ ରଥ ଅତିଥି ଭାବେ ଯୋଗଦେଇ ଅଭିଭାଷଣ ରଖିଥିଲେ । ବିଜିୟୁର ରେଜିଷ୍ଟ୍ରାର ପ୍ରଫେସର ବି. କେ. ଦାସ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ ।

**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୬୬)**
**ସାଂଖ୍ୟଯୋଗଃ**
**ଶ୍ରୀଭଗବାନୁବାଚ**
**ନାସ୍ତି ବୁଦ୍ଧିରଯୁକ୍ତସ୍ୟ ନ ଚାଯୁକ୍ତସ୍ୟ ଭାବନା ।**
**ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ॥ ୬୬ ॥**

ଯାହାର ଇନ୍ଦ୍ରିୟ ବଶୀଭୂତ ନୁହେଁ, ତାହାର ବୁଦ୍ଧି ନାହିଁ, ତାହାର ଆତ୍ମଭାବନା ମଧ୍ୟ ଅସମ୍ଭବ । ଆତ୍ମଭାବନା ନ କରିବା ବ୍ୟକ୍ତିର ଶାନ୍ତି ନାହିଁ, ଆଉ ଶାନ୍ତି ନଥିବା ବ୍ୟକ୍ତିର ସୁଖ ବା ମୋକ୍ଷାନନ୍ଦ କେଉଁଠାରୁ ହେବ ।।୬୬।।

# ଆସନ ବଢ଼ିବ ୮୧୬

ଚଳିତ ସଂସଦୀୟ ଅଧିବେଶନରେ କେନ୍ଦ୍ର ସରକାର ଗୋଟାଏ ବିଧେୟକ ଆଗତ କରିବାର ସମ୍ଭାବନା ରହିଛି । ସେହି ବିଧେୟକଟି ହେଉଛି ସମ୍ବିଧାନ ସଂଶୋଧନ ବିଧେୟକ, ଯଦ୍ଦ୍ୱାରା କି ସରକାର ଆଗାମୀ ଲୋକସଭା ନିର୍ବାଚନ ବା ବିଧାନସଭା ନିର୍ବାଚନମାନଙ୍କରେ ଏକ ତୃତୀୟାଂଶ ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରଖିବେ । ଆଗେ ଲୋକସଭା ନିର୍ବାଚନ ଓ ତା'ପରେ ବିଧାନସଭା ନିର୍ବାଚନ ହେବ । ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏପରି ଉଦ୍ୟମ ଖୁବ୍ ପ୍ରଶଂସନୀୟ ବୋଲି କୁହାଯାଉଛି । ଯଦି ଏହି ବିଧେୟକ ଆଇନରେ ପରିଣତ ହୁଏ, ତେବେ ଲୋକସଭାରେ ଆସନ ସଂଖ୍ୟା ୩୩ ପ୍ରତିଶତ ମହିଳାଙ୍କ ସଂରକ୍ଷଣ ଲାଗି ମଧ୍ୟ ବୃଦ୍ଧି ପାଇବ । ସରକାର ତାଙ୍କ ବାଟରେ ଏହି ସଂରକ୍ଷଣ ବ୍ୟବସ୍ଥା ଲାଗୁ କଲେ, ଲୋକସଭାରେ ଆସନ ସଂଖ୍ୟା ୫୦ ପ୍ରତିଶତକୁ ବୃଦ୍ଧି ପାଇବ । ଲୋକସଭାର ଆସନ ସଂଖ୍ୟା ଏବେ ୫୪୩ ଅଛି । ଏହି ସଂରକ୍ଷଣଦ୍ୱାରା ୨୭୩ ଆସନ ବୃଦ୍ଧି ପାଇ ୮୧୬ ହେବ ।

ବିଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଲୋକସଭାର ଆସନ ସଂଖ୍ୟା ବୃଦ୍ଧି ପାଇ ନଥିଲା । ପ୍ରଥମ ଥର ଲାଗି ଆସନ ସଂଖ୍ୟା ହୁଏତ ବୃଦ୍ଧି ପାଇବ । ତଦ୍ଦ୍ୱାରା ରାଜ୍ୟସଭା ଓ ରାଜ୍ୟମାନଙ୍କରେ ଥିବା ବିଧାନ ପରିଷଦର ସଦସ୍ୟ ସଂଖ୍ୟା ପ୍ରଭାବିତ ହୋଇ ନପାରେ ।

ଯାହା ଜଣାଯାଇଛି, ସଂସଦର ଚଳିତ ଅଧିବେଶନରେ ଦୁଇଗୋଟି ବିଧେୟକ କେନ୍ଦ୍ର ସରକାର ଆଗତ କରିବେ । ଗୋଟିଏ ବିଧେୟକ ହେଉଛି ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ବିଧେୟକ ଓ ଅନ୍ୟଟି ହେଉଛି ସମ୍ବିଧାନ ସଂଶୋଧନ ବିଧେୟକ, ଯେଉଁଥିରେ ଉଭୟ ଲୋକସଭା ଓ ରାଜ୍ୟସଭାର ସାଂସଦମାନଙ୍କର ଦୁଇ ତୃତୀୟାଂଶ ସମର୍ଥନ ଆବଶ୍ୟକ । ତେବେ ସଂସଦର ବଜେଟ ଅଧିବେଶନ ଆସନ୍ତା ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ସରକାରଙ୍କ ଏହି ସମ୍ବିଧାନ ସଂଶୋଧନ ବିଧେୟକଟିକୁ ପାରିତ କରିବା ପାଇଁ ଆବଶ୍ୟକୀୟ ସଂଖ୍ୟା ନାହିଁ । ତେଣୁ କେନ୍ଦ୍ରର ଏନ୍.ଡି.ଏ ସରକାର ଏଥିପାଇଁ କୌଣସି କୌଶଳର ଅବଲମ୍ବନ କରି ପାରନ୍ତି ବୋଲି ମଧ୍ୟ କୁହାଯାଉଛି ।

**ସଂସଦର ଚଳିତ ଅଧିବେଶନରେ ଦୁଇଗୋଟି ବିଧେୟକ କେନ୍ଦ୍ର ସରକାର ଆଗତ କରିବେ । ଗୋଟିଏ ବିଧେୟକ ହେଉଛି ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ ବିଧେୟକ ଓ ଅନ୍ୟଟି ହେଉଛି ସମ୍ବିଧାନ ସଂଶୋଧନ ବିଧେୟକ, ଯେଉଁଥିରେ ଉଭୟ ଲୋକସଭା ଓ ରାଜ୍ୟସଭାର ସାଂସଦମାନଙ୍କର ଦୁଇ ତୃତୀୟାଂଶ ସମର୍ଥନ ଆବଶ୍ୟକ । ତେବେ ସଂସଦର ବଜେଟ ଅଧିବେଶନ ଆସନ୍ତା ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ଚାଲିବ । କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ସରକାରଙ୍କ ଏହି ସମ୍ବିଧାନ ସଂଶୋଧନ ବିଧେୟକଟିକୁ ପାରିତ କରିବା ପାଇଁ ଆବଶ୍ୟକୀୟ ସଂଖ୍ୟା ନାହିଁ । ତେଣୁ କେନ୍ଦ୍ରର ଏନ୍.ଡି.ଏ ସରକାର ଏଥିପାଇଁ କୌଣସି କୌଶଳର ଅବଲମ୍ବନ କରି ପାରନ୍ତି ବୋଲି ମଧ୍ୟ କୁହାଯାଉଛି ।**

ଉଲ୍ଲେଖନୀୟ ଯେ ବିଗତ ୨୦୨୩ ମସିହା ସେପ୍ଟେମ୍ବର ୨୦ ତାରିଖରେ ମହିଳାମାନଙ୍କ ଲାଗି ଲୋକସଭା ଓ ରାଜ୍ୟ ବିଧାନସଭାମାନଙ୍କରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ସକାଶେ ଗୋଟିଏ ବିଧେୟକ ପାରିତ ହୋଇଥିଲା । ଭାରତର ରାଜଧାନୀ ଅଞ୍ଚଳ ଦିଲ୍ଲୀ ଆସନ ମଧ୍ୟ ଏହି ସଂରକ୍ଷଣର ଅର୍ନ୍ତଭୁକ୍ତ ହେବ । ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣ ବା Delimitation ଏବଂ ଜନଗଣନା ପରେ ଏହି ସଂରକ୍ଷଣ କାର୍ଯ୍ୟକାରୀ ହେବାର ଥିଲା । ଏହି ସଂରକ୍ଷଣ ବ୍ୟବସ୍ଥାକୁ ୨୦୨୯ର ସାଧାରଣ ଲୋକସଭା ନିର୍ବାଚନ ପରେ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ସମ୍ଭବତଃ ଚାହୁଁଥିଲେ । ଏଥିପାଇଁ ବିରୋଧୀ ଦଳଗୁଡ଼ିକ ସହିତ ବିଚାର ବିମର୍ଷ ବି କରାଯାଇପାରେ । କେନ୍ଦ୍ର ସରକାର ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣ ଓ ଜନଗଣନା ବା Censusକୁ ଆଡ଼େଇ ଦେଇ ଏପରି ସଂରକ୍ଷଣ ବ୍ୟବସ୍ଥା କରିବାକୁ ଚାହିଁଲେ ବିରୋଧୀ ଦଳଗୁଡ଼ିକର ସମର୍ଥନ ମଧ୍ୟ ଆବଶ୍ୟକ ।

ଯଦି ଏହି ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହୁଏ, ତେବେ ଏହି ସଂରକ୍ଷଣକୁ ପନ୍ଦର ବର୍ଷ ଧରି ଲାଗୁ କରାଯିବାର ବ୍ୟବସ୍ଥା ରହିଛି । ଭାରତର ଅନ୍ତତଃ ୫୦ ପ୍ରତିଶତ ରାଜ୍ୟର ଅନୁମୋଦନ ମଧ୍ୟ ଏହି ସଂରକ୍ଷଣ ଆଇନ ପାଇଁ ଆବଶ୍ୟକ । ପ୍ରକୃତରେ ଯଦି ଏପରି ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଏ, ତେବେ ଭାରତ ଆଉ ପୁରୁଷପ୍ରଧାନ ଭାରତ ହୋଇ ରହିବ ନାହିଁ ବୋଲି କୁହାଯାଉଛି । ପୁଣି ଏତେ ସଂଖ୍ୟାରେ ଶିକ୍ଷିତ ମହିଳାଙ୍କୁ ବିଭିନ୍ନ ରାଜନୀତିକ ଦଳ ଆଣି ସେମାନଙ୍କୁ ଉପଯୁକ୍ତ ତାଲିମ ଦେବା ପରେ ହୁଏତ ସେମାନେ ନିର୍ବାଚନ ମଇଦାନରେ ନିଜର ଯୋଗ୍ୟତା ଅନୁଯାୟୀ ଅବତୀର୍ଣ୍ଣ ହୋଇ ପାରିବେ । ଏତେ ସଂଖ୍ୟାରେ ଶିକ୍ଷିତ ଓ ସଚେତନ ମହିଳା ମଧ୍ୟ ସହଜରେ ମିଳିବେ ନାହିଁ । ଏପରିକି ଏହି ଆଇନର ସୁଯୋଗ ନେଇ ଅନେକ ମହିଳା ବିହାରର ରାବ୍ରୀ ଦେବୀଙ୍କ ପରି ମୁଖ୍ୟମନ୍ତ୍ରୀ ହେବାର ଆଶଙ୍କା ମଧ୍ୟ ପ୍ରକାଶ ପାଉଛି । ସେ ଯାହା ହେଉ, ମହିଳା ସଶକ୍ତିକରଣର ଏ ଯେ ଗୋଟିଏ ଉତ୍ତମ ଦିଗ, ଏଥିରେ ସନ୍ଦେହ ନାହିଁ ।

# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଭାରତର ଭୂମିକା



**ତେଜେଶ୍ୱର ପଟ୍ଟନାୟକ**

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ଆମ ଦେଶର ନାଗରିକ, ବୈଦେଶିକ ନୀତି ବିଶ୍ଳେଷକ, ବିରୋଧୀ ଦଳ ଏବଂ ଅନ୍ୟାନ୍ୟ ମହଲରେ ବିତର୍କ ଆରମ୍ଭ ହୋଇଯାଇଛି । ମୂଳ ପ୍ରଶ୍ନ ହେଉଛି ଯେ ଏହି ଯୁଦ୍ଧ ପ୍ରସଙ୍ଗରେ ଭାରତ ସରକାରଙ୍କ ଆଭିମୁଖ୍ୟ କଣ ?

ତେବେ ବିରୋଧୀ ଦଳ ସରକାରଙ୍କୁ ଆମେରିକା ଏବଂ ଇସ୍ରାଏଲ ସେନାର ଇରାନ ଉପରେ ଆକ୍ରମଣକୁ କାହିଁକି ନିନ୍ଦା କରିନାହିଁ ବୋଲି ସଂସଦରେ ପ୍ରଶ୍ନ କରିଛନ୍ତି? ଭାରତ ନିଜର ସ୍ୱାଧୀନ ବୈଦେଶିକ ନୀତି ସହ ସାଲିସ କରିବା ନେଇ ସେମାନେ ଅଭିଯୋଗ କରିଛନ୍ତି ।

ଗୋଟିଏ ପକ୍ଷରେ ଇରାନ ଏବଂ ଅନ୍ୟ ପକ୍ଷରେ ଆମେରିକା ଏବଂ ଇସ୍ରାଏଲ ସହିତ କୂଟନୈତିକ ସନ୍ତୁଳନ ରଖିବା ଭାରତ ପାଇଁ ଏକ ବଡ଼ ଆହ୍ୱାନ । ଜଣେ ଦାୟିତ୍ୱବାନ ରାଷ୍ଟ୍ର ଭାବରେ ଭାରତ ନିଜର ବିଶ୍ୱସନୀୟତା ଅତୁଟ ରଖିବା ସହ ଆନ୍ତର୍ଜାତୀୟ ନିୟମାବଳିକୁ ସର୍ବଦା ସମ୍ମାନ ଜଣାଇ ଆସୁଛି ।

ସାମ୍ପ୍ରତିକ ମଧ୍ୟ ପ୍ରାଚ୍ୟ ଯୁଦ୍ଧରେ ଆମେରିକା-ଇସ୍ରାଏଲ ସେନା ଦ୍ୱାରା ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆଲି ଖାମିନେଇଙ୍କୁ ହତ୍ୟା ଏବଂ ଦକ୍ଷିଣ ଇରାନରେ ଏକ ସ୍କୁଲରେ ବୋମା ବିସ୍ଫୋରଣ ଦ୍ୱାରା ୧୬୫ ଜଣଙ୍କ ମୃତ୍ୟୁ (ସେମାନଙ୍କ ମଧ୍ୟରୁ ଅନେକ ପିଲା ଥିଲେ) ଇତ୍ୟାଦି ଘଟଣା ଆନ୍ତର୍ଜାତିକ ସ୍ତରରେ ଗଭୀର ଆଲୋଡନ ସୃଷ୍ଟି କରିଛି ।

ଭାରତ ସରକାର ଉକ୍ତ ଘଟଣାର ତ୍ୱରିତ ନିନ୍ଦା କରି ନଥିଲେ କି ଏକ ଶୋକ ବାର୍ତ୍ତା ଜାରି କରିନଥିଲେ । ତେବେ ଉକ୍ତ ଘଟଣାର ପାଞ୍ଚ ଦିନ ପରେ, ଦେଶରେ ବିଭିନ୍ନ ମହଲ ଓ ସଂସଦରେ ଏ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିବାରୁ ଭାରତର ବୈଦେଶିକ ସଚିବ ଇରାନ ଦୂତାବାସକୁ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ ଏବଂ ଶୋକ ପୁସ୍ତିକାରେ ସ୍ୱାକ୍ଷର କରିଥିଲେ । ପରବର୍ତ୍ତୀ ସମୟରେ ମାର୍ଚ୍ଚ ୧୨ ତାରିଖରେ ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ର ସ୍କୁଲ ବୋମା ବିସ୍ଫୋରଣରେ ପ୍ରାଣହରାଇ ଥିବା ବ୍ୟକ୍ତିଙ୍କ ପ୍ରତି ଶୋକ ବ୍ୟକ୍ତ କରିଥିଲେ । ଯଦିଓ ଏହି ବିବୃତ୍ତିରେ ଆକ୍ରମଣକାରୀ ଦେଶର ନାମ ମୁଖପାତ୍ର ଜଣକ ନେଇନଥିଲେ ।

ମାପିଚୁପି ଭାରତର ପ୍ରତିକ୍ରିୟା ସରକାରଙ୍କ କୂଟନୈତିକ ରଣନୀତିକୁ ପ୍ରତିଫଳିତ କରୁଛି । ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇସ୍ରାଏଲର ଆକ୍ରମଣକୁ ସିଧାସଳଖ ନିନ୍ଦା କରିବା ପରିବର୍ତ୍ତେ, ନୂଆଦିଲ୍ଲୀ ଯୁଦ୍ଧରତ ଉଭୟ ପକ୍ଷକୁ ସଂଯମତା ଆଚରଣ କରିବା, ଉତ୍ତେଜନା ଏଡାଇବା ଏବଂ ସାଧାରଣ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଆହ୍ୱାନ କରିଛି । ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସଙ୍କଟର ସମାଧାନ କରିବାକୁ ସମ୍ପୃକ୍ତ ପକ୍ଷମାନଙ୍କୁ ମଧ୍ୟ ଭାରତ ଅନୁରୋଧ କରିଛି । ରଣନୈତିକ ବିଶ୍ଳେଷକଙ୍କ ଅନୁସାରେ, ଭାରତର ବୈଦେଶିକ ନୀତି ଆଜି ବାସ୍ତବବାଦ ଏବଂ ଜାତୀୟ ସ୍ୱାର୍ଥ ଉପରେ ଆଧାରିତ ।

କ୍ରମଶଃ ଏହି ସଂଘର୍ଷ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ରୁଷରୁ ତେଲ କିଣିବା ପାଇଁ ୩୦ ଦିନ ଅବଧି ଦେଇଥିବା ଜଣାପଡ଼ିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ କିଛି ମାସ ପୂର୍ବେ ଟ୍ରମ୍ପ ପ୍ରଶାସନ ଭାରତ ଉପରେ ରୁଷୀୟ ତୈଳ ଆମଦାନୀ କରୁଥିବା ଯୋଗୁଁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ, କିନ୍ତୁ ପରେ ଭାରତ ରୁଷ ଠାରୁ ତେଲ କିଣିବାକୁ ରାଜି ହୋଇଛି ବୋଲି ଜାଣିବା ପରେ ଏହି ଅତିରିକ୍ତ ଟାରିଫକୁ ପ୍ରତ୍ୟାହାର କରି ନେଇଥିଲା ।

କିଛି ଦିନ ପୂର୍ବେ, ନୂଆଦିଲ୍ଲୀରେ ରାଇସିନା ଡାଏଲଗ ବିତର୍କରେ ଭାଗ ନେଇ ଜଣେ ବରିଷ୍ଠ ଆମେରିକୀୟ ଅଧିକାରୀ ଭାରତ ବିଷୟରେ ଏକ ଅରୁଚିକର ମନ୍ତବ୍ୟ ଦେଇଥିଲେ । ସେ କହିଥିଲେ ଆମେରିକା କୋଡ଼ିଏ ବର୍ଷ ପୂର୍ବେ ଚୀନ୍ ସହିତ କରିଥିବା ଭୁଲ୍‌କୁ ଭାରତ ସହିତ ପୁନରାବୃତ୍ତି କରିବ ନାହିଁ । ଏହି ମନ୍ତବ୍ୟରୁ ଜଣାପଡ଼ିଥିଲା ଯେ ଆମେରିକା ଭାରତକୁ କଦାଚିତ ଏକ ପ୍ରମୁଖ ବାଣିଜ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଦେଖିବାକୁ ଚାହୁଁନାହିଁ । କେବଳ ଏକ ରଣନୈତିକ ଅଂଶୀଦାର ଭାବେ ଦେଖିବାକୁ ପସନ୍ଦ କରିବ । ଏପରି ମନ୍ତବ୍ୟରୁ ଅନୁମେୟ ଯେ ଆମେରିକୀୟ କୂଟନୀତି ପ୍ରାୟତଃ ଦ୍ୱୈତ ମାନଦଣ୍ଡକୁ ପ୍ରତିଫଳିତ କରୁଛି । କିନ୍ତୁ ଭାରତ ପ୍ରତି ଆମେରିକାର ଆଭିମୁଖ୍ୟକୁ କେନ୍ଦ୍ର ସରକାର କିଛି ପ୍ରତିକ୍ରିୟା ରଖିନାହାନ୍ତି ।

ତେବେ ବିରୋଧୀ ଦଳମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ମୋଦି ନିଜ ଦେଶକୁ ଫେରିବାର ଅଠଚାଳିଶ ଘଣ୍ଟା ନ ପୁରୁଣୁ, ଆମେରିକା-ଇସ୍ରାଏଲ ସେନା ଇରାନ ଉପରେ ଆକ୍ରମଣ ଆରମ୍ଭ କରିଦେଇଥିଲେ । ମୋଦିଙ୍କ ଏହି ଗସ୍ତ ପ୍ରତିରକ୍ଷା ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା ଏବଂ କୃଷି କ୍ଷେତ୍ରରେ ଇସ୍ରାଏଲ ସହିତ ଭାରତର ରଣନୈତିକ ସହଭାଗୀତାକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ବୋଲି ସରକାର ପ୍ରେସ ବିବୃତି ଜାରି କରିଛନ୍ତି । କିଛି ବିଶ୍ଳେଷକମାନେ ମତ ଦିଅନ୍ତି , ମୋଦିଙ୍କ ଗସ୍ତର ଅନ୍ୟ ଏକ ଉଦ୍ଦେଶ୍ୟ ରହିଥିଲା । ପୂର୍ବ ଭୂମଧ୍ୟସାଗରକୁ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ସହିତ ସଂଯୋଗ କରୁଥିବା ଦେଶ ମଧ୍ୟରେ ଏକ ରଣନୈତିକ ମେଣ୍ଟ ଗଠନ କରି, ତୁର୍କୀ ଏବଂ ପାକିସ୍ତାନର ରଣନୈତିକ ସହଭାଗୀତାକୁ ମୁକାବିଲା କରିବା ପାଇଁ ଭାରତ ଚାହୁଁଛି । ଅନ୍ୟପକ୍ଷରେ ଭାରତ ଇସ୍ରାଏଲ ଏବଂ ପାଲେଷ୍ଟାଇନ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ (Peaceful coexistence) ନୀତିକୁ ସମର୍ଥନ କରେ । ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଉପସାଗରୀୟ ଆରବ ରାଷ୍ଟ୍ରଗୁଡ଼ିକର ନେତାମାନଙ୍କ ସହିତ ଆଞ୍ଚଳିକ ସ୍ଥିରତା ଏବଂ ସେଠାରେ ବସବାସ କରୁଥିବା ପ୍ରାୟ ଏକ କୋଟି ଭାରତୀୟଙ୍କ ସୁରକ୍ଷା ବିଷୟରେ ଆଲୋଚନା କରିଛନ୍ତି । ସେ ଇରାନ ରାଷ୍ଟ୍ରପତି ମାସୁଦ ପେଜେଶକିୟାନଙ୍କ ସହିତ ଟେଲିଫୋନରେ ଆଲୋଚନା କରି ତାଙ୍କ ଦେଶର ଲୋକଙ୍କ ଜୀବନହାନି, ଭିତ୍ତିଭୂମିର କ୍ଷୟକ୍ଷତି ଏବଂ ତେଲ ଓ ରନ୍ଧନ ଗ୍ୟାସ ଯୋଗାଣର ସମ୍ଭାବ୍ୟ ବାଧା ଉପରେ ଉଦ୍‌ବେଗ ପ୍ରକାଶ କରିଥିଲେ ।

ଆଲୋଚନାରେ, ସେ ଗୁରୁତ୍ୱପୂର୍ଣ୍ଣ ହରମୁଜ୍ ପ୍ରଣାଳୀ ଦେଇ ଭାରତ ଅଭିମୁଖେ ଯାଉଥିବା ତୈଳ ଏବଂ ଗ୍ୟାସ ଟ୍ୟାଙ୍କରକୁ ଅନୁମତି ଦେବା ପାଇଁ ଅନୁରୋଧ କରିଛନ୍ତି । ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ନିବେଦନ କରିଛନ୍ତି । ମୋଦି ଦ୍ୱିତୀୟ ଥର ମଧ୍ୟ ଫୋନରେ ପେଜେଶକିଆନଙ୍କ ସହ କଥାବାର୍ତ୍ତା ଜରିଆରେ ହରମୁଜ ପ୍ରଣାଳୀ ଦେଇ ସମସ୍ତ ତୈଳବାହୀ ଜାହାଜଗୁଡିକର ଅବାଧ ଯାତାୟାତ ପାଇଁ ଅନୁରୋଧ କରିଛନ୍ତି । ପେଜେଶକିୟାନ ମଧ୍ୟ ମୋଦିଙ୍କୁ ବ୍ରିକସ (BRICS)ର ଅଧ୍ୟକ୍ଷ ଭାବେ ଯୁକ୍ତରାଷ୍ଟ୍ର ଆମେରିକା ଓ ଇସ୍ରାଏଲର ଆକ୍ରମଣ ବିରୁଦ୍ଧରେ ଏକ ନିନ୍ଦା ପ୍ରସ୍ତାବ ଆଗତ କରିବା ପାଇଁ ପୁନର୍ବାର ନିବେଦନ କରିଛନ୍ତି ଏବଂ ଭାରତ ସକ୍ରିୟ ଭୂମିକା ନେଇ ଆମେରିକା ଓ ଇସ୍ରାଏଲ ସହ କଥାବାର୍ତ୍ତା କରି ଏହି ଯୁଦ୍ଧକୁ ବନ୍ଦ କରିବା ପାଇଁ ଅନୁରୋଧ କରିଛନ୍ତି ।

ମଧ୍ୟ ପ୍ରାଚ୍ୟ ସଂଘର୍ଷରେ ଶକ୍ତି ସୁରକ୍ଷା (Energy security)ଭାରତ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଟେ ।

ଭାରତ ପ୍ରାୟ ୮୦ ପ୍ରତିଶତ ତୈଳ ପର୍ସିଆନ୍ ଉପସାଗରୀୟ ଅଞ୍ଚଳରୁ ଆମଦାନୀ କରେ । ରୋଷେଇ ଗ୍ୟାସ ଶତ ପ୍ରତିଶତ ପଶ୍ଚିମ ଏସିଆ ଦେଶରୁ ଆମଦାନୀ ହୁଏ । ଏହି ଅଞ୍ଚଳରେ ସଂକଟ ସୃଷ୍ଟି ହେଲେ ବିଶ୍ୱ ତୈଳ ମୂଲ୍ୟ ବୃଦ୍ଧି ପାଏ ଏବଂ ପ୍ରତ୍ୟକ୍ଷ ଭାବେ ଭାରତର ଅର୍ଥନୀତିକୁ ପ୍ରଭାବିତ କରେ । ଏହି ଯୁଦ୍ଧରେ ଦକ୍ଷିଣ ଏସିଆ ଅଞ୍ଚଳ ଅଧିକ ପ୍ରଭାବିତ ହେଉଛି । ଇରାନ ଆମେରିକାର ମିତ୍ର ଆରବ ଦେଶ ଉପରେ ମିସାଇଲ ଆକ୍ରମଣ କରି ଯୁଦ୍ଧକୁ ଅଧିକ ବ୍ୟାପକ କରୁଛି । ଏହାର ମୂଳ ଲକ୍ଷ୍ୟ ହେଲା ଏହି ରାଷ୍ଟ୍ରମାନେ ଯଥା ସାଉଦୀ ଆରବ, କାତାର, ଇରାକ, ବାହାରିନ ଓ ଓମାନ ଇତ୍ୟାଦି ଯୁକ୍ତରାଷ୍ଟ୍ର ଆମେରିକା ଉପରେ ଯୁଦ୍ଧ ବନ୍ଦ କରିବା ପାଇଁ ଚାପ ପ୍ରୟୋଗ କରିବେ । ଆମେରିକା ତା'ର ମିତ୍ର ପଶ୍ଚିମ ଦେଶଗୁଡିକୁ ମଧ୍ୟ କିଛି ଯୁଦ୍ଧ ଜାହାଜ ହର୍ମୁଜ ପ୍ରଣାଳୀକୁ ପଠେଇବା ପାଇଁ ଅନୁରୋଧ କରିଥିଲା, କିନ୍ତୁ ଯୁଦ୍ଧରେ ସାମିଲ ହେବା ପାଇଁ ସେମାନେ ଅନିଚ୍ଛା ପ୍ରକାଶ କଲେ । ଏ ଯୁଦ୍ଧର ଅନ୍ତ କେବେ ହେବ ତାହା ଠିକ କହି ହେବ ନାହିଁ ।

ତେବେ ମଧ୍ୟ ପ୍ରାଚ୍ୟ ସଂଘର୍ଷ ଯଦି ଦୀର୍ଘ ଦିନ ଧରି ଜାରି ରହେ ଭାରତ ପାଇଁ ଗଭୀର ଆର୍ଥିକ ସମସ୍ୟା ସୃଷ୍ଟି କରିବ ଏବଂ ଦେଶକୁ ସାର ଆମଦାନୀ ବାଧାପ୍ରାପ୍ତ ହେବ ।

ଶିଳ୍ପ, ପରିବହନ ବ୍ୟବସ୍ଥା, ରେଷ୍ଟୁରାଣ୍ଟ, ହୋଟେଲଗୁଡ଼ିକୁ ରନ୍ଧନ ଗ୍ୟାସ ଯୋଗାଣ କିଛି ମାତ୍ରାରେ ବାଧାପ୍ରାପ୍ତ ହେଲାଣି । ଭାରତୀୟ ରିଫାଇନାରୀଗୁଡ଼ିକ ଅଧିକ ତେଲ କିଣିବା ସହିତ ରୁଷରୁ ଅଶୋଧିତ ତୈଳ ଆମଦାନୀକୁ ବୃଦ୍ଧି କରିଛନ୍ତି । ଭାରତର ତୈଳ ବାଣିଜ୍ୟ ନିଅଣ୍ଟ(Oil trade deficit ) ପ୍ରାୟ ୨୨୦ ବିଲିୟନ ଡଲାରକୁ ବୃଦ୍ଧି ପାଇପାରେ । ଅର୍ଥନୀତିଜ୍ଞଙ୍କ ଆକଳନ ଅନୁଯାୟୀ ଆମ ଦେଶର ବାଣିଜ୍ୟ ନିଅଣ୍ଟ ବର୍ତ୍ତମାନ ଚଳନ୍ତି ଆକାଉଣ୍ଟ ନିଅଣ୍ଟ (current account deficit )୩.୧ ପ୍ରତିଶତକୁ ଅତିକ୍ରମ କରିପାରେ । ଏହାର ପ୍ରତିକୂଳ ପ୍ରଭାବରେ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ ହ୍ରାସ ପାଇବ ଏବଂ ମୁଦ୍ରାସ୍ଫୀତି (Inflation) ତଥା ଓ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବ ।

ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଯଦି ଏହି ଲଢ଼େଇ ଦୀର୍ଘ ଦିନ ଧରି ଅବ୍ୟାହତ ରହେ, ଭାରତର ବର୍ତ୍ତମାନ ଆକଳନ ମୋଟ ଜିଡିପି (GDP) ଅଭିବୃଦ୍ଧିର ହାର ଏକ ପ୍ରତିଶତ ହ୍ରାସ ପାଇପାରେ । ପରିବହନ, ଲଜିଷ୍ଟିକ୍ସ ଏବଂ ବୀମା ଖର୍ଚ୍ଚ ବୃଦ୍ଧି ପାଇବାର ଆଶଙ୍କା ଉପୁଜିଲାଣି । ବିଶେଷକରି ରୁଷ ଏବଂ ଭେନେଜୁଏଲା ଭଳି ଦେଶରୁ ତୈଳ ଆମଦାନୀ ଦ୍ୱାରା ଆମ ଦେଶର ତୈଳ ସଙ୍କଟକୁ ପ୍ରଶମିତ କରିବା ପାଇଁ ସରକାର ଉଦ୍ୟମ କରୁଛନ୍ତି । ଏହି ପରିସ୍ଥିତିରେ, ଭାରତ, ଚୀନ୍ ଏବଂ ଅନ୍ୟାନ୍ୟ ତୈଳ ଆମଦାନୀକାରୀ ରାଷ୍ଟ୍ରଗୁଡ଼ିକୁ ରୁଷ ଅଶୋଧିତ ତୈଳ ବିନା ରିହାତିରେ ବିକ୍ରି କରି ବିଶେଷ ଲାଭବାନ ହେଉଛି ।

ଭାରତ ସରକାର ପଶ୍ଚିମ ଏସିଆ ଦେଶଗୁଡିକରେ ବହୁ ସଂଖ୍ୟାରେ ଉପସ୍ଥିତ ଥିବା ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ଓ ସ୍ୱାର୍ଥକୁ ବୈଦେଶିକ ନୀତିରେ ପ୍ରାଥମିକତା ଦେଉଛନ୍ତି । ଏକ ଆକଳନ ଅନୁସାରେ ୨୦୨୪-୨୫ ଆର୍ଥିକ ବର୍ଷରେ ଉପସାଗରୀୟ ଦେଶଗୁଡ଼ିକରେ ବସବାସ କରୁଥିବା ଭାରତୀୟଙ୍କ ଠାରୁ ଭାରତକୁ ଆସୁଥିବା ମୋଟ ପଠାଣ (remittance) ର ପ୍ରାୟ ୩୮ ପ୍ରତିଶତ ଅବଦାନ ଅଟେ । ଏହି ପଠାଣ ଭାରତର ବୈଦେଶିକ ମୁଦ୍ରା ସଂରକ୍ଷଣ (Foreign exchange reserve) କୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଫଳସ୍ୱରୂପ, ଉପସାଗରରେ ଭାରତୀୟ ସମ୍ପ୍ରଦାୟର କଲ୍ୟାଣ ଏବଂ ସୁରକ୍ଷା ସରକାରଙ୍କ ପାଇଁ ଏକ ଚିନ୍ତାର ବିଷୟ ଅଟେ ।

ପରିବର୍ତ୍ତିତ ଭୂରାଜନୈତିକ ଦୃଶ୍ୟପଟରେ, ଭାରତ ଧୀରେ ଧୀରେ ଜାତୀୟ ସ୍ୱାର୍ଥ ଉପରେ ଗୁରୁତ୍ୱ ଦେଇ ଅଧିକ ବାସ୍ତବବାଦୀ ଆଭିମୁଖ୍ୟକୁ ଆପଣେଇବା ସହ ପାରମ୍ପରିକ ସିଦ୍ଧାନ୍ତରୁ ଦୂରେଇ ଯାଉଛି । ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଆର୍ଥିକ ସ୍ଥିରତା ରକ୍ଷା କରିବାକୁ ନେଇ ସରକାର ବିଶେଷ ଧ୍ୟାନ ଦେଉଛନ୍ତି ।

ଭାରତ ପାଇଁ, ବର୍ତ୍ତମାନର ମଧ୍ୟ ପ୍ରାଚ୍ୟ ସଙ୍କଟ ଏକ କୂଟନୈତିକ ଆହ୍ୱାନ ଅଟେ । ବର୍ତ୍ତମାନ ସମୟରେ ଭାରତ ହିଁ ଏକ ମାତ୍ର ଦେଶ ଯିଏ ପଶ୍ଚିମ ଏସିଆରେ ଶାନ୍ତି ଫେରାଇ ଆଣିବା ପାଇଁ ଉଦ୍ୟମ କରିବା ଉଚିତ । କାରଣ ଆମ ଦେଶ ମାନବିକ ମୂଲ୍ୟବୋଧ ପାଇଁ ସାରା ବିଶ୍ୱରେ ସୁପରିଚିତ । ସଦ୍ୟ ଇରାନର ଯୁଦ୍ଧ ପୀଡିତ ଜନସାଧାରଣଙ୍କ ପାଇଁ ଆମ ସରକାର ବହୁ ପରିମାଣରେ ଔଷଧ ଓ ଅନ୍ୟ ଔଷଧୀୟ ଉପକରଣ ଯୋଗେଇ ଦେଇଛନ୍ତି । ଫିନଲ୍ୟାଣ୍ଡର ରାଷ୍ଟ୍ରପତି ପଶ୍ଚିମ ଏସିଆରେ ଶାନ୍ତି ପାଇଁ ଭାରତକୁ ମଧ୍ୟସ୍ଥତା କରିବା ପାଇଁ ଅନୁରୋଧ କରିଛନ୍ତି । ତେଣୁ ସମସ୍ୟାର ଆଶୁ ସମାଧାନ ହେବା ଉଚିତ, ନଚେତ ବିଶ୍ୱ ଅର୍ଥନୀତି ନିଶ୍ଚିତ ପ୍ରଭାବିତ ହେବ । ଏଠାରେ ଇଂଲଣ୍ଡର ସୁପ୍ରସିଦ୍ଧ ଐତିହାସିକ ଓ ଲେଖକ H.G.Wellsଙ୍କ ଉକ୍ତିର ଯଥାର୍ଥତା ମନେପଡେ । ସେ କହିଛନ୍ତି ଯଦି ଆମେ ଯୁଦ୍ଧ ସମାପ୍ତ ନ କରୁ, ଯୁଦ୍ଧ ଆମକୁ ଶେଷ କରିଦେବ (If we don't end war, the war will end us ) ।ଏହି ପୃଷ୍ଠଭୂମିରେ ଭାରତ ନବୀକରଣୀୟ ଶକ୍ତି ପ୍ରସାରକୁ ତ୍ୱରାନ୍ୱିତ କରିବା ଏବଂ ଜାତୀୟ ସବୁଜ ହାଇଡ୍ରୋଜେନ ମିଶନ ର ସଫଳ ରୂପାୟନ ଦ୍ୱାରା ସରକାର ଶକ୍ତି କ୍ଷେତ୍ରରେ ସ୍ଥିରତା ଆଣିବା ଦରକାର ।

**ଫିନଲ୍ୟାଣ୍ଡର ରାଷ୍ଟ୍ରପତି ପଶ୍ଚିମ ଏସିଆରେ ଶାନ୍ତି ପାଇଁ ଭାରତକୁ ମଧ୍ୟସ୍ଥତା କରିବା ପାଇଁ ଅନୁରୋଧ କରିଛନ୍ତି । ତେଣୁ ସମସ୍ୟାର ଆଶୁ ସମାଧାନ ହେବା ଉଚିତ, ନଚେତ ବିଶ୍ୱ ଅର୍ଥନୀତି ନିଶ୍ଚିତ ପ୍ରଭାବିତ ହେବ । ଏଠାରେ ଇଂଲଣ୍ଡର ସୁପ୍ରସିଦ୍ଧ ଐତିହାସିକ ଓ ଲେଖକ H.G.Wellsଙ୍କ ଉକ୍ତିର ଯଥାର୍ଥତା ମନେପଡେ । ସେ କହିଛନ୍ତି ଯଦି ଆମେ ଯୁଦ୍ଧ ସମାପ୍ତ ନ କରୁ, ଯୁଦ୍ଧ ଆମକୁ ଶେଷ କରିଦେବ (If we don't end war, the war will end us ) ।**

**(ଶ୍ରୀ ପଟ୍ଟନାୟକ ପୂର୍ବତନ ବ୍ୟାଙ୍କ ଉପ ମହାପ୍ରବନ୍ଧକ ଓ ସ୍ତମ୍ଭକାର)**
**କେ ୫/କଳିଙ୍ଗ ବିହାର, ଭୁବନେଶ୍ୱର**

# ସେବା ନ'ହେଉ ପ୍ରଚାରଧର୍ମୀ



**ରାକେଶ ପଣ୍ଡା**

ମୋବାଇଲ ଫୋନ୍ ବାଜିବା ଶବ୍ଦ ଶୁଣି ଆଖି ମଳି ମଳି ମୁଁ ଦେଖିଲି, ମନୋଜ କଲ୍ କରିଛି । ବାଂଲାଦେଶ,ମିଆଁମାର,ଥାଇଲାଣ୍ଡ ଘଣ୍ଟାକୁ ଚାହିଁଲା ବେଳକୁ ରାତି ୧୨.୩୫ । ଭାବିଲି କିଛି ଅସୁବିଧା ହୋଇଛି ବୋଧହୁଏ । କଲ୍ ରିସିଭ କରି ହାଲୋ କହିଲା ବେଳକୁ ସେ କହିଉଠିଲା, ତୁ କ'ଣ ଏତେଶୀଘ୍ର ଶୋଇ ପଡିଲୁଣୁ କି' ? ମୁଁ କହିଲି ହଁ ଦିନ ସାରା କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ରହି ଏବେ ଶେଯକୁ ଆସୁ ଆସୁ ଟିକିଏ ଆଖି ଲାଗି ଯାଇଥିଲା । ସେକଥା ଛାଡ ତୋର କିଛି ଅସୁବିଧା ହେଇଛି କି' ? ସେ କହିଲା ନା' । କିନ୍ତୁ ତୁ ଘର ଫାଟକ ବାହାରକୁ ଆସ୍ । ମୁଁ ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚିଛି । ଗୋଟିଏ ସ୍ଥାନକୁ ସାଙ୍ଗ ହୋଇ ଯିବା । ମନୋଜ ଉପରେ ମୋ'ର ଅଗାଧ ବିଶ୍ୱାସ ।

ଆଜିର ତାରିଖରେ ତା' ପରି ଜଣେ ଭଲ, ନିଃସ୍ୱାର୍ଥପର ଏବଂ ପରୋପକାରୀ ମଣିଷ ଏ ଦୁନିଆଁରେ ବିରଳ । ତେଣୁ ନିଃସନ୍ଦେହରେ ମୁଁ ଫାଟକ ନିକଟରେ ଯାଇ ତାକୁ ଅପେକ୍ଷା କରିଥାଏଁ । କିଛି ସମୟ ବ୍ୟବଧାନରେ ସେ ତା'ର କାର ଯୋଗେ ଆସି ସେଠାରେ ପହଞ୍ଚିଲା ଏବଂ ଆମେ ଦୁହେଁ ଗନ୍ତବ୍ୟ ସ୍ଥଳ ଅଭିମୁଖେ ବାହାରି ଗଲୁଁ ।

ପାଖାପାଖି ୩୦ ମିନିଟ୍‌ର ଯାତ୍ରା ପରେ, ଆମେ କଟକ ରେଳଷ୍ଟେସନ ନିକଟରେ ପହଞ୍ଚିଲୁ । ଗାଡି ମଧ୍ୟରୁ ବାହାରକୁ ଆସି ସେ କିଛି ଶୁଖିଲା ଖାଦ୍ୟ ପ୍ୟାକେଟ ଏବଂ କମ୍ବଳ ବାହାର କଲା । ସେଥିରେ ମୁଁ ମଧ୍ୟ ତାକୁ ସାହାଯ୍ୟ କରୁଥାଏଁ । ସେସବୁକୁ ସାଙ୍ଗରେ ଧରି ଆମେ ଦୁହେଁ ଷ୍ଟେସନ ବାହାରେ (ପାଦଚଲା ରାସ୍ତାରେ) ଶୋଇଥିବା ଅସହାୟ ବ୍ୟକ୍ତିମାନଙ୍କ ଶେଯ ନିକଟରେ ଧୀରେ କରି ରଖିଲୁଁ । ଏମିତି ପାଖାପାଖି ୧୩-୧୪ ଜଣଙ୍କ ନିକଟରେ ସେସବୁ ଜିନିଷ ରଖିବା ପରେ, ଆମେ ବାହାରିଗଲୁ ବାଦାମବାଡି ବସଷ୍ଟାଣ୍ଡ ନିକଟକୁ । ଉକ୍ତ ସ୍ଥାନରେ ମଧ୍ୟ ୯ ଜଣ ଅସହାୟ ବ୍ୟକ୍ତିଙ୍କୁ ସେମାନେ ଶୋଇଥିବା ଅବସ୍ଥାରେ ତାଙ୍କ ନିକଟରେ ଖାଦ୍ୟ ପ୍ୟାକେଟ ଓ କମ୍ବଳ ରଖି ଆମେ ଦୁହେଁ ଘରକୁ ପ୍ରତ୍ୟାବର୍ତ୍ତନ କଲୁଁ ।

ସେ ପର୍ଯ୍ୟନ୍ତ ତା'ସହ ମୋ'ର କୌଣସି ଆଲୋଚନା ହୋଇନଥାଏ । କିନ୍ତୁ ସେଠାରୁ ଫେରିବା ସମୟରେ ଘଟଣାଟି ସମ୍ବନ୍ଧରେ ଭାବି କିଛି ପ୍ରଶ୍ନ ମୋ' ମନକୁ ଆନ୍ଦୋଳିତ କରୁଥାଏ । ଅନେକ ଅନ୍ତଃ ତର୍କ, ବିତର୍କ ପରେ, ଶେଷରେ ତାକୁ ପଚାରିଲି ମନୋଜ ମୁଁ ଗୋଟିଏ କଥା ବୁଝିପାରୁ ନାହିଁ !

ଆସନ୍ତା କାଲି ହେଉଛି ରବିବାର । ଅଫିସ ଛୁଟି । ଆମେ କାଲି ଉକ୍ତ ସ୍ଥାନଗୁଡିକୁ ଦିବସ ସମୟରେ ଯାଇ ଏସବୁ ଜିନିଷ ସେ ଅବହେଳିତ ବ୍ୟକ୍ତିମାନଙ୍କୁ ଦେଇ ପାରିଥାନ୍ତେ । କିନ୍ତୁ, ତୁ ଏତେ ରାତିରେ ଏବଂ ସେମାନେ ଶୋଇଥିବା ଅବସ୍ଥାରେ ତଥା ସେମାନଙ୍କ ଅଜାଣତରେ ତାଙ୍କୁ ସେସବୁ ଜିନିଷ ଦେବାର ପ୍ରକୃତ ଉଦ୍ଦେଶ୍ୟ କ'ଣ ଜାଣି ପାରୁନାହିଁ ।

ଏକ ଗମ୍ଭୀର ସ୍ୱରରେ ସେ ମୋତେ କହିଲା, ମୁଁ ଚାହେଁ ନାହିଁ ଯେ ସେମାନେ ତଥା ଅନ୍ୟ କେହି ବ୍ୟକ୍ତି ମଧ୍ୟ ଏହି ସମ୍ବନ୍ଧରେ ଜାଣନ୍ତୁ କି' ମୁଁ ସେମାନଙ୍କୁ କିଛି ଜିନିଷ ଦେଉଛି ବୋଲି । ମୁଁ ଆଜି ଯାହା ଉପାର୍ଜନ କରୁଛି ତାହା ମୋ'ର ପରିଶ୍ରମର ଫଳ ଏବଂ ଈଶ୍ୱରଙ୍କ ଆଶୀର୍ବାଦ ଅଟେ । ତା'ଛଡା ଗୋଟିଏ ସାମାଜିକ ପ୍ରାଣୀ ହିସାବରେ ନିଜର ପରିବାର ସହ ସମାଜ ପାଇଁ ମଧ୍ୟ ମୋ'ର କିଛି କର୍ତ୍ତବ୍ୟ ଏବଂ ଦାୟିତ୍ୱବୋଧ ରହିଛି ।

ବିଶେଷ କରି ଯେଉଁ ବ୍ୟକ୍ତିମାନେ ଅସହାୟ ଏବଂ ଅବହେଳିତ ସେମାନଙ୍କୁ ସାହାଯ୍ୟ ତଥା ସେବା ପ୍ରଦାନ କରିବା ହେଉଛି ମଣିଷର ଧର୍ମ । ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ମୋ'ର ଆର୍ଥିକ କ୍ଷମତାର ପରିସର ମଧ୍ୟରେ ରହି ନିରନ୍ତର ଭାବରେ ଅନ୍ୟକୁ ସାହାଯ୍ୟ ଏବଂ ସହଯୋଗ କରୁଥିବି । ଏହାର ପ୍ରତିବଦଳରେ ମୋ'ର କୌଣସି, ପ୍ରଚାର, ପ୍ରସାର ତଥା ଲୋକପ୍ରିୟତା ଦରକାର ନାହିଁ । ଏପରିକି ମୁଁ ଚାହେଁ ନାହିଁ ଯ, ସାହାଯ୍ୟ ପାଇଥିବା ବ୍ୟକ୍ତି ଜଣଙ୍କ ମଧ୍ୟ ମୋ' ବିଷୟରେ ଜାଣନ୍ତୁ ବୋଲି । ପ୍ରତିଟି ଶରୀରରେ ପରମାତ୍ମା ବାସ କରନ୍ତି । ଅସହାୟ ବ୍ୟକ୍ତିଟିର ସେବା ହିଁ ଈଶ୍ୱର ସେବା । ଏହା ଶୁଣି ମୁଁ ତାକୁ କହିଲି, ତେବେ ନିଜର ପରିଚୟକୁ ଗୋପନ ରଖି ତୁ ଯେଉଁ ଅଚିହ୍ନା ବ୍ୟକ୍ତିମାନଙ୍କୁ ପୋଷ୍ଟାଲ ମନିଅର୍ଡର ଯୋଗେ ପଇସା ପଠାଇ ଥାଉ, ତାହା ମଧ୍ୟ ତୋ'ର ଏହି ଚିନ୍ତାଧାରା ଏବଂ ସେବାର ଗୋଟିଏ ଅଂଶ ? ମୋ' କଥା ଶୁଣି ସେ ସ୍ମିତ ହାସ୍ୟଟିଏ ଦେଇ ଗାଡି ଚଲେଇବାରେ ବ୍ୟସ୍ତ ରହିଲା ।

ଚଳନ୍ତା ଗାଡି ମଧ୍ୟରୁ ନିସ୍ତବ୍ଧ ବାହ୍ୟ ପରିବେଶ ଆଡକୁ ଚାହିଁ ମୁଁ କିଛି ଭାବନା ମଧ୍ୟରେ ହଜିଗଲି । ଉକ୍ତ ଘଟଣାର ବିପରୀତ କ୍ରମେ, ଆଜିକାଲି ସମାଜ ସେବାର ବହୁଳ ପ୍ରଚାର ଏବଂ ପ୍ରସାର ବିଭିନ୍ନ ଗଣମାଧ୍ୟମରେ ଦୃଶ୍ୟମାନ ହେଉଛି । ସେଥିମଧ୍ୟରୁ, ସାମାଜିକ ଗଣମାଧ୍ୟମମାନଙ୍କରେ ଦେଖିଥିବା କିଛି ଫୋଟୋଗ୍ରାଫ ଏବଂ ଭିଡିଓ ମୋ'ର ଭାବନାକୁ ଆସି ସ୍ୱର୍ଶ କରୁଥାଏ । ଯେଉଁ ଭିଡିଓ ତଥା ଫୋଟୋଗୁଡିକରେ ଏକାଧିକ ବ୍ୟକ୍ତି ଗୋଟିଏ ପାଉଁରୁଟି, କିଛି ଫଳ କିମ୍ବା ବସ୍ତ୍ର ତଥା ଟଙ୍କା ଅନ୍ୟକୁ ଦାନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥାଏ ।

କିଛି ଭଦ୍ରବ୍ୟକ୍ତି ନିଜର ସାମାଜିକ ଗଣମାଧ୍ୟମରେ ସେସବୁକୁ ସାଧାରଣରେ ଭାଗ କରିଥାନ୍ତି । ସେହିଭଳି କିଛି ବ୍ୟକ୍ତି ନିଜର ପରିଚୟରେ ଅନେକ ସ୍ଥାନରେ ନିଜକୁ ସମାଜସେବୀ ଭାବରେ ଉପସ୍ଥାପିତ କରିଥାନ୍ତି । କିଛି ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ମୁଁ ସିଧାସଳଖ କଥାହେବା ସମୟରେ

ସେମାନେ ନିଜର ପରିଚୟ ସମାଜସେବୀ କହିବାର ମୋ' ଜ୍ଞାତସାରରେ ରହିଅଛି । ତେବେ, ଉକ୍ତ ରାତ୍ରିର ଘଟଣା ତଥା ମନୋଜର ମନ୍ତବ୍ୟ ଏବଂ ନିଜକୁ ସମାଜସେବୀ କହି ବୋଲୁଥିବା ବ୍ୟକ୍ତି ବିଶେଷଙ୍କ କଥା ସବୁକୁ ଅନେକ ତର୍ଜମା କଲା ପରେ, ମୁଁ ଉପନୀତ ହେଲି ଯେ, ବାସ୍ତବରେ ସମାଜ ସେବା ହେଉଛି ଗୋଟିଏ ମଣିଷର ଆଉ ଏକ ମଣିଷ ପ୍ରତି ଥିବା ନିଃସ୍ୱାର୍ଥପର କର୍ତ୍ତବ୍ୟ ଏବଂ ଦାୟିତ୍ୱ । ସାଧାରଣତଃ ଏହା ଆମ ଜୀବନର ଏକ ଅଂଶ । ଯେଉଁଥିରେ ବ୍ୟକ୍ତିଗତ ପ୍ରଚାର ଏବଂ ପ୍ରସାର ରହିବା ସଂପୂର୍ଣ୍ଣ ଅନୁଚିତ ଅଟେ ।

**ଆଜିକାଲି ସମାଜ ସେବାର ବହୁଳ ପ୍ରଚାର ଏବଂ ପ୍ରସାର ବିଭିନ୍ନ ଗଣମାଧ୍ୟମରେ ଦୃଶ୍ୟମାନ ହେଉଛି । ସେଥିମଧ୍ୟରୁ, ସାମାଜିକ ଗଣମାଧ୍ୟମମାନଙ୍କରେ ଦେଖିଥିବା କିଛି ଫୋଟୋଗ୍ରାଫ ଏବଂ ଭିଡିଓ ମୋ'ର ଭାବନାକୁ ଆସି ସ୍ୱର୍ଶ କରୁଥାଏ । ଯେଉଁ ଭିଡିଓ ତଥା ଫୋଟୋଗୁଡିକରେ ଏକାଧିକ ବ୍ୟକ୍ତି ଗୋଟିଏ ପାଉଁରୁଟି, କିଛି ଫଳ କିମ୍ବା ବସ୍ତ୍ର ତଥା ଟଙ୍କା ଅନ୍ୟକୁ ଦାନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥାଏ ।**

**ବନ୍ଦାଲୋ, ଟାଙ୍ଗୀ, କଟକ- ୭୫୪୦୨୨**
**ମୋ-୯୩୩୭୮୯୭୬୫୦**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**




ରବୀନ୍ଦ୍ରମଣ୍ଡପ ଠାରେ ସଂଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେସନ ତରଫରୁ ଆୟୋଜିତ ଓଡ଼ିଶୀ ସଂଗୀତ ମହୋତ୍ସବ-୨୦୨୬ ରେ ସଂଗୀତ ପରିବେଷଣ କରୁଛନ୍ତି ସୁଶ୍ରୀ ପ୍ରତିଭା ପ୍ରଧାନ

# ୩ ନିଲମ୍ବିତ କଂଗ୍ରେସ ବିଧାୟକଙ୍କ କୁଶପୁତ୍ତଳିକା ଦାହ କଲା ଯୁବ କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ) : ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଂଟିନ ଛକରେ ରାଜ୍ୟସଭା ନିଲମ୍ବିତ କଂଗ୍ରେସ ବିଧାୟକ ରମେଶ ଜେନା, ଦାଶରଥି ଗମାଙ୍ଗୋ ଓ ସୋଫିଆ ଫିର୍ଦୌଶଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା । କାର୍ଯ୍ୟକ୍ରମରେ ମଧ୍ୟ ଘୋଡ଼ା ବେପାର କରିଥିବା ସାଂସଦ ଦିଲ୍ଲୀପ ରାୟଙ୍କ କୁଶପୁତଳିକାକୁ ଦାହ କରାଯାଇଥିଲା । ଏହି ଅବସରରେ ଶ୍ରୀ ପାତ୍ର କହିଲେ ଯେ ଦିଲ୍ଲୀପ ରାୟ କେବେ ବିଜେପିରେ ନଥିଲେ କେହି ଜାଣନ୍ତି ନାହିଁ, ସେ ସ୍ୱାଧୀନ ପ୍ରାର୍ଥୀ ନୁହନ୍ତି । ଅନ୍ୟପକ୍ଷରେ କଂଗ୍ରେସ ଦଳର ନୀତି, ନିଷ୍ପତ୍ତି, ନିର୍ଦ୍ଦେଶ ଓ ଶୃଙ୍ଖଳାକୁ ଭଙ୍ଗକରି ଯେଉଁ ୩ ଜଣ କଂଗ୍ରେସ ବିଧାୟକ ଦିଲ୍ଲୀପ ରାୟଙ୍କୁ ରାଜ୍ୟସଭା ଭୋଟ ଦେଲେ ସେଥିରେ ଜନନାୟକ ରାହୁଲ ଗାନ୍ଧୀଜୀ, ଏଆଇସିସି ସଭାପତି ମଲ୍ଲିକାର୍ଜ୍ଜୁନ ଖଡ଼ଗେଜୀ ଏବଂ ପୂର୍ବତନ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଜୀଙ୍କ ପ୍ରତି ବିଶ୍ୱାସଘାତକତା ହୋଇଛି । ସ୍ୱାଧୀନ ପ୍ରାର୍ଥୀ ଦତ୍ତେଶ୍ୱର ହୋତାଙ୍କୁ ଭୋଟ ଦେବାପାଇଁ ଏଆଇସିସିର ସଂପୂର୍ଣ୍ଣ ନିର୍ଦ୍ଦେଶ ରହିଥିଲା । ତେଣୁ କଂଗ୍ରେସ ଦଳର ନିର୍ଦ୍ଦେଶକୁ ଅମାନ୍ୟକରି ଯେଉଁ ବିଧାୟକମାନେ ବିଜେପି ସମର୍ଥିତ ବା ବିଜେପି ଦଳର ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଛନ୍ତି ସେମାନେ କଂଗ୍ରେସ ଦଳର ବିରୋଧି ଏବଂ ଦଳପ୍ରତି ବିଶ୍ୱାସଘାତକତା କରିଛନ୍ତି । ପ୍ରଦେଶ ଯୁବ କଂଗ୍ରେସ ସେମାନଙ୍କର ଏତାଦୃଶ ହୀନ କାର୍ଯ୍ୟକୁ ନିନ୍ଦା କରୁଛି । ଗଣତନ୍ତ୍ରର ସୁରକ୍ଷା ପାଇଁ ଯୁବ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ଶ୍ରୀ ପାତ୍ର କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସୁଦିପ ସାମଲ, ସତ୍ୟଜିତ ପଟ୍ଟନାୟକ, ଆଲୋକ ଦାସ, ସୁରଜ ରାଉତ, ବଳରାମ ନନ୍ଦ, ବିଶ୍ୱଜିତ ସ୍ୱାଇଁ, ବଟକୃଷ୍ଣ ରାଉତରାୟ, ସଂକୁନା କହଁର, ବିରଞ୍ଚି ବାରିକ, ସାଇ ରଞ୍ଜନ ପଟ୍ଟନାୟକ, କାର୍ତ୍ତିକେଶ୍ୱର କାଣ୍ଡି, ସୁନିଲ ସାହୁଙ୍କ ସହ ଶତାଧିକ ଯୁବକଂଗ୍ରେସ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ୭୦ଗ୍ରାମ୍ ବ୍ରାଉନସୁଗର ଜବତ : ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପ୍ରଶାନ୍ତି ବିହାରରେ ଅବକାରୀ ଟିମ୍ ଚଢାଉ କରି ୭୦ଗ୍ରାମ୍ ବ୍ରାଉନସୁଗର ଜବତ କରିବା ସହ ୨ଜଣ ବ୍ୟବସାୟୀଙ୍କୁ ଗିରଫ କରିଛି । ପ୍ରଶାନ୍ତି ବିହାର ନିକଟରେ ଦିଲ୍ଲୀପ କୁମାର ସ୍ୱାଇଁ (୨୧) ଓ ରାକେଶ ସ୍ୱାଇଁ (୨୨) ପଲସର ଗାଡିରେ ବ୍ରାଉନସୁଗର ରଖି ବିକ୍ରି କରୁଥିବା ଅବକାରୀ ଖବର ପାଇଥିଲା । ସତର୍କତାର ସହ ସେଠାରେ ଚଢାଉ କରି ଦୁହିଁଙ୍କୁ ଧରିବାରେ ସମର୍ଥ ହେଲା । ରାକେଶ ଓ ଦିଲ୍ଲୀପ ଗତ କିଛିଦିନ ହେବ ବ୍ରାଉନସୁଗର ଆଣି ବିକ୍ରି କରନ୍ତି ବୋଲି ତଦନ୍ତକାରୀ ଟିମ୍‌କୁ କହିବା ସହ ପ୍ରଶାନ୍ତିବିହାରରେ ଗ୍ରାହକଙ୍କୁ ଅପେକ୍ଷା କରିଥିବା କହିଥିଲେ । ବ୍ରାଉନସୁଗର କାରବାରରେ ବ୍ୟବହାର ହେଉଥିବା ପଲସର ବାଇକ୍, କିଛି ଟଙ୍କା ଓ ୭୦ଗ୍ରାମ୍ ବ୍ରାଉନସୁଗର ଜବତ କରିବା ସହ ଅବକାରୀ ଟିମ୍ ଦୁଇଜଣଙ୍କୁ ଗିରଫ କରିଛି ।

# କିଟ୍‌ରେ ଆଭଏଡେବଲ୍ ଡେଥ୍‌ସ ନେଟ୍‌ୱାର୍କର ଭାରତ ଚାପ୍ଟର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): କିଟ୍ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥ (କେଏସପିଏଚ) ରେ ଆଭୋଏଡେବଲ୍ ଡେଥ୍‌ସ ନେଟ୍‌ୱାର୍କ (ଏଡିଏନ)ର ଇଣ୍ଡିଆ କଣ୍ଟ୍ରି ଚାପ୍ଟରର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଯାଇଛି । ଏହା ଏକ ବିଶ୍ୱସ୍ତରୀୟ ପଦକ୍ଷେପ ହୋଇଥିବା ବେଳେ ଏହା ଗବେଷଣା, ନୀତିଗତ ଆଲୋଚନା ଓ ଜୀବନହାନି ରୋକିବା ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଲକ୍ଷ୍ୟ ରଖାଯାଇଛି । କେଏସପିଏଚର ପ୍ରଫେସର ପ୍ରତାପ କୁମାର ଜେନା ଓ କେଏସପିଏଚର ନିର୍ଦ୍ଦେଶକ ଡ ରମ୍ୟା ପିନ୍ନାମାନେନି ଏହାର ନେତୃତ୍ୱ ନେଉଛନ୍ତି । ଏହି କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ବିଶେଷଜ୍ଞ, ଜାତିସଂଘ ବିଶେଷଜ୍ଞ, ନୀତି ନିର୍ଦ୍ଧାରକ, ଶିକ୍ଷାଗତ ନେତା, ସଂପ୍ରଦାୟ ଅଂଶୀଦାର ଏବଂ ଛାତ୍ରଛାତ୍ରୀଙ୍କୁ ବିପର୍ଯ୍ୟୟ, ଜଳବାୟୁ ବିପଦ, ସ୍ୱାସ୍ଥ୍ୟ ଅବହେଳା ଓ ସାମାଜିକ ଦୁର୍ବଳତାରୁ ଉପୁଜିଥିବା ଆଭଏଡେବଲ୍ ମୃତ୍ୟୁର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ ।



ଡପିନ୍ନାମାନେନି ସ୍ୱାଗତ ଭାଷଣ ଦେଇ ଏଡ଼ାଯାଇପାରୁଥିବା ମୃତ୍ୟୁକୁ ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ବିପର୍ଯ୍ୟୟ ବିପଦ ହ୍ରାସ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଲେ, ବିପର୍ଯ୍ୟୟ ଓ ସଙ୍କଟ ସହିତ ଜଡିତ ଅନେକ ମୃତ୍ୟୁ କେବଳ ଘଟଣା ସମୟରେ ନୁହେଁ ବରଂ ସ୍ୱାସ୍ଥ୍ୟସେବାରେ ବିଳମ୍ବ ଓ ସଂରଚନିକ ଦୁର୍ବଳତା ଯୋଗୁଁ ମଧ୍ୟ ଘଟିଥାଏ । କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ପ୍ରଫେସର କେ.ଡି. ରାଜୁ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଯୋଗଦେଇ ଏଦିଗରେ ବିଶ୍ୱସ୍ତରୀୟ ସହଯୋଗକୁ ଆଗକୁ ବଢାଇବା ପାଇଁ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ଏଡିଏନର ପ୍ରତିଷ୍ଠାତା ସଭାପତି ଏବଂ ସଂଯୋଜକ ତଥା ୟୁକେ ଲିସେଷ୍ଟର ବିଶ୍ୱବିଦ୍ୟାଳୟର ପ୍ରଫେସର ନିବେଦିତା ରେ-ବେନେଟ୍, ଜାପାନ କାନସାଇ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ହିଡେୟୁକି ଶିରୋଶିତା ଆଭଏଡେବଲ୍ ଡେଥ୍ସ ନେଟୱାର୍କର ବିଶ୍ୱ ଦୃଷ୍ଟିକୋଣ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ "ଭାରତରେ ଏଭଏଡେବଲ୍ ଡେଥ୍‌ସ ଅନ୍ୱେଷଣ' ଉପରେ ଏକ ଆୟୋଜିତ ପ୍ୟାନେଲ୍ ଆଲୋଚନାରେ ବିଶେଷଜ୍ଞମାନେ ଆଭଏଡେବଲ୍ ଡେଥ୍‌ସ ଉପରେ ସେମାନଙ୍କ ମତାମତ ରଖିଥିଲେ ।

## ଅନୁଗୁଳରେ ଜିନ୍ଦଲ ଷ୍ଟିଲର ୬ ଏମ୍‌ଟିପିଏ ସମ୍ପ୍ରସାରଣ କାର୍ଯ୍ୟ ଶେଷ

# ବାର୍ଷିକ ଉତ୍ପାଦନ କ୍ଷମତା ୧୨ ଏମ୍‌ଟିପିଏକୁ ବୃଦ୍ଧି

ଭୁବନେଶ୍ୱର (ସବ୍ୟୁ): ଜିନ୍ଦଲ ଷ୍ଟିଲ୍ ଓଡ଼ିଶାର ଅନୁଗୁଳ ସ୍ଥିତ ଇଣ୍ଟିଗ୍ରେଟେଡ୍ ଇସ୍ପାତ କମ୍ପ୍ଲେକ୍ସରେ ତୃତୀୟ ବେସିକ୍ ଅକ୍ସିଜେନ୍ ଫର୍ଣ୍ଣେସ୍ (ଇଓଂଋ-୩)କୁ କାର୍ଯ୍ୟକ୍ଷମ କରି ବାର୍ଷିକ ୬ ନିୟୁତ ଟନ କ୍ଷମତା ସମ୍ପ୍ରସାରଣ କାର୍ଯ୍ୟ ସମାପ୍ତ କରିଛି । ଏହା ଦ୍ୱାରା ଅନୁଗୁଳ କାରଖାନାର ଅଶୋଧିତ ଇସ୍ପାତ ଉତ୍ପାଦନ କ୍ଷମତା ବାର୍ଷିକ ୧୨ ନିୟୁତ ଟନକୁ ବୃଦ୍ଧି ପାଇଛି ଏବଂ ଏହା ଦେଶର ଅନ୍ୟତମ ସର୍ବବୃହତ ସମନ୍ୱିତ ଇସ୍ପାତ କାରଖାନା ମଧ୍ୟରେ ସାମିଲ ହୋଇଛି । ଏହି ପର୍ଯ୍ୟାୟ ସମ୍ପ୍ରସାରଣରେ କୋକଓଭନ, ସିଆରଏମ କମ୍ପ୍ଲେକ୍ସ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସମେତ ଅପଷ୍ଟ୍ରିମ ଓ ଡାଉନଷ୍ଟ୍ରିମ ବ୍ୟବସ୍ଥା ବିଓଏଫ-୨ ଏବଂ ବିଓଏଫ-୩ କାର୍ଯ୍ୟକ୍ଷମ ହୋଇଛି । ନିର୍ଦ୍ଧାରିତ ସମୟ ଭିତରେ ସମସ୍ତ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇଛି । ଏହି ସମ୍ପ୍ରସାରଣ ପରେ ଜିନ୍ଦଲ ଷ୍ଟିଲର ଇସ୍ପାତ ଉତ୍ପାଦନ କ୍ଷମତା ୧୫.୬ ଏମଟିପିଏକୁ ବୃଦ୍ଧି ପାଇଛି, ଯେଉଁଥିରେ ରାୟଗଡ଼ ପ୍ଲାଣ୍ଟର ୩.୬ ଏମଟିପିଏ କ୍ଷମତା ମଧ୍ୟ ଅନ୍ତର୍ଭୁକ୍ତ । ଏହି ବର୍ଦ୍ଧିତ କ୍ଷମତା ଉତ୍ପାଦନ ଏବଂ ପ୍ଲାଣ୍ଟ ବ୍ୟବହାରକୁ ଆହୁରି ଉନ୍ନତ କରିବ । ଏହା କମ୍ପାନୀକୁ ରାଜସ୍ୱ ବୃଦ୍ଧି ଏବଂ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ । ଦେଶ ନିର୍ମାଣ ପାଇଁ ଆତ୍ମ ନିର୍ଭର ଭାରତ ଲକ୍ଷ୍ୟ ହାସଲ ଓ ଦେଶୀୟ ଇସ୍ପାତ ଉତ୍ପାଦନ କ୍ଷମତାରେ ଅଭିବୃଦ୍ଧିକୁ ଏହି ସମ୍ପ୍ରସାରଣ ଆହୁରି ମଜଭୁତ କରିବ ।

## ସେଣ୍ଟ ଜାଭିୟର ହାଇସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ

# ବିଜେତାଙ୍କୁ ମିଳିଲା ପୁରସ୍କାର ରାଶି

କଟକ, (ସବ୍ୟୁ): କଟକର ମିଶନ୍ ରୋଡ୍‌ସ୍ଥିତ ସେଣ୍ଟ ଜାଭିୟର ହାଇ ସ୍କୁଲରେ ଆଜି ଏକ ଆନ୍ତଃ ସ୍କୁଲ ବିଜ୍ଞାନ, ସାମାଜିକ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ସଫଳତାର ସହ ଆୟୋଜିତ ହୋଇଛି । "ନବଦୃଷ୍ଟି – ଦ ଭିଜନ୍ ଅଫ୍ ଟାଲେଣ୍ଟ" ନାମକ ଏହି ପ୍ରଦର୍ଶନୀରେ ଛାତ୍ରଛାତ୍ରୀଙ୍କ ନବୀନ ଚିନ୍ତାଧାରା ଓ ସୃଜନଶୀଳତାର ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମକୁ ସେଣ୍ଟ ଜାଭିଅର ଗ୍ରୁପ୍ ଅଫ୍ ଏଜୁକେଶନାଲ ଟ୍ରଷ୍ଟ ଅଧ୍ୟକ୍ଷ ଡା. ପ୍ରଭୁ ଚରଣ ମହାନ୍ତି ଉଦ୍‌ଘାଟନ କରିଥିବା ବେଳେ ଉପାଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି, ନିର୍ଦ୍ଦେଶକ ସମ୍ୟକ୍ ମହାନ୍ତି, ସହକାରୀ ନିର୍ଦ୍ଦେଶିକା ଆୟେଶା ଦାସ ଓ ସହକାରୀ ନିର୍ଦ୍ଦେଶକ ସମର୍ଥ ମହାନ୍ତି ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରୁପା ମିଶ୍ରଙ୍କ ନେତୃତ୍ୱରେ ଶ୍ରେଣୀ ୩ ରୁ ୧୦ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ବିଭିନ୍ନ କାର୍ଯ୍ୟକ୍ଷମ ମଡେଲ୍, ପ୍ରୟୋଗାତ୍ମକ ପ୍ରଦର୍ଶନ ଓ ନୂତନ ଆବିଷ୍କାରମୂଳକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ପ୍ରଦର୍ଶନୀରେ ପୁନର୍ନବୀକରଣ ଶକ୍ତି, ରୋବୋଟିକ୍ସ, ପରିବେଶ ସୁରକ୍ଷା, ଅନ୍ତରିକ୍ଷ ଅନୁସନ୍ଧାନ ସହିତ ଗଣିତର ବିଭିନ୍ନ ସିଦ୍ଧାନ୍ତ ଓ ଐତିହ୍ୟ ଭିତ୍ତିକ ବିଷୟରେ ମଡେଲ୍ ଦେଖାଯାଇଥିଲା । ଏହି ପ୍ରଦର୍ଶନୀରେ ପ୍ରଫେସର ରାମଚନ୍ଦ୍ର ଦେଓ ଓ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପୂର୍ବତନ ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ସତପଥୀ ନ୍ୟାୟାଧୀଶ ଭାବେ ମୂଲ୍ୟାୟନ କରିଥିଲେ । ବିଜେତାମାନଙ୍କୁ ନଗଦ ପୁରସ୍କାର ରୂପେ ୩୦୦୦ ଟଙ୍କା, ପ୍ରଥମ ରନର୍ସ-ଅପ୍‌କୁ ୨୦୦୦ ଟଙ୍କା ଓ



ଦ୍ୱିତୀୟ ରନର୍ସ-ଅପ୍‌କୁ ୧୦୦୦ ଟଙ୍କା ପ୍ରଦାନ କରାଯାଇଥିଲା । ଏଥିରେ ଅଂଶ ଗ୍ରହଣ କରିଥିବା ଭୁବନେଶ୍ୱର ଓ କଟକର ବିଭିନ୍ନ ସ୍କୁଲ ର ପ୍ରାୟ ୧୦୦ ଜଣ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରଯାଇଥିଲା ।

# ଜାଗୁଲେଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ : କାଳରାତ୍ରି ବେଶରେ ଦର୍ଶନ ଦେଲେ ମା

ଜଟଣୀ (ସବ୍ୟୁ): ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମଦେବି ମା ଜାଗୁଳାଇଙ୍କ ଶକ୍ତିପିଠରେ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ସପ୍ତମୀ ତିଥିରେ ସାଲା ମଣ୍ଡନ ସୂର୍ଯ୍ୟ ପୂଜା ଅଗ୍ନିସ୍ଥାପନା କାରାଯାଇ ସନ୍ଧ୍ୟାରେ ମା ଙ୍କୁ ମହାସ୍ନାନ ପରେ ଚିତ୍ରକର ବାବୁ ବିଜୟ ପଣ୍ଡା କାଳରାତ୍ରି ବେଶରେ ସଜିତ କରିଥିଲେ କ୍ଷ ମୁକୁଳା କେଶ , ମୁଣ୍ଡ ମାଳ, ଜିଭା ବାହାର ବେଶ ଆକର୍ଷଣୀୟ ଥିଲା । ଷୋଡଶ ଉପଚାର ପୂଜା, ଶପ୍ତସତୀ ଚଣ୍ଡୀ ଆହୁତି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା କ୍ଷ ଆସନ୍ତାକାଲି ମା" ମହାଗୌରୀ ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି କ୍ଷ କାର୍ଯ୍ୟକ୍ରମକୁ କମିଟି ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ରାଜା, ଭାସ୍କର ହରିଚନ୍ଦନ , ସମ୍ପାଦକ ଏଲ ଡି ମହାନ୍ତି, ସଭାପତି ରାଧାମୋହନ ପଟ୍ଟନାୟକ, ଅଶୋକ ଦାସ , ପବିତ୍ର ମୋହନ ରଣସିଂହ,ପୂର୍ଣ୍ଣଚନ୍ଦ୍ର ସାହାଣୀ , ନିତ୍ୟସେବକ ରାମଚନ୍ଦ୍ର ସାହୁ , ଜିତେନ୍ଦ୍ର ଜେନା, ବିକାଶ ବେହେରା ଆଡ଼ଭୋକେଟ ସୁରେଶ ଚନ୍ଦ୍ର ମିଶ୍ର , ସଚ୍ଚିଦାନନ୍ଦ ଦାସ, ରାଜକିଶୋର ରଣସିଂହ, ବିବେକ ଦଳେଇ, ଜଗରନାଥ ବାରିକ , ଶିବ ପ୍ରସାଦ ଦାସ ସମେତ ଗ୍ରାମବାସୀଙ୍କ ସହଯୋଗରେ ପରିଚାଳନା ହୋଇଥିଲା ।

# ହିରାକୁଦ ପାୱାର ଏବଂ ସ୍ମେଲ୍ଟର ରେ ବିଶ୍ୱ ଜଳ ଦିବସ ପାଳନ



ଭୁବନେଶ୍ୱର (ସବ୍ୟୁ): ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ହିରାକୁଦ ପାୱାର ଏବଂ ସ୍ମେଲ୍ଟର ରେ ବିଶ୍ୱ ଜଳଦିବନ ପାଳିତ ହୋଇଛି । ଏହି ଅବସରରେ ଜଳ ସଂରକ୍ଷଣ, ସ୍ଥାୟିତ୍ୱ ଏବଂ ସମବେଶୀ ଜଳ ପରିଚାଳନା ପ୍ରଚଳନର ଗୁରୁତ୍ୱ ଉପରେ ଜୋର ଦିଆଯାଇଥିଲା । କାର୍ଯ୍ୟକ୍ରମରେ ୟୁନିଟ୍ ହେଡ୍ ସୁମିତ ମୁଖାର୍ଜୀ, ସିପିପି ପ୍ଲାଣ୍ଟ ହେଡ୍ ଅରୁଣ କୁମାର ସିଂହ, ସ୍ମେଲ୍ଟର ପ୍ଲାଣ୍ଟ ହେଡ୍ ପ୍ରତାପ ସାହୁ, ଜଳଟାସ୍କଫୋର୍ସର ଅଧ୍ୟକ୍ଷ ଶୈଳେନ୍ଦ୍ର ପାଣ୍ଡେ, ପରିବେଶ ବିଭାଗର ମୁଖ୍ୟ ରଞ୍ଜନ କୁମାର ଜେନା ଉପସ୍ଥିତ ଥିଲେ । ସେମାନେ ଶିଳ୍ପ କାର୍ଯ୍ୟକଳାପ ଓ ପାର୍ଶ୍ୱବର୍ତ୍ତି ସମୁଦାୟରେ ଜଳର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜଳ ସଂରକ୍ଷଣ ଉଦ୍ୟମ ଏବଂ ଦୀର୍ଘକାଳିନ ଜଳ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ବର୍ଷ ଜଳ ଦିବସର ଥିମ୍ ଥିଲା, 'ଜଳ ଏବ ଲିଙ୍ଗ ସମାନତା-ଯେଉଁଠି ଜଳ ବହେ ସେଠି ସମାନତା ବୃଦ୍ଧି ପାଏ' । କାର୍ଯ୍ୟକ୍ରମ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ବଲପୁର ସହଯୋଗରେ ଆୟୋଜିତ ହୋଇଥିଲା ।

# ଗିରଫ ବେଳେ ସାମ୍ବିଧାନିକ ଓ ଆଇନଗତ ପ୍ରକ୍ରିୟା ପାଳନ କରୁନି ପୋଲିସ୍ : ଅଭିଯୁକ୍ତକୁ ମିଳିଲା ଜାମିନ୍

କଟକ,(ସବ୍ୟୁ): ଗିରଫ ସମୟରେ ସାମ୍ବିଧାନିକ ଓ ଆଇନଗତ ପ୍ରକ୍ରିୟା ପାଳନ କରାଯାଇ ନ ଥିବା ଦର୍ଶାଇ ଓଡ଼ିଶା ହାଇକୋର୍ଟ ଜଣେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି । ରାଉରକେଲା ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ଏକ ଜାଲ୍ ଲଟେରୀ କାରବାର ମାମଲାରେ ସଞ୍ଜୟ ସାହୁ ନାମକ ବ୍ୟକ୍ତିଙ୍କୁ ପୁଲିସ୍ ଗିରଫ କରିଥିଲା । କିନ୍ତୁ ଗିରଫଦାରୀ ସମୟରେ ନିୟମ ପାଳନ କରିନଥିବାରୁ ହାଇକୋର୍ଟର ବିଚାରପତି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଅଭିଯୁକ୍ତକୁ ଜାମିନ୍ ପ୍ରଦାନ କରିଛନ୍ତି । ଅଭିଯୁକ୍ତ ସଞ୍ଜୟ ସାହୁଙ୍କ ବିରୋଧରେ ଜାଲ୍ ଲଟେରୀ ବ୍ୟବସାୟ ଚଳାଉଥିବା ଅଭିଯୋଗରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ଏବଂ ଲଟେରୀ ନିୟନ୍ତ୍ରଣ ଅଧିନିୟମର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ପୁଲିସ୍ ତାଙ୍କୁ ୨୦୨୫ ଡିସେମ୍ବର ୨୦ ତାରିଖରେ ଗିରଫ କରିଥିଲା । ଶୁଣାଣି ସମୟରେ ଅଭିଯୁକ୍ତ ପକ୍ଷରୁ ଦାବି କରାଯାଇଥିଲା ଯେ ତାଙ୍କୁ ବିଏନଏସ ନିୟମ ଅନୁଯାୟୀ ଗିରଫର କାରଣ ଲିଖିତ ଭାବେ ପୁଲିସ ଜଣାଇ ନ ଥିଲା । ଏହି ଜବାବ ପରେ ହାଇକୋର୍ଟ ତଦନ୍ତ ଅଧିକାରୀଙ୍କୁ ଏହା ଉପରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତକାରୀ ଅଧିକାରୀଙ୍କ ଜବାବ ପରେ ହାଇକୋର୍ଟ କହିଛନ୍ତି ଯେ, ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସମୟରେ ଗିରଫଦାରୀର ସଠିକ୍ କାରଣ ଲିଖିତ ଭାବେ ଜଣାଇବା ବାଧ୍ୟତାମୂଳକ । କିନ୍ତୁ ଏହି ମାମଲାରେ ଆରେଷ୍ଟ ମେମୋରେ କେବଳ 'ଅଭିଯୁକ୍ତ ମାମଲାରେ ସମ୍ପୃକ୍ତ ଅଛନ୍ତି' ବୋଲି ଉଲ୍ଲେଖ ଥିଲା, ଯାହାକି ଆଇନଗତ ଭାବେ ଯଥେଷ୍ଟ ନୁହେଁ । ପୁଲିସର ଏହି ତ୍ରୁଟି ଯୋଗୁ ଗିରଫଦାରୀ ପ୍ରକ୍ରିୟା ଅବୈଧ ହୋଇଥିବା ଅଦାଲତ କହିବା ସହ ଅଭିଯୁକ୍ତଙ୍କୁ ୨୫ହଜାର ଟଙ୍କାର ଜାମିନ ବଣ୍ଡ ଏବଂ ଜଣେ ଜାମିନ୍‌ଦାର୍ ବଦଳରେ ଜାମିନ ପ୍ରଦାନ କରିଛନ୍ତି ।

## ବ୍ରାହ୍ମଣ ମହାସଂଘର "ରାଷ୍ଟ୍ରୀୟ ବ୍ରାହ୍ମଣ ମହାସମ୍ମିଳନୀ'

# ହିମାଂଶୁ ଷଡ଼ଙ୍ଗୀ ଯୁବବାହିନୀ ରାଜ୍ୟ କାର୍ଯ୍ୟକାରୀ ସଭାପତି

କଟକ, (ସ୍ୱପ୍ର) : ଓଡ଼ିଶା ବ୍ରାହ୍ମଣ ମହାସଂଘ ପକ୍ଷରୁ "ରାଷ୍ଟ୍ରୀୟ ବ୍ରାହ୍ମଣ ମହାସମ୍ମିଳନୀ' ଭୁବନେଶ୍ୱର ସ୍ଥିତ ଓଡେଶା ଭବନରେ ଅନୁଷ୍ଠିତ ହୋଇଯାଇଛି । ମହାସଂଘର ସଭାପତି ସଦାନନ୍ଦ ଦୀକ୍ଷିତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଉଦଘାଟକ ଭାବେ କର୍ଣ୍ଣାଟକ ଉଡୁପି ଶ୍ରୀକୃଷ୍ଣ ମନ୍ଦିରର ସ୍ୱାମୀ ସୁଗୁଣେନ୍ଦ୍ର ତୀର୍ଥ ଯୋଗ ଦେଇ ରାଷ୍ଟ୍ର ଜ୍ଞାନ ଓ ବିଜ୍ଞାନ କ୍ଷେତ୍ରରେ ବ୍ରାହ୍ମଣମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂଘର ଅଧ୍ୟକ୍ଷ ଗୋବିନ୍ଦ କୁଲକର୍ଣ୍ଣୀ, ବିଶିଷ୍ଟ ଅତଥି ଡା. ଅଶୋକ ମହାପାତ୍ର, ଅଖିଳ ଭାରତ ବ୍ରାହ୍ମଣ ସଂଗଠନର ଅଧ୍ୟକ୍ଷ ବିପିନ ବିହାରୀ ମିଶ୍ର, ମଣିନ୍ଦ୍ର ତିୱାରୀ, ସଚ୍ଚିଦାନନ୍ଦ ସରସ୍ୱତୀ ପ୍ରମୁଖ ଯୋଗଦେଇ ବ୍ରାହ୍ମଣ କଲ୍ୟାଣ ବୋର୍ଡ ଗଠନ, ବ୍ରାହ୍ମଣମାନଙ୍କ ବିରୋଧରେ ହେଉଥିବା ବିଭିନ୍ନ ଅତ୍ୟାଚାର ପାଇଁ ନ୍ୟାୟ ପ୍ରଦାନ, କର୍ମକାଣ୍ଡକୁ ଧନ୍ଦାମୂଳ ଶିକ୍ଷା ଭାବରେ ଗ୍ରହଣ ଆଦି ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରମେଶ ଜୋଇସ ସ୍ୱାମିନୀ ପ୍ରିୟବାଦିନୀ, ରାଧେଶ୍ୟାମ ଶର୍ମା, ପଙ୍କଜ ଉପାଧ୍ୟାୟ, ଶ୍ରୀବତ୍ସ, ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଏହି



ଅବସରରେ ମହାସଂଘର ତ୍ରୈମାସିକ ପତ୍ରିକା "ବ୍ରହ୍ମସନ୍ଦେଶ'ର ବିଶେଷ ସଂସ୍କରଣ ଉନ୍ମୋଚିତ ହୋଇଥିଲା । ଏଥିସହିତ ସଭ୍ୟମାନଙ୍କ ଦ୍ୱାରା ମହାସଂଘର ନିର୍ବାଚନ ହୋଇଥିଲା । ସେଥିମଧ୍ୟରେ ସଭାପତି ଭାବେ ସଦନନ୍ଦ ଦୀକ୍ଷିତ, କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର ପଣ୍ଡା, ସାଧାରଣ ସମ୍ପାଦକ ଜଗନ୍ନାଥ ପାଢ଼ୀ, କାର୍ଯ୍ୟକାରୀ ସମ୍ପାଦକ ରାମପ୍ରସାଦ ଦାଶ, ଶକ୍ତି ବାହିନୀର ସଭାପତି ସ୍ନେହ ନନ୍ଦ, ସାଧାରଣ ସମ୍ପାଦିକା ଶୁଭା ପଣ୍ଡା, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ହାପାତ୍ର, ଯୁବ ବାହିନୀର ସଭାପତି ଜଗଦାନନ୍ଦ ତ୍ରିପାଠୀ, ସାଧାରଣ ସମ୍ପାଦକ ପଣ୍ଡିତ ସନ୍ତୋଷ କୁମାର ପଣ୍ଡା ଏବଂ ରାଜ୍ୟ କାର୍ଯ୍ୟକାରୀ ସଭାପତି ଭାବେ ହିମାଂଶୁ ଷଡ଼ଙ୍ଗୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ଏହି ଅବସରରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀ ଷଡ଼ଙ୍ଗୀଙ୍କ ଉପରେ ଏହି ଗୁରୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବାରୁ ସେ ସମସ୍ତ ଉପରିସ୍ଥ ପଦାଧିକାରୀଙ୍କୁ କୃତଜ୍ଞତା ଜଣାଇବା ସହ ସମସ୍ତ କାର୍ଯ୍ୟକୁ ସଫଳତାର ସହ ତୁଲାଇବା ପାଇଁ ଶତପ୍ରତିଶତ ଉଦ୍ୟମ କରିବେ ବୋଲି କାର୍ଯ୍ୟକାରୀ ସଭାପତି ଶ୍ରୀ ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି ।

## ଇରାନର କେଶର ଯୋଗାଣ ଆଳରେ ୨.୭ କୋଟି ଟଙ୍କା ସାଇବର ଠକେଇ

# ନାଇଜେରିଆ ନାଗରିକଙ୍କ ଜାମିନ ଆବେଦନ ଖାରଜ

କଟକ, (ସବ୍ୟୁ) : ବିଶ୍ୱ ବ୍ୟାଙ୍କ ପ୍ରତିନିଧି ସାଜି ଇରାନୀ ଜାଫ୍ରାନ ବା କେଶର ଯୋଗାଣ ବାହାନାରେ ଜଣେ ବ୍ୟକ୍ତିଙ୍କଠାରୁ କୋଟି କୋଟି ଟଙ୍କା ଠକେଇ କରିବା ମାମଲାରେ ଓଡ଼ିଶା ହାଇକୋର୍ଟ ନାଇଜେରିଆ ନାଗରିକ ଚିଜୋବାମ କ୍ରିଷ୍ଟ ଅଲିଆସ୍ କ୍ରିଷ୍ଟୋଫରଚିଜୋବାମଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି । ଅଭିଯୁକ୍ତ ନିକଟରେ ଜାଲ୍ ପାସପୋର୍ଟ ଏବଂ ଭିସା ରହିଥିବା ଜଣାପଡ଼ିବା ଏବଂ ଅଭିଯୁକ୍ତ ଜଣେ ବିଦେଶୀ ନାଗରିକ ହୋଇଥିବାରୁ ତାଙ୍କ ନିକଟରେ ଜାଲ ପ୍ରମାଣପତ୍ର ଥିବାରୁ ଜାମିନ ପାଇଲେ ଫେରାର ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଥିବା ଦର୍ଶାଇ ଅଦାଲତ ଏହି ଆବେଦନକୁ ଖାରଜ କରିଛନ୍ତି । ଜଷ୍ଟିସ ଗୌରୀ ଶଙ୍କର ଶତପଥୀ ମାମଲାର ରାୟ ପ୍ରକାଶ କରି ଏହି ଆଦେଶ ଦେଇଛନ୍ତି । ଓଡ଼ିଶାର ଜଣେ ପୂର୍ବତନ ପ୍ରଶାସକଙ୍କ ନାଁରେ ଏକ ଜାଲ୍ ଇ-ମେଲ୍ ଜରିଆରେ ବିଶ୍ୱବ୍ୟାଙ୍କକୁ ଇରାନୀ ଜାଫ୍ରାନ ଯୋଗାଣ ପାଇଁ ପ୍ରଲୋଭନ ଦେଖାଇ ଠକେଇ କରାଯାଇଥିବା ନେଇ ଜଣେ ଅଭିଯୋଗକାରୀ ସାଇବର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକାରୀ ଅଭିଯୋଗ କରିଥିଲେ ଯେ ତାଙ୍କୁ ପ୍ରାୟ ୨.୭ କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାକୁ କୁହାଯାଇଥିଲା । ପରବର୍ତ୍ତୀ ସମୟରେ ବୀମା ବାବଦକୁ ଆଉ ପ୍ରାୟ ୭୭,୫୫୦ ଆମେରିକୀୟ ଡଲାର ମଗାଯିବା ପରେ ଏହା ଏକ ସାଇବର ଠକେଇ ବୋଲି ଅଭିଯୋଗକାରୀ ଜାଣିବାକୁ ପାଇଥିଲେ । ସାଇବର ଥାନା ପୁଲିସ ଏହି ମାମଲାର ତଦନ୍ତ କରି ନୂଆଦିଲୀର ବସନ୍ତ ବିହାର ଅଞ୍ଚଳରୁ ଏଟିଏମ ଜରିଆରେ ଟଙ୍କା ଉଠାଯାଉଥିବା ଚିହ୍ନଟ କରିଥିଲା । ଏହି ଘଟଣାରେ ନାଇଜେରିଆର ନାଗରିକ ଚିଜୋବାମ କ୍ରିଷ୍ଟ ଅଲିଆସ୍ କ୍ରି ଷ୍ଟୋ ଫ ର ଚି ଜୋ ବା ମ ଙ୍କ ବିରୋଧରେ ସିଆଇଡି-ସିବି ଜାଲିଆତି ଓ ଆଇଟି ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ କରି ଗିରଫ କରିଥିଲା । ତଦନ୍ତକାରୀ ସଂସ୍ଥା ଅଭିଯୁକ୍ତଙ୍କ ପାଖରୁ ଅନେକ ଆପତ୍ତିଜନକ ସାମଗ୍ରୀ ଏବଂ ଜାଲ୍ ଦସ୍ତାବିଜ ଜବତ କରିଥିଲା । ଅଦାଲତ କହିଛନ୍ତି ଯେ ଅଭିଯୁକ୍ତଙ୍କ ପାଖରେ ଜାଲ୍ ପାସପୋର୍ଟ ଏବଂ ଭିସା ରହିଛି, ଯାହାକି ଏକ ଗୁରୁତର ବିଷୟ । ଯଦି ଅଭିଯୁକ୍ତଙ୍କୁ ଜାମିନ ଦିଆଯାଏ, ତେବେ ସେ ଦେଶଛାଡ଼ି ଫେରାର ହୋଇଯିବାର ଆଶଙ୍କା ରହିଛି ।

# ଇଣ୍ଡିଆନ୍ ବ୍ୟାଙ୍କ ଦ୍ୱାରା ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ଇଣ୍ଡିଆନ୍ ବ୍ୟାଙ୍କ ଦ୍ୱାରା "ଭାରତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ପ୍ରଯୁକ୍ତି ଚାଳିତ ପରିବର୍ତ୍ତନର ଭବିଷ୍ୟତ ଧାରଣା" ସମ୍ପର୍କୀତ ଏକ



ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ସମ୍ମିଳନୀରେ ପଦ୍ମଶ୍ରୀ ମାଳୀନି ଅବସ୍ଥି ମୁଖ୍ୟ ଅତିଥି ରୂପେ ଏବଂ ପଦ୍ମଶ୍ରୀ ଡଃ. ବିଦ୍ୟା ବିନ୍ଦୁ ସିଂ ଓ ଡଃ. ଛବିଲ କୁମାର ମେହେର, ଉପ-ନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ), ଭାରତ ସରକାର ବିଶିଷ୍ଟ ଅତିଥି ରୂପେ ଯୋଗଦେଇଥିଲେ । ଇଣ୍ଡିଆନ୍ ବ୍ୟାଙ୍କର କାର୍ଯ୍ୟପାଳକ ନିର୍ଦ୍ଦେଶକ ବ୍ରଜେଶ କୁମାର ସିଂ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ।

ଏହି ଅବସରରେ ସୁଶ୍ରୀ ଭି.ଏନ୍. ମାୟା , ମୁଖ୍ୟ ପ୍ରବନ୍ଧକ, କର୍ପୋରେଟ୍ କାର୍ଯ୍ୟାଳୟଙ୍କ ସମେତ ଦେଶର ବିଭିନ୍ନ ବ୍ୟାଙ୍କରୁ ଆସିଥିବା ପ୍ରତିନିଧି, ହିନ୍ଦୀ ନିବନ୍ଧ ପ୍ରତିଯୋଗିତାର ପ୍ରତିଯୋଗୀ ଓ ବିଜେତାମାନେ ଉପସ୍ଥିତ ଥିଲେ । ଏହି ସମ୍ମିଳନୀରେ ହିନ୍ଦୀ ପ୍ରବନ୍ଧ ପ୍ରତିଯୋଗିତାର ବିଜେତା ଓ ରାଜଭାଷାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବିଭିନ୍ନ କାର୍ଯ୍ୟାଳୟକୁ ପୁରସ୍କୃତ କରାଯାଇଥିଲା । ସମ୍ମିଳନୀଟି ଚାରଟି ପର୍ଯ୍ୟାୟରେ ଆୟୋଜିତ ହୋଇଥିଲା । ପ୍ରଥମେ ଅତିଥିମାନଙ୍କ ଉଦ୍‌ବୋଧନ ଓ ପୁରସ୍କାର ବିତରଣ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ରାଜଭାଷା କାର୍ଯ୍ୟାନ୍ୱୟନ ବିଷୟରେ ଅଲୋଚନା ହୋଇଥିଲା । ତୃତୀୟ ପର୍ଯ୍ୟାୟରେ ବିଜେତାମାନେ ଉପସ୍ଥାପନା ଦେଇଥିଲେ । ଶେଷ ପର୍ଯ୍ୟାୟରେ ଡିଜିଟାଲ ଟୁଲର ଉପଯୋଗିତା ବିଷୟରେ ଜଣାଯାଇଥିଲା । ରାଜେଶ କୁମାର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଚନ୍ଦକା ଥାନା ଗଣ୍ଡଗୋଳ, ଛୁରାମାଡ ଘଟଣାରେ ୧୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଚନ୍ଦକା ଥାନା ଗଣ୍ଡଗୋଳ ଓ ଛୁରାମାଡ ଘଟଣାରେ ପୋଲିସ ଦୁଇ ପକ୍ଷର ୧୩ଜଣଙ୍କୁ ଗିରଫ କରିଛି । ଜମିବାଡି ବିବାଦକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବାରୁ ଗୋଟିଏ ପକ୍ଷ ପ୍ରଥମେ ଥାନାକୁ ଯାଇଥିଲେ । ତାଙ୍କୁ ପିଛା କରି ଦ୍ୱିତୀୟ ପକ୍ଷ ଥାନାରେ ପହଞ୍ଚିବା ପରେ ଥାନା ଏକ ପ୍ରକାର ରଣକ୍ଷେତ୍ର ପାଲଟିଗଲା । ପୋଲିସ ଧରୁଥିଲେ ମଧ୍ୟ ଉଭୟ ପକ୍ଷ ମାନି ନଥିଲେ । ପରସ୍ପର ମାର୍‌ପିଟ, ଠେଲାପେଲା ହେବା ପରେ ଛୁରାମାଡ ହୋଇଥିଲା । ପୋଲିସ ଥାନା ଭିତରେ ଛୁରାମାଡକୁ ଅସ୍ୱୀକାର କରୁଥିବା ବେଳେ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ୨୧ ତାରିଖ ଦିନ ଘଟଣା ଘଟିଥିବା ବେଳେ ପୋଲିସ ଉଭୟ ପକ୍ଷର କାହାରିକୁ ଗିରଫ କରିନଥିଲା । ସୋସିଆଲ ମିଡିଆରେ ଥାନା ଭିତର ଆକ୍ରମଣ, ପ୍ରତି ଆକ୍ରମଣ ଭିଡିଓ ଭାଇରାଲ ହେବା ପରେ ଉଭୟ ପକ୍ଷଙ୍କ ଏତଲା ଗ୍ରହଣ କରି ପୋଲିସ ମାମଲା ରୁଜୁ କରିବା ସହ ଦୁଇପକ୍ଷର ୧୩ ଜଣଙ୍କୁ ଗିରଫ କରିଛି । ୧୫୩ ନମ୍ବର କେସ୍‌ରେ ସାଗର ଓରଫ ସୁଶାନ୍ତ ପାଲଟା ସିଂ (୩୨), ପୀତବାସ ପାଲଟାସିଂ (୭୩), ଗୀତାଞ୍ଜଳି ପାଲଟା ସିଂ (୫୪) ଗିରଫ ହୋଇଛନ୍ତି ।

## ମଧ୍ୟପ୍ରାଚ୍ୟ ଯୁଦ୍ଧ

# ନିଜ ମନ୍ତ୍ରୀଙ୍କ ଉପରେ ଦୋଷ ଲଦିଲେ ଟ୍ରମ୍ପ

ୱାଶିଂଟନ : ଇରାନ ସହ ଯୁଦ୍ଧ କରିବା ଯୋଗୁ ଆମେରିକାକୁ ପ୍ରବଳ ଆର୍ଥିକ କ୍ଷତି ସହିବାକୁ ପଡ଼ିଛି। ଏଥିଯୋଗୁ ଟ୍ରମ୍ପଙ୍କୁ ଆମେରିକା ଭିତରେ ମଧ୍ୟ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏସବୁ ଭିତରେ ଏବେ ଟ୍ରମ୍ପ ଇରାନ ସହ ଯୁଦ୍ଧର ସବୁ ଦୋଷ ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ପିଟ ହେଗସେଥଙ୍କ ଉପରେ ଲଦି ଦେଇଛନ୍ତି। ପୂର୍ବରୁ ଇସ୍ରାଏଲ ଚାପରେ ଟ୍ରମ୍ପ ଇରାନ ସହ ଯୁଦ୍ଧ କରିଥିବା ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଥିଲା। ଏବେ ଟ୍ରମ୍ପ ନିଜେ ହେଗସେଥ୍ଙ୍କ ନାଁ କହିଛନ୍ତି। ଫକ୍ସ ନ୍ୟୁଜର ପୂର୍ବତନ ଉପସ୍ଥାପକ, ଜଣେ ମେଡାଲ ପ୍ରାପ୍ତ ସୈନ୍ୟ ଓ ନିଜକୁ ଯୁଦ୍ଧର ବିରୋଧୀ ବୋଲି କହୁଥିବା ହେଗ୍ସେଥ୍ ମାର୍ଚ୍ଚ ମାସ ଆରମ୍ଭରେ ନିଜର ସମାଲୋଚକଙ୍କୁ କଡ଼ା ଜବାବ ଦେଇଥିଲା। ସମାଲୋଚକମାନେ ଇରାନ ସହ ଯୁଦ୍ଧକୁ ଅସ୍ପଷ୍ଟ କହିବା ସହ ଏହାର ଅନ୍ତ ଉପରେ ପ୍ରଶ୍ନ ଉଠାଇଥିଲେ। ଆମେରିକା ଯୁଦ୍ଧରେ ହସ୍ତକ୍ଷେପ କରିବାର କୌଣସି କାରଣ ନଥିବା ମଧ୍ୟ ସେମାନେ କହିଥିଲେ। କିନ୍ତୁ ହେଗସେଥ୍ ସେମାନଙ୍କୁ କହିଥିଲେ ଯେ "ଆମେରିକା ଜିତୁଛି। ଏହି ଯୁଦ୍ଧ ଶୀଘ୍ର ଶେଷ ହେବ।" ଇରାନ ସହ ଯୁଦ୍ଧରୁ ଆମେରିକା କ'ଣ



ଚାହୁଁଛି ପ୍ରଶ୍ନର ଉତ୍ତରେ ସେ ଏକଥା କହିଥିଲେ। ଏବେ ହେଗସେଥ୍ଙ୍କ ବସ୍ ଟ୍ରମ୍ପ ତାଙ୍କୁ ପୂରା ଯୁଦ୍ଧ ପାଇଁ ଦାୟୀ କରିଛନ୍ତି। ଇରାନ ସହ ଯୁଦ୍ଧ କରିବା ସପକ୍ଷରେ ପ୍ରଥମେ ହେଗସେଥ୍ କହିଥିଲେ ବୋଲି ଟ୍ରମ୍ପ ସମସ୍ତଙ୍କୁ ଜଣାଇଛନ୍ତି। ହେଗସେଥ୍ ପାଖରେ ବସିଥିବା ବେଳେ ଟ୍ରମ୍ପ କହିଛନ୍ତି ଯେ "ପିଟ୍, ମୁଁ ଭାବୁଛି ତୁମେ ପ୍ରଥମେ ଯୁଦ୍ଧ କଥା କଥା ଉଠାଇଥିଲ। ତୁମେ କହିଥିଲ ଯେ ଚାଲ ଯୁଦ୍ଧ କରିବା। କାରଣ ସେମାନଙ୍କୁ ପରମାଣୁ ଅସ୍ତ୍ର ରଖିବାକୁ ଆମେରିକା ଅନୁମତି ଦେଇପାରିବ ନାହିଁ।" ଏକଥା ଶୁଣି ହେଗ୍ସେଥ୍ କେବଳ ଚୁପ ରହିଥିଲେ। ଏବେ ୨୫ ଦିନ ଧରି ଜାରି ରହିଥିବା ଏହି ଯୁଦ୍ଧର ସ୍ଥାୟୀ ସମାଧାନର ରାସ୍ତା ବାହାରି ନାହିଁ। ଇରାନର ହର୍ମୁଜ ଅବରୋଧ ଯୋଗୁ ଶକ୍ତି ମୂଲ୍ୟ ଆକାଶ ଛୁଆଁ ହୋଇଛି। ଆମେରିକାରେ ମଧ୍ୟ ଏହାର ପ୍ରଭାବ ପଡ଼ିଛି। ଖାସ ଏଥିପାଇଁ ଏବେ ଟ୍ରମ୍ପ ଯୁଦ୍ଧର ଦୋଷ ଅନ୍ୟମାନଙ୍କ ଉପରେ ଲଦିବାକୁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି।

# ଯୁଦ୍ଧ ବିରତି ଘୋଷଣା ପଛରେ ଇଜିପ୍ଟ ଓ ଭାରତ

ନୂଆଦିଲ୍ଲୀ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଯୁଦ୍ଧରେ ପାଞ୍ଚ ଦିନର ବିରତି ପାଇଁ ଘୋଷଣା କରିଛନ୍ତି। ସେ କହିଛନ୍ତି, ଇରାନ ସହ ଆଲୋଚନା ଫଳପ୍ରଦ ହୋଇଛି, ଯେଉଁଥିପାଇଁ ସେ ଇରାନର ଶକ୍ତିକେନ୍ଦ୍ର ଉପରେ ଆକ୍ରମଣ ନ କରିବାକୁ ଆମେରିକା ସେନାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏହା ପଛରେ ଏକ ବ୍ୟାକ୍ ଚ୍ୟାନେଲ କୂଟନୀତି କାମ କରିଥିବା ଜଣାପଡ଼ିଛି, ଯାହା ପଛରେ ଇଜିପ୍ଟ, ତୁର୍କୀ, ଭାରତ ଓ ସାଉଦି ଆରବ ପରି ଦେଶ ଅଛନ୍ତି। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲର ଏକ ରିପୋର୍ଟ ଅନୁଯାୟୀ, ଇଜିପ୍ଟର ଗୁପ୍ତଚର ଅଧିକାରୀମାନେ ଅସ୍ତ୍ରବିରତି ପାଇଁ ଆଇଆର୍ଜିସି ନିକଟରେ ପହଞ୍ଚିବାରେ ସକ୍ଷମ ହୋଇଥିଲେ, ଯାହା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଇରାନର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ କରିବା ଏବଂ କୂଟନୀତିକୁ ଏକ ସୁଯୋଗ ଦେବା ପାଇଁ ଧମକକୁ ପ୍ରତ୍ୟାହାର କରିବାକୁ ପ୍ରେରିତ କରିଥିବା ଜଣାପଡିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ୪ର୍ଥ ସପ୍ତାହରେ ପ୍ରବେଶ କରିବା ସହିତ, ଆମେରିକା ଓ ଇରାନ ମଧ୍ୟରେ ବ୍ୟବଧାନକୁ ଦୂର କରିବା ପାଇଁ ଦେଶଗୁଡ଼ିକର ଏକ ବ୍ୟାପକ ମିଳିତ ମଞ୍ଚ ବର୍ତ୍ତମାନ ଶାନ୍ତ କୂଟନୀତିରେ ନିୟୋଜିତ ଅଛନ୍ତି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଆମେରିକା ଓ ଇରାନ ମଧ୍ୟରେ ଆଲୋଚନା ଚ୍ୟାନେଲକୁ ଖୋଲା ରଖିବାରେ ସାହାଯ୍ୟ କରିବାରେ ଭାରତ ଏକ ସୀମିତ କିନ୍ତୁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧରେ ମଧ୍ୟସ୍ଥତା କରିବାରେ ଓମାନ ଓ ତୁର୍କୀ ପରି ଦେଶ ମୁଖ୍ୟ ସ୍ରୋତର ଭୂମିକା ଗ୍ରହଣ କରୁଛନ୍ତି ବୋଲି ପ୍ରକାଶନରେ କୁହାଯାଇଛି। ଟ୍ରମ୍ପଙ୍କ ଆଭିମୁଖ୍ୟରେ ତୀବ୍ର ପରିବର୍ତ୍ତନ ସହିତ ଏହି ବିଶାଳ କୂଟନୈତିକ ସମ୍ପର୍କ ଜଡ଼ିତ। ଯଦି ୪୮ ଘଣ୍ଟା ମଧ୍ୟରେ ହର୍ମୁଜ୍ ପ୍ରଣାଳୀ ଖୋଲିବାରେ ବିଫଳ ହୁଏ ତେବେ ଆମେରିକା ଇରାନର ଶକ୍ତି ଭିତ୍ତିଭୂମିକୁ ନଷ୍ଟ କରିଦେବ ବୋଲି ଟ୍ରମ୍ପ ଧମକ ଦେଇଥିଲେ। କିନ୍ତୁ ଆଞ୍ଚଳିକ ବ୍ୟାକ୍ ଚ୍ୟାନେଲରୁ ଇନପୁଟ୍ ମିଳିବା ପରେ ସେ ଯୁଦ୍ଧ ଉପରେ ପାଞ୍ଚ ଦିନର ବିରାମ ଘୋଷଣା କରି ଆଲୋଚନା ପାଇଁ ଖୋଲାଖୋଲି ସଙ୍କେତ ଦେଇଥିଲେ।

# ଦିଲ୍ଲୀ ବିଧାନସଭାକୁ ବୋମା ଧମକ

ନୂଆଦିଲ୍ଲୀ: ଦିଲ୍ଲୀ ବଜେଟ୍ ଉପସ୍ଥାପନର କିଛି ସମୟ ପୂର୍ବରୁ ଜାତୀୟ ରାଜଧାନୀରେ ଏକ ବଡ଼ ଧରଣର ବୋମା ଧମକ ବ୍ୟାପକ ଆତଙ୍କ ଖେଳାଇ ଦେଇଛି। ମଙ୍ଗଳବାର ସକାଳ ପ୍ରାୟ ୭:୨୮ ସମୟରେ ଦିଲ୍ଲୀ ବିଧାନସଭାକୁ ଓ ୭:୪୯ରେ ବାଚସ୍ପତି ବିଜେନ୍ଦର ଗୁପ୍ତାଙ୍କ ସରକାରୀ ଇମେଲ୍ ଆଇଡିକୁ ପୃଥକ ଭାବେ ଧମକପୂର୍ଣ୍ଣ ବାର୍ତ୍ତା ଆସିଥିଲା। ଏହି ଇମେଲ୍‌ରେ କେବଳ ବିଧାନସଭା ନୁହେଁ, ବରଂ ନିକଟସ୍ଥ ବିଧାନସଭା ମେଟ୍ରୋ ଷ୍ଟେସନକୁ ମଧ୍ୟ ବୋମା ବିସ୍ଫୋରଣରେ ଉଡ଼ାଇ ଦେବାକୁ ଚେତାବନୀ ଦିଆଯାଇଛଇ। ନିଜକୁ "ଖାଲିସ୍ତାନୀ ନ୍ୟାସନାଲ ଆର୍ମି" କହୁଥିବା ଏକ ସଂଗଠନ ଏହି ଧମକ ପଛରେ ଥିବା ଜଣାପଡ଼ିଛି, ଯାହା ପରେ ସମଗ୍ର ଦିଲ୍ଲୀରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି।ଏହି ଇମେଲ୍‌ରେ ଦେଶର ଅନେକ ପ୍ରଭାବଶାଳୀ ନେତାଙ୍କୁ ଟାର୍ଗେଟ୍ କରାଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଓ ଦିଲ୍ଲୀ ଏଲଜି ତରନଜିତ ସିଂହ ସାନ୍ଧୁଙ୍କ ନାମ ରହିଛି। ଏହା ବ୍ୟତୀତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଓ କ୍ୟାବିନେଟ୍ ମନ୍ତ୍ରୀ ମଞ୍ଜିନ୍ଦର ସିଂହ ସିରସାଙ୍କୁ ମଧ୍ୟ ସିଧାସଳଖ ଧମକ ଦିଆଯାଇଛି। ଇମେଲ୍‌ରେ "ନିଜକୁ ରକ୍ଷା କର" ଭଳି ଉତ୍ତେଜନାପୂର୍ଣ୍ଣ ଭାଷା ବ୍ୟବହାର କରାଯିବା ସହ ଖାଲିସ୍ତାନ ଗଣଭୋଟ ପ୍ରସଙ୍ଗ ଉଲ୍ଲେଖ କରାଯାଇଛି। ବର୍ତ୍ତମାନ ପୋଲିସ, ବୋମା ନିଷ୍କ୍ରିୟକାରୀ ଦଳ ଏବଂ ସୁରକ୍ଷା ଏଜେନ୍ସିମାନେ ଘଟଣାର ତଦନ୍ତ କରୁଛନ୍ତି। ବିଧାନସଭା ପରିସରରେ କଡ଼ା ଯାଞ୍ଚ ଜାରି ରହିଛି ଓ ଏହି ଇମେଲ୍ କେଉଁଠାରୁ ଆସିଛି ତାହା ଜାଣିବାକୁ ସାଇବର ସେଲ୍ ଚେଷ୍ଟା କରୁଛି।

## ରିଜର୍ଭ ବ୍ୟାଙ୍କ ୱେବସାଇଟ୍ ହ୍ୟାକ୍

ମୁମ୍ବାଇ: ସାଇବର୍ ଅପରାଧୀମାନେ ଭାରତୀୟ ରିଜର୍ଭ ବ୍ୟାଙ୍କ ୱେବସାଇଟ୍ ଉପରେ ଘନଘନ ଆକ୍ରମଣ କରୁଛନ୍ତି। କିନ୍ତୁ ଦୃଢ଼ ସୁରକ୍ଷା ବ୍ୟବସ୍ଥା ଥିବାରୁ ସେମାନେ ସଫଳ ହୋଇପାରୁନାହାନ୍ତି। ତିନି ମାସ ମଧ୍ୟରେ ରିଜର୍ଭ ବ୍ୟାଙ୍କ ୱେବସାଇଟ୍ ଉପରେ ୬୧ ନିୟୁତରୁ ଅଧିକ ଥର ସାଇବର୍ ଆକ୍ରମଣ ହୋଇଛି। ପ୍ରତିଟି ଉଦ୍ୟମକୁ ସଫଳତାର ସହ ରୋକାଯାଇଛି ବୋଲି ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି ବାସୁଦେବନ କହିଛନ୍ତି। ୨୦୨୫ର ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଏହି ଆକ୍ରମଣହୋଇଥିଲା ବୋଲି ସେ କହିଛନ୍ତି। ଏହାର ପୂର୍ବ ତିନି ମାସ ୨୦୨୫ର ଏପ୍ରିଲ୍-ଅଗଷ୍ଟ ମଧ୍ୟରେ ରିଜର୍ଭ ବ୍ୟାଙ୍କ ୱେବସାଇଟ୍ ଉପରେ ୧୯ ନିୟୁତରୁ ଅଧିକ ଥର ସାଇବର୍ ଆକ୍ରମଣ କରାଯାଇଥିଲା। ତିନି ମାସ ପରେ ସେହି ଆକ୍ରମଣ ତିନି ଗୁଣା ବଢ଼ିଥିଲା।

## ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ

# ସେନା ବାହିନୀରେ ମହିଳା ଅଧିକାରୀଙ୍କୁ ସ୍ଥାୟୀ କମିଶନ

ନୂଆଦିଲ୍ଲୀ : ଭାରତୀୟ ସଶସ୍ତ୍ର ବାହିନୀରେ ଲିଙ୍ଗଗତ ସମାନତାକୁ ମଜବୁତ କରିବା ଉଦ୍ଦେଶ୍ୟରେ ଗୋଟିଏ ଐତିହାସିକ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ମହିଳା ଶର୍ଟ ସର୍ଭିସ୍ କମିଶନ୍ ଅଧିକାରୀମାନେ ସ୍ଥାୟୀ କମିଶନ ପାଇବାର ହକଦାର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏପରି ରାୟ ଦେବା ସମୟରେ ସୁପ୍ରିମକୋର୍ଟ ନିଜ ପାଖରେ ଥିବା ଅସାଧାରଣ କ୍ଷମତାର ବ୍ୟବହାର କରିଛନ୍ତି।

ପ୍ରଣାଳୀଗତ ଭେଦଭାବକୁ ସମାଲୋଚନା କରି କୋର୍ଟ କହିଛନ୍ତି ଯେ ମହିଳା ଅଧିକାରୀମାନେ ଗୋଟିଏ ତ୍ରୁଟିପୂର୍ଣ୍ଣ ଓ ଭେଦଭାବମୂଳକ ମୂଲ୍ୟାଙ୍କନର ସମ୍ମୁଖୀନ ହୋଇଛନ୍ତି। ସ୍ଥାୟୀ କମିଶନ୍ ପାଇଁ ପ୍ରତି ବର୍ଷ ୨୫୦ ଜଣ ମହିଳା ଅଧିକାରୀ ମନମାନୀର ସମ୍ମୁଖୀନ ହେଉଛନ୍ତି। ଏହାକୁ ଆଦୌ ଗ୍ରହଣ କରାଯାଇ ପାରିବ ନାହିଁ। ତେଣୁ ପୂର୍ବରୁ ହୋଇଥିବା ପକ୍ଷପାତିତାକୁ ସୁଧାରିବା ଓ ଆଗକୁ ସମାନ ସୁଯୋଗ ନିଶ୍ଚିତ କରିବା ପାଇଁ ବ୍ୟାପକ ନିର୍ଦ୍ଦେଶ ଜାରି କରିଛନ୍ତି ସର୍ବୋଚ୍ଚ ଅଦାଲତ। ଶର୍ଟ ସର୍ଭିସ୍ କମିଶନ୍ ଅଧୀନରେ ଅଧିକାରୀମାନଙ୍କୁ ୧୦ ବର୍ଷ ପାଇଁ ନିଯୁକ୍ତି ଦିଆଯାଏ, ଯାହାକୁ ୧୪ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇପାରେ। ଏହି କାର୍ଯ୍ୟକାଳ ଶେଷରେ ସେମାନଙ୍କୁ ସେବା ନିବୃତ୍ତ କରାଯାଏ। ବିନା ସ୍ଥାୟୀ କମିଶନରେ ସେମାନଙ୍କୁ ସେବାରୁ ନିବୃତ୍ତ ହେବାକୁ ପଡ଼ିଥାଏ। ସେମାନେ ସାଧାରଣତଃ ପୂର୍ଣ୍ଣ ପେନସନ ପାଇବାକୁ ଯୋଗ୍ୟ ବିବେଚିତ ହୁଅନ୍ତି ନାହିଁ। ସେମାନଙ୍କର କ୍ୟାରିୟର ଉନ୍ନତି ମଧ୍ୟ ସୀମିତ ଥାଏ। ଉଚ୍ଚ କମାଣ୍ଡ ଭୂମିକାରେ କାମ କରିବାକୁ ସେମାନଙ୍କ ପାଖରେ ବହୁତ କମ୍ ସୁଯୋଗ ରହିଥାଏ। କିନ୍ତୁ ସ୍ଥାୟୀ କମିଶନ ଯୋଗୁ ସଶସ୍ତ୍ର ବାହିନୀରେ ସବୁ ପ୍ରକାରର ସୁଯୋଗ ମିଳିଥାଏ। ଅବସର ସୀମା ୨୦ ବର୍ଷ କିମ୍ବା ଅଧିକ ରହିବା ସହ ପୂର୍ଣ୍ଣ ପେନସନ ଓ ସମସ୍ତ ଅବସରକାଳୀନ ଲାଭ ପାଇଁ ସେମାନେ ଯୋଗ୍ୟ ବିବେଚିତ ହୁଅନ୍ତି। ଉଚ୍ଚ ନେତୃତ୍ୱ ପଦବୀ ପର୍ଯ୍ୟନ୍ତ ପଦୋନ୍ନତି ପାଇବାର ସୁଯୋଗ ମଧ୍ୟ ମିଳିଥାଏ।ହେଲେ ସଶସ୍ତ୍ର ବଳରେ ମହିଳା ଅଧିକାରୀଙ୍କୁ ସ୍ଥାୟୀ କମିଶନ ନ ମିଳିବାକୁ ସହଜରେ ସୁପ୍ରିମକୋର୍ଟ ଗ୍ରହଣ କରି ନାହାନ୍ତି। ଏହାକୁ ଗୋଟିଏ ଭେଦଭାବମୂଳକ ଘଟଣା ବୋଲି କୋର୍ଟ କହି ସମ୍ବିଧାନର ଧାରା ୧୪୨ ଅଧୀନରେ ଥିବା ନିଜର ସ୍ୱତନ୍ତ୍ର କ୍ଷମତାର ପ୍ରୟୋଗ କରିଛନ୍ତି।ମହିଳାମାନଙ୍କ ଦକ୍ଷତାକୁ ଉଭୟ ସ୍ଥଳ ସେନା ଓ ନୌସେନାରେ ଅନ୍ୟାୟ ମୂଲ୍ୟାଙ୍କନ କରାଯାଉଛି। ପୁରୁଷ ଏସ୍ଏସ୍ସିଓ (ଶର୍ଟ ସର୍ଭିସ୍ କମିଶନ୍ ଅଧିକାରୀ)ମାନେ



ଆଶା କରିପାରିବେ ନାହିଁ ଯେ ସ୍ଥାୟୀ କମିଶନ୍ କେବଳ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଭାବେ ରହିବ। ମହିଳା ଏସ୍ଏସ୍ସିଓମାନଙ୍କୁ ସ୍ଥାୟୀ କମିଶନ୍ ନ ଦେବା ଭେଦଭାବର ଓ ଅନ୍ୟାୟ ମୂଲ୍ୟାଙ୍କନର ଅଂଶବିଶେଷ ବୋଲି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। କୋର୍ଟ ମୂଲ୍ୟାଙ୍କନ ପ୍ରକ୍ରିୟାରେ ଥିବା ସାଂଘାତିକ ତ୍ରୁଟିକୁ ମଧ୍ୟ ଚିହ୍ନଟ କରିଛନ୍ତି। ମହିଳା ଅଧିକାରୀଙ୍କର ବାର୍ଷିକ ଗୋପନୀୟ ରିପୋର୍ଟ (ACRs)କୁ ଅନ୍ୟାୟ ଓ ଅତ୍ୟନ୍ତ ହାଲୁକା ଭାବେ ମୂଲ୍ୟାଙ୍କନ କରାଯାଉଥିଲା। ସେମାନେ ସ୍ଥାୟୀ କମିଶନ୍ ପାଇବେ ନାହିଁ ବୋଲି ମୁଣ୍ଡରେ ରଖି ମୂଲ୍ୟାଙ୍କନ କରାଯାଉଥିଲା।ଭେଦଭାବର ଆହୁରି ଗୋଟିଏ ଉଦାହରଣ ଦେଇ କୋର୍ଟ କହିଛନ୍ତି, "ମହିଳା ଅଧିକାରୀମାନଙ୍କୁ କ୍ୟାରିୟରରେ ଆଗକୁ ବଢ଼ିବା ପାଇଁ ଉପଲବ୍ଧ ଥିବା ବ୍ୟବସ୍ଥାରେ ସାମିଲ କରାଯାଉ ନଥିଲା। ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଟ୍ରେନିଂ ବା ସେବାକୁ ପଠାଯାଉନଥିଲା। ଏହା ସେମାନଙ୍କର କ୍ୟାରିୟର ଉନ୍ନତିକୁ ପ୍ରଭାବିତ କରୁଥିଲା।ଏଣିକି ସ୍ଥାୟୀ କମିଶନ୍ ପାଇବାର ଅଧିକାର ରଖିଥିବା ମହିଳା ଅଧିକାରୀମାନଙ୍କୁ ୨୦ ବର୍ଷର ଯୋଗ୍ୟ ସେବା ସମାପ୍ତ କରିଛନ୍ତି ବୋଲି ଗଣନା କରାଯିବ ଓ ପେନସନ ସହ ସମସ୍ତ ଲାଭ ପାଇବାକୁ ଯୋଗ୍ୟ ବିବେଚିତ କରାଯିବ।

# ଟ୍ରମ୍ପଙ୍କ ଭିସା ନୀତି : ବେଶି କ୍ଷତିଗ୍ରସ୍ତ ଭାରତ ଓ ଚୀନ

ୱାଶିଂଟନ: ଗତ ୨୦୨୫ର ପ୍ରଥମ ଆଠ ମାସ ମଧ୍ୟରେ ଆମେରିକାକୁ ଆଇନଗତ ପ୍ରବାସୀଙ୍କ ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ପାଇଛି। ଏହି ହ୍ରାସ ବିଶେଷକରି ଭିସା ପ୍ରଦାନ ପ୍ରକ୍ରିୟାକୁ କଡ଼ାକଡ଼ି କରିବା ଯୋଗୁଁ ହୋଇଛି। ଯାହାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର ନୂତନ ନୀତି ସହିତ ଯୋଡାଯାଉଛି। ଏକ ପ୍ରମୁଖ ଆମେରିକୀୟ ଖବରକାଗଜର ରିପୋର୍ଟ ଅନୁଯାୟୀ, ୨୦୨୫ ଜାନୁଆରିରୁ ଅଗଷ୍ଟ ମଧ୍ୟରେ ପ୍ରାୟ ଅଢ଼େଇ ଲକ୍ଷ କମ୍ ଭିସା ପ୍ରଦାନ କରାଯାଇଥିଲା, ଯାହା ୨୦୨୪ର ସମାନ ସମୟ ତୁଳନାରେ ଏକ ବଡ଼ ଧରଣର ହ୍ରାସ।ଏହି ସମୟ ମଧ୍ୟରେ, ସ୍ଥାୟୀ ବାସସ୍ଥାନ (ଗ୍ରୀନ କାର୍ଡ) ଏବଂ ଅସ୍ଥାୟୀ ଭିସା ଅନୁମୋଦନ ପ୍ରାୟ ୧୧ ପ୍ରତିଶତ ହ୍ରାସ ପାଇଛି। ଏହି ହ୍ରାସ ଭାରତ ଏବଂ ଚୀନ୍ର ନାଗରିକମାନଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରିଛି। ରିପୋର୍ଟ ଅନୁଯାୟୀ, ଏହି ଦୁଇ ଦେଶକୁ ଜାରି ହୋଇଥିବା ଭିସା ପ୍ରାୟ ୮୪ ହଜାର ହ୍ରାସ ପାଇଛି।

ଏହା ଯୋଗୁଁ ମୁଖ୍ୟତଃ ଛାତ୍ର, କର୍ମଚାରୀ ଏବଂ ପରିବାର ଭିସା




ବର୍ଗରେ ଦେଖାଯାଇଛି। ପର୍ଯ୍ୟଟନ ଭିସାରେ ମଧ୍ୟ ହ୍ରାସ ଦେଖାଯାଇଛି। ଏହା ଭିସା ପ୍ରଦାନ ଉପରେ ବ୍ୟାପକ ପ୍ରଭାବ ପକାଇଛି। ଆନ୍ତର୍ଜାତୀୟ ଛାତ୍ରମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ୨୦୨୫ର ପ୍ରଥମ ଆଠ ମାସରେ ଛାତ୍ର ଭିସା ୩୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି।

୨୦୨୪ ମସିହାରେ ସମାନ ସମୟ ମଧ୍ୟରେ ପ୍ରାୟ ୩୪୪,୦୦୦ ଛାତ୍ର ଭିସା ପ୍ରଦାନ କରାଯାଇଥିବା ବେଳେ, ୨୦୨୫ ମସିହାରେ ଏହି ସଂଖ୍ୟା ପ୍ରାୟ ୨୩୮,୦୦୦କୁ ହ୍ରାସ ପାଇଛି। ଏକ୍ସଚେଞ୍ଜ ଭିସା ମଧ୍ୟ ପ୍ରାୟ ୩୦,୦୦୦ ହ୍ରାସ ପାଇଛି। ଆଫଗାନିସ୍ତାନ ଏବଂ ଇରାକ ଭଳି ଦେଶର ଶ୍ରମିକ ଏବଂ ନାଗରିକଙ୍କ ପାଇଁ ଭିସା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହ୍ରାସ ପାଇଛି।

## ରେଳବାଇର ନୂଆ ନିୟମ

# ଯାତ୍ରାର ୮ ଘଣ୍ଟା ପୂର୍ବରୁ ଟିକେଟ୍ ବାତିଲ କଲେ ମିଳିବନି ଫେରସ୍ତ

ନୂଆଦିଲ୍ଲୀ: ଭାରତୀୟ ରେଳବାଇ ନିଶ୍ଚିତ ଟିକେଟ ପାଇଁ ବାତିଲକରଣ ନିୟମରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ନୂତନ ନିୟମ ଅନୁଯାୟୀ, ରିଫଣ୍ଡ ଏବଂ ଜରିମାନା ଏବେ ଟ୍ରେନ୍ ଛାଡିବାର କେତେ ସମୟ ପୂର୍ବରୁ ଯାତ୍ରୀ ଟିକେଟ ବାତିଲ କରୁଛନ୍ତି ତାହା ଉପରେ ନିର୍ଭର କରିବ। ।ନୂତନ ନିୟମ ଅନୁଯାୟୀ, ଯଦି ଜଣେ ଯାତ୍ରୀ ଟ୍ରେନ୍ ଛାଡ଼ିବାର ୭୨ ଘଣ୍ଟା ପୂର୍ବରୁ ତାଙ୍କ ଟିକେଟ୍ ବାତିଲ କରନ୍ତି, ତେବେ ସେ ପ୍ରଯୁଜ୍ୟ ବାତିଲ୍ ଶୁଳ୍କ ବାଦ ଦେଇ ୭୫% ପର୍ଯ୍ୟନ୍ତ ଟଙ୍କା ଫେରସ୍ତ ପାଇପାରିବେ। ୭୨ ରୁ ୨୪ ଘଣ୍ଟା ମଧ୍ୟରେ ବାତିଲ୍ କଲେ ୨୫% ଟଙ୍କା ଫେରସ୍ତ ମିଳିବ। ୨୪ ରୁ ୮ ଘଣ୍ଟା ମଧ୍ୟରେ ବାତିଲ୍ କଲେ ୫୦% ଟଙ୍କା ଫେରସ୍ତ ମିଳିବ। ୮ ଘଣ୍ଟାରୁ କମ୍ ସମୟ ପୂର୍ବରୁ ବାତିଲ୍ କଲେ ଟଙ୍କା ଫେରସ୍ତ ମିଳିବ ନାହିଁ।

# ଇସିଙ୍କ ନିଷ୍ପତ୍ତି : ୨୯ ଲକ୍ଷ ଭୋଟର ଆଶ୍ୱସ୍ତ

କୋଲକାତା : ସୋମବାର ରାତି ପ୍ରାୟ ୧୧:୫୫ ସମୟରେ, ଭାରତୀୟ ନିର୍ବାଚନ କମିସନ ରାଜ୍ୟର ପ୍ରଥମ ଅତିରିକ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ଏହି ତାଲିକା ଲକ୍ଷ ଲକ୍ଷ ଲୋକଙ୍କ ଗଣତାନ୍ତ୍ରିକ ଭବିଷ୍ୟତ ନିର୍ଣ୍ଣୟ କରିଛି। ଯାହାଙ୍କ ନାମ ସପ୍ତାହ ସପ୍ତାହ ଧରି ଅନିଶ୍ଚିତତାରେ ରହିଥିଲା ସେମାନଙ୍କର ଭାଗ୍ୟ ଖୋଲି ଯାଇଛି। ଏହି ପଦକ୍ଷେପ ୨୦୨୬ ବିଧାନସଭା ନିର୍ବାଚନର ଦ୍ୱାରଦେଶରେ ଥିବା ପଶ୍ଚିମବଙ୍ଗ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।ନିର୍ବାଚନ କମିସନ ସ୍ପଷ୍ଟ କରିଛନ୍ତି ଯେ, ଆଗାମୀ ନିର୍ବାଚନ ପୂର୍ବରୁ ଏକ ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ତ୍ରୁଟିମୁକ୍ତ ଭୋଟର ତାଲିକା ସୁନିଶ୍ଚିତ କରିବାକୁ ଚାହୁଁଛନ୍ତି। ଏହି ପରିପ୍ରେକ୍ଷୀରେ, ଫେବ୍ରୁଆରିରେ ପ୍ରକାଶିତ ଚୂଡ଼ାନ୍ତ ତାଲିକାରେ ବିଚାରାଧିନ ଭାବରେ ତାଲିକାଭୁକ୍ତ ଥିବା ୨୯ ଲକ୍ଷରୁ ଅଧିକ ମାମଲାର ନିଷ୍ପତ୍ତି ନିଆଯାଇଛି। ତଥାପି, ପ୍ରଶାସନ ଏପର୍ଯ୍ୟନ୍ତ ସ୍ପଷ୍ଟ କରିନାହିଁ ଯେ, ଏହି ତାଲିକାରେ କେତେ ନାମ ଯୋଡା ଯାଇଛି ଏବଂ କେତେ ନାମ ବାଦ୍ ଦିଆଯାଇଛି।

## ଜେମ୍ସ ଡାଇସନ ଆୱାର୍ଡ ୨୦୨୬

# ୨୮ ଦେଶର ଛାତ୍ରଛାତ୍ରୀ ପାଇବେ ସୁଯୋଗ

ନୂଆଦିଲ୍ଲୀ : ଜେମ୍ସ ଡାଇସନ ପୁରସ୍କାର,୨୦୨୬ ପାଇଁ ପ୍ରବେଶିକା ଗ୍ରହଣ କରିବା ଆରମ୍ଭ କରିଛି । ଏହା ଏକ ବିଶ୍ୱସ୍ତରୀୟ ଡିଜାଇନ୍ ଇଞ୍ଜିନିୟରିଂ ପ୍ରତିଯୋଗିତା ଯାହା ୪୦୦ ରୁ ଅଧିକ ଉଦ୍ଭାବନକୁ ସମର୍ଥନ କରିଛି । ଏହି ପୁରସ୍କାର ୨୮ଟି ଦେଶ ଏବଂ କ୍ଷେତ୍ରର ବର୍ତ୍ତମାନର ଏବଂ ସାମ୍ପ୍ରତିକ ଡିଜାଇନ୍ ତଥା ଇଞ୍ଜିନିୟରିଂ ଛାତ୍ରଛାତ୍ରୀମାନଙ୍କୁ ଏପରି ବିଚାର ପ୍ରସ୍ତୁତ କରିବାକୁ ଆମନ୍ତ୍ରିତ କରୁଛି, ଯାହା ବାସ୍ତବିକ ଦୁନିଆର ସମସ୍ୟାକୁ ସମାଧାନ କରୁଥିବ । ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରବେଶଗୁଡ଼ିକୁ ଡାଇସନ ଇଞ୍ଜିନିୟରମାନଙ୍କ ସମେତ ଡିଜାଇନ୍ ଏବଂ ଇଞ୍ଜିନିୟରିଂ ବିଶେଷଜ୍ଞଙ୍କ ଜାତୀୟ ବିଚାରକ ପ୍ୟାନେଲ ଦ୍ୱାରା ସମୀକ୍ଷା କରାଯିବ। ଜାତୀୟ ବିଜେତାମାନେ ୫,୦୦୦ ବ୍ରିଟିଶ ପାଉଣ୍ଡ ପାଇବା ସହିତ ଆନ୍ତର୍ଜାତୀୟ ପର୍ଯ୍ୟାୟକୁ ଅଗ୍ରଗତି କରିବାର ସୁଯୋଗ ପାଇବେ। ସାର୍ ଜେମ୍ସ ଡାଇସନ ବିଶ୍ୱସ୍ତରୀୟ ବିଜେତାମାନଙ୍କୁ ଚୟନ କରିବେ, ଯେଉଁମାନେ ୩୦,୦୦୦ ବ୍ରିଟିଶ ପାଉଣ୍ଡ (ପ୍ରାୟ ଟ.୩୭ ଲକ୍ଷ) ଏବଂ ସେମାନଙ୍କର ଉଦ୍ଭାବନକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ଏକ ପ୍ଲାଟଫର୍ମ ପାଇବେ। ଏସମ୍ପର୍କରେ ଡାଇସନର ପ୍ରତିଷ୍ଠାତା, ସାର୍ ଜେମ୍ସ ଡାଇସନ କହିଛନ୍ତି, ଯୁବ ଡିଜାଇନ୍ ଇଞ୍ଜିନିୟରମାନଙ୍କ ଠାରୁ ଅନେକ ଚମତ୍କାର ଚିନ୍ତାଧାରା ଦେଖିବା ପ୍ରେରଣାଦାୟକ ହୋଇଛି ସେମାନଙ୍କ ମଧ୍ୟରୁ ଅନେକ ନିଜର ବ୍ୟବସାୟ ନିର୍ମାଣ କରିଛନ୍ତି ଏବଂ ସେମାନଙ୍କର ସମସ୍ୟାର ସମାଧାନ ତଥା ଚିନ୍ତାଧାରା ବିଶ୍ୱର ଲୋକ ଏବଂ ବଜାର ପର୍ଯ୍ୟନ୍ତ ପହଂଚାଇଛନ୍ତି ।

# ୯ ଦିନ ପରେ ଗ୍ୟାସ ସଙ୍କଟ

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଜାରି ଯୁଦ୍ଧର ପ୍ରଭାବ ଦେଶର ତୈଳ ଓ ଗ୍ୟାସ କ୍ଷେତ୍ର ଉପରେ ପଡ଼ିଛି। ଗ୍ୟାସ ସଙ୍କଟ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଥିବା ବେଳେ ତୈଳ ସମସ୍ୟା ଏଯାଏ ଉପୁଜି ନାହିଁ। ସରକାର ମଧ୍ୟ ବାରମ୍ବାର ଦେଶରେ ଲୋକଙ୍କ ଚାହିଦା ଠାରୁ ଅନେକ ମାତ୍ରାରେ ଅଶୋଧିତ ତୈଳ ମହଜୁଦ ହୋଇ ରହିଥିବା ଦାବି କରୁଛନ୍ତି। ହେଲେ ଦେଶର ବାସ୍ତବ ତୈଳ ସ୍ଥିତି କ'ଣ, ତା'ର ତଥ୍ୟ ଆରଟିଆଇ ଦ୍ୱାରା ସ୍ପଷ୍ଟ ହୋଇଛି। ଭାରତର ରଣନୀତିକ ତୈଳ ଭଣ୍ଡାର ୧୦ ଦିନ ଯାଏ ମଧ୍ୟ ଲୋକଙ୍କ ଚାହିଦା ପୂରଣ କରିପାରିବ ନାହିଁ। ଭାରତର ରଣନୀତିକ ଅଶୋଧିତ ତୈଳ ଭଣ୍ଡାର ଲୋକଙ୍କ ପୂର୍ଣ୍ଣ ଚାହିଦାକୁ କେବଳ ୯ ଦିନ ଯାଏ ପୂରଣ କରିପାରିବ। ଆରଟିଆଇ ଜରିଆରେ ଏପରି ତଥ୍ୟ ମିଳିଛି।

# ପାକିସ୍ତାନ ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ

ନୂଆଦିଲ୍ଲୀ/ବେନ୍: ଗତ ବର୍ଷ ୨୦୨୫ ମସିହାରେ ପାକିସ୍ତାନ ବିଶ୍ୱର ସବୁଠାରୁ ପ୍ରଦୂଷିତ ଦେଶ ଥିଲା। ମଙ୍ଗଳବାର ପ୍ରକାଶିତ ଏକ ଗବେଷଣା ଅନୁଯାୟୀ, ଏଠାରେ ବିପଦପୂର୍ଣ୍ଣ କ୍ଷୁଦ୍ର କଣିକା ପିଏମ୍ ୨.୫ର ପରିମାଣ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ନିରାପଦ ସ୍ତର ଅପେକ୍ଷା ପ୍ରାୟ ୧୩ ଗୁଣା ଅଧିକ ଥିବା ଜଣାପଡିଛି। ସର୍ବାଧିକ ପ୍ରଦୂଷିତ ଦେଶ ତାଲିକାରେ ବାଂଲାଦେଶ ଦ୍ୱିତୀୟ ଏବଂ ତାଜିକିସ୍ତାନ ତୃତୀୟ ସ୍ଥାନରେ ରହିଛି। ଏହି ତାଲିକାରେ ଭାରତ ଷଷ୍ଠ ସ୍ଥାନରେ ଅଛି।

ସ୍ୱିସ୍ ବାୟୁ ଗୁଣବତ୍ତା ମନିଟରିଂ କମ୍ପାନି ଆଇକ୍ୟୁଏୟାର ନିଜର ବାର୍ଷିକ ରିପୋର୍ଟରେ କହିଛି ଯେ, ଗତ ବର୍ଷ ୧୩ଟି ଦେଶ ଏବଂ ଅଞ୍ଚଳରେ ହାରାହାରି ପିଏମ୍ ୨.୫ ସ୍ତର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ମାନକ ପ୍ରତି ଘନ ମିଟର ୫ ମାଇକ୍ରୋଗ୍ରାମ ତଳେ ରହିଛି। ୨୦୨୪ ମସିହାରେ, ଏପରି ଦେଶ ଏବଂ ଅଞ୍ଚଳର ସଂଖ୍ୟା ସାତ ଥିଲା। ରିପୋର୍ଟ ଅନୁଯାୟୀ, ମୋଟାମୋଟି ଭାବରେ ସର୍ଭେ କରାଯାଇଥିବା ୧୪୩ ଦେଶ ଏବଂ ଅଞ୍ଚଳ ମଧ୍ୟରୁ ୧୩୦ଟି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶାବଳୀ ପାଳନ କରିବାରେ ବିଫଳ ହୋଇଛନ୍ତି। ଭାରତର ଲୋନି ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ଥିଲା , ଯେଉଁଠାରେ ପ୍ରତି ଘନ ମିଟରରେ ହାରାହାରି ପିଏମ୍ ୨.୫ ସ୍ତର ୧୧୨.୫ ମାଇକ୍ରୋଗ୍ରାମ ଥିଲା। ଚୀନ୍ର ଉତ୍ତର-ପଶ୍ଚିମ ଅଞ୍ଚଳରେ ଥିବା ହୋତାନ ସହର ୧୦୯.୬ ମାଇକ୍ରୋଗ୍ରାମ ସହିତ ଦ୍ୱିତୀୟ ସ୍ଥାନରେ ଥିଲା। ବିଶ୍ୱର ସର୍ବାଧିକ ୨୫ ଟି ପ୍ରଦୂଷିତ ସହର ଭାରତ, ପାକିସ୍ତାନ ଏବଂ ଚୀନ୍‌ରେ ରହିଥିବା ଏଥିରେ ପ୍ରକାଶ ପାଇଛି।ବିଶ୍ୱର କେବଳ ୧୪ ପ୍ରତିଶତ ସହର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମାନଦଣ୍ଡ ପୂରଣ କରିବେ, ଯାହା ଗତ ବର୍ଷ ୧୭ ପ୍ରତିଶତ ଥିଲା। କାନାଡାରେ ଜଙ୍ଗଲରେ ଅଗ୍ନିକାଣ୍ଡ ଯୋଗୁଁ ଆମେରିକା ଏବଂ ୟୁରୋପରେ ମଧ୍ୟ ପିଏମ୍ ୨.୫ ସ୍ତର ବୃଦ୍ଧି ପାଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାନଦଣ୍ଡ ପୂରଣ କରିଥିବା ଦେଶଗୁଡ଼ିକ ମଧ୍ୟରେ ଅଷ୍ଟ୍ରେଲିଆ, ଆଇସଲ୍ୟାଣ୍ଡ, ଏଷ୍ଟୋନିଆ ଏବଂ ପାନାମା ଅନ୍ତର୍ଭୁକ୍ତ।ଲାଓସ, କାମ୍ବୋଡିଆ ଏବଂ ଇଣ୍ଡୋନେସିଆରେ ଗତ ବର୍ଷ ତୁଳନାରେ ପିଏମ୍ ୨.୫ ସ୍ତରର ଉଲ୍ଲେଖନୀୟ ହ୍ରାସ ଘଟିଛି। ଯାହାର ମୁଖ୍ୟ କାରଣ ଲା ନିନା ଋତୁ।



ଏହାଯୋଗୁ ଅଧିକ ବର୍ଷା ଏବଂ ପ୍ରବଳ ପବନ ହୋଇଥିଲା। ମଙ୍ଗୋଲିଆରେ, ହାରାହାରି ପିଏମ୍ ୨.୫ ସ୍ତର ୩୧ ପ୍ରତିଶତ ହ୍ରାସ ପାଇ ପ୍ରତି ଘନ ମିଟରରେ ୧୭.୮ ମାଇକ୍ରୋଗ୍ରାମକୁ ହ୍ରାସ ପାଇଛି। ସାମଗ୍ରିକ ଭାବରେ, ୭୫ ଟି ଦେଶ ଗତ ବର୍ଷ ତୁଳନାରେ ପିଏମ୍ ୨.୫ ସ୍ତର କମ୍ ରେକର୍ଡ କରିଛନ୍ତି। ସେହିପରି ୫୪ ଦେଶ ଉଚ୍ଚ ହାରାହାରି ସ୍ତର ରେକର୍ଡ କରିଛନ୍ତି।

## ମହଙ୍ଗା ପଡିଲା ପ୍ରେମ ବିବାହ

# ଜୀବିତା ଝିଅ ପାଇଁ ଶୋକ ପାଳିଲେ ବାପା

ଜୟପୁର : ରାଜସ୍ଥାନର ଭିଲୱାଡ଼ା ଜାହାଜପୁର ଉପଖଣ୍ଡର ଆମଲାଡା ଗାଁରେ, ଜଣେ ପିତା ଝିଅ ଆନ୍ତଃଜାତି ବିବାହ କରିଥିବାରୁ ତାଙ୍କୁ ମୃତ ଘୋଷଣା କରିଛନ୍ତି। ପିତା ଜୀବିତ ଝିଅ ପାଇଁ ଶୋକସଭା କରିବା ସହ ତ୍ରୟୋଦଶ ଦିନ କାର୍ଡ ମଧ୍ୟ ଛପାଇଛନ୍ତି। ପିତା ମାର୍ଚ୍ଚ ୨୨ ତାରିଖରେ ତାଙ୍କ ଜୀବିତ ଝିଅ ପାଇଁ ଏକ ଶୋକ ସଭା କରିଥିଲେ। ତ୍ରୟୋଦଶ ଦିନର ପୂଜା ପାଇଁ ପ୍ରସ୍ତୁତି ଚାଲିଥିବା ସମୟରେ ଖବର ପାଇ ପୁଲିସ ତାଙ୍କ ଘରେ ପହଞ୍ଚିଥିଲା। ପୁଲିସ ପିତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ପୁଲିସ ଝିଅ ଏବଂ ତାଙ୍କ ସ୍ୱାମୀଙ୍କୁ ସୁରକ୍ଷାର ଆଶ୍ୱାସନା ଦେଇଥିଲେ।ମୁଦ୍ରିତ ହୋଇଥିବା କାର୍ଡରେ ଝିଅର ଫଟୋ ସହିତ, ୨୦ ମାର୍ଚ୍ଚ, ୨୦୨୬ ରେ ତାଙ୍କର ମୃତ୍ୟୁ ବିଷୟରେ ଉଲ୍ଲେଖ କରାଯାଇଛି। ଏଥିରେ ୨୨ ମାର୍ଚ୍ଚରେ ଶୋକସଭା ଏବଂ ୩୧ ମାର୍ଚ୍ଚରେ ବ୍ରହ୍ମଭୋଜ ସମ୍ପର୍କରେ ଉଲ୍ଲେଖ କରାଯାଇଛି। କାର୍ଡର ତଳେ ପିତା ଦେବେନ୍ଦ୍ର ସିଂହଙ୍କ ସମେତ ସମଗ୍ର ପରିବାରର ନାମ ମଧ୍ୟ ଶୋକପ୍ରକାଶକାରୀ ଭାବରେ ତାଲିକାଭୁକ୍ତ



କରାଯାଇଛି।ଆମଲାଡା ଗାଁରେ, ଜଣେ ଯୁବତୀ ଅନ୍ୟ ଜାତିର ଜଣେ ଯୁବକଙ୍କ ସହିତ ପ୍ରେମ ବିବାହ କରିଥିଲେ। ଏଥିରେ କ୍ରୋଧିତ ହୋଇ ଯୁବତୀଙ୍କ ବାପା ଦେବେନ୍ଦ୍ର ସିଂହ କାନାୱତ ଜୀବିତ ଝିଅକୁ ମୃତ ଘୋଷଣା କରିଥିଲେ। ବାପା କହିଛନ୍ତି ମୁଁ ଝିଅକୁ ପଢ଼ିବା ପାଇଁ ଜୟପୁର ପଠାଇଥିଲି। ସ୍ୱପ୍ନ ଦେଖିଥିଲି ସେ ଜଣେ ଶିକ୍ଷିତ ମହିଳା ହେବ ଏବଂ ପରିବାର ପାଇଁ ଗୌରବ ଆଣିବ।, କିନ୍ତୁ ସେ ଆମ ଜାତି ବାହାରେ ବିବାହ କରିଥିଲା। ମୁଁ ତାକୁ ବୁଝାଇବାକୁ ବହୁତ ଚେଷ୍ଟା କରିଥିଲି, କିନ୍ତୁ ତା""ପରେ ମଧ୍ୟ ସେ ମାନି ନଥିଲା।ଯେତେବେଳେ ମାମଲାଟି ପୁଲିସ ଷ୍ଟେସନରେ ପହଞ୍ଚିଲା, ଷ୍ଟେସନ ହାଉସ୍ ଅଫିସର ପୁରନମଲ ଝିଅଟିକୁ ବୁଝାଇବାକୁ ଚେଷ୍ଟା କଲେ, କିନ୍ତୁ ସେ ମନା କରିଦେଇଥିଲେ ଏବଂ ତାଙ୍କ ସ୍ୱାମୀଙ୍କ ସହିତ ରହିବାକୁ ଜିଦ୍ ଧରିଥିଲେ। ଷ୍ଟେସନ ହାଉସ୍ ଅଫିସର ପୁରନମଲ ମୀନା କହିଛନ୍ତି ଯେ, ତାଙ୍କୁ ବୁଝାଇବା ପାଇଁ ବହୁତ ଚେଷ୍ଟା କରାଯାଇଥିଲା, କିନ୍ତୁ ସେ ଯୁବକଙ୍କ ସହିତ ରହିବା ପାଇଁ ଅଟଳ ରହିଥିଲେ। ବୟସ୍କମାନେ ଯାହାଙ୍କ ସହିତ ରହିବାକୁ ଚାହାଁନ୍ତି, ସେମାନଙ୍କୁ ସେଥି ପାଇଁ ଅନୁମତି ଦିଆଯାଇଛି। ଉଭୟ ପୁଲିସ ସୁରକ୍ଷା ପାଇଁ ଅନୁରୋଧ କରିଛନ୍ତି। ସେମାନଙ୍କ ପରିବାର ପକ୍ଷରୁ ଏକ ଶୋକ ବାର୍ତ୍ତା ଛାପିବା ସେମାନଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ଦେବେନ୍ଦ୍ର ସିଂହ ତାଙ୍କ ଝିଅ ଆକାଂକ୍ଷାଙ୍କୁ ୨୦୨୩ ମସିହାରେ ଆର୍ଏଏସ୍ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ପାଇଁ ଜୟପୁର ପଠାଇଥିଲେ। ତାଙ୍କ ଭାଇକୁ ଏମ୍ବିବିଏସ୍ ପଢ଼ିବା ପାଇଁ ଚୀନ୍ ପଠାଯିବା ପରେ ଆକାଂକ୍ଷା ବିଇଡି ପରୀକ୍ଷା ଦେବାକୁ କହିଥିଲେ। ମାତ୍ର ତାଙ୍କୁ ଘରେ ମନା କରାଯାଇଥିଲା। ଏହା ପରେ ସେ ଜିଦ୍ ଧରିବାରୁ ବାପା ତାଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ହେବା ପାଇଁ ଜୟପୁର ପଠାଇଥିଲେ। ଆକାଂକ୍ଷା କନାୱତ ଶକ୍କରଗଡ଼ ପୁଲିସ ଷ୍ଟେସନରେ ପହଞ୍ଚି ସୁରକ୍ଷା ମାଗିଥିଲେ। ସେ ପୁଲିସକୁ କହିଥିଲେ, ମୁଁ କୋଟପୁଟଲି ପ୍ରାଗପୁରାର ବାସିନ୍ଦା ଓମ୍ ପ୍ରକାଶ ଗୁର୍ଜରଙ୍କୁ ପ୍ରେମ ବିବାହ କରିଛି। ପ୍ରାୟ ଏକ ମାସ ପୂର୍ବରୁ ସେ ତାଙ୍କ ବାପାଙ୍କ ଘରକୁ ଅମାଲଦା ଆସିଥିଲେ। ତାଙ୍କ ପରିବାର ଏହି ବିବାହ ବିଷୟରେ ଅଜ୍ଞ ଥିଲେ। ଯେତେବେଳେ ତାଙ୍କ ସ୍ୱାମୀ ଓମ୍ ପ୍ରକାଶ ଗୁର୍ଜର ତାଙ୍କୁ ନେବାକୁ ଯାଇଥିଲେ, ତାଙ୍କ ପରିବାର ଏହା ଜାଣିପାରିଥିଲେ। ଆକାଂକ୍ଷାଙ୍କ ପରିବାର ତାଙ୍କୁ ପଠାଇବାକୁ ମନା କରିଦେଇଥିଲେ।ପୁଲିସ ଉଭୟ ପକ୍ଷକୁ ଷ୍ଟେସନକୁ ଡକାଇ ବୁଝାଇବାକୁ ଚେଷ୍ଟା କରିଥିଲା।

ସମୟ

## ଜାତୀୟ ଇଣ୍ଡୋର ଆଥଲେଟିକ ଚାମ୍ପିଅନସିପ ଉଦ୍‌ଘାଟିତ

# ଲଙ୍ଗଜମ୍ପରେ ପାୟାସିଂ, ସଟପୁଟରେ ଓମ୍‌କାରଙ୍କୁ ସ୍ୱର୍ଣ୍ଣ




ଭୁବନେଶ୍ୱର, ୨୪ା୩(ସବ୍ୟୁ) : ଓଡିଶା କ୍ରୀଡା ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡି ହୋଇଛି । ଭାରତୀୟଆଥଲେଟିକ୍ସ ମହାସଂଘ, ଓଡିଶା ଆଥଲେଟିକ୍ସ ସଂଘ ଏବଂ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଜାତୀୟ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନସିପ୍ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଓଡିଶା ଦେଶର ପ୍ରଥମ ରାଜ୍ୟ ଭାବେ ଏଭଳି ଏକ ବିଶ୍ୱସ୍ତରୀୟ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରି ଭାରତୀୟ କ୍ରୀଡା କ୍ଷେତ୍ରରେ ଏକ ମାଇଲ ଷ୍ଟୋନ୍ ସ୍ଥାପନ କରିଛି । ଏହି ଇଭେଣ୍ଟ ୨୦୨୮ ବିଶ୍ୱ ଚାମ୍ପିଅନସିପ୍ ପାଇଁ ମାର୍ଗ ପ୍ରସ୍ତୁତ କରିବ ବୋଲି ଆଶା କରାଯାଉଛି । କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡିୟମରେ ପ୍ରଥମ ଜାତୀୟ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିଅନସିପର ଆୟୋଜନକୁ ଏକ ଐତିହାସିକ ମୂହୂର୍ତ୍ତ ବୋଲି କହିଛନ୍ତି । ଏହି ଇଣ୍ଡୋର ହଲକୁ ନେଇ ଉଠୁଥିବା ସମସ୍ତ ପ୍ରଶ୍ନର ଅନ୍ତ ଘଟିଛି । ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଦେଶର କ୍ରୀଡା ରାଜଧାନୀ ଭାବେ ସେ ଗୌରବର ସହ ଉପସ୍ଥାପନ କରିଛନ୍ତି । ଭାରତୀୟ ଆଥଲେଟିକ୍ସ ମହାସଂଘର ସଭାପତି ବାହାଦୂର ସିଂ ସାଗୁ କହିଛନ୍ତି ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୂହୁର୍ତ୍ତ । କାରଣ ସମଗ୍ର ଦେଶରେ ଓଡିଶା ହିଁ ପ୍ରଥମ ରାଜ୍ୟ ଭାବେ ଏଭଳି ଏକ ବିଶ୍ୱସ୍ତରୀୟ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ କରିଛି ।






ଉଦ୍‌ଘାଟନୀ ଉତ୍ସବରେ କ୍ରୀଡା ଓ ଯୁବସେବା କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ରର ସିଂ ପୁନିଆ ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡା ନିର୍ଦ୍ଦେଶକ ଯଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ନେଲସନ ନାକ୍ରା, ବିଜୟ କୁମାର ସ୍ୱାଇଁ, ଅଶୋକ କୁମାର ପଣ୍ଡାଙ୍କ ସମେତ ଭାରତୀୟ ଆଥଲେଟିକ ମହାସଂଘର ବୈଶୟିକ ଅଧିକାରୀ ଏବଂ କୋଷାଧ୍ୟକ୍ଷ ଷ୍ଟାନଲି ଜୋନ୍ସ, ଜାତୀୟ ସଂଘ ସଭାପତି ଆଦିଲ ସୁମରିୱାଲା, ରାଜ୍ୟ ସଂଘ ସଭାପତି ଜିଏସ ପଟ୍ଟନାୟକ, ଓଡିଶା ଅଲମ୍ପିକ୍ ଆସୋସିଏସନ୍ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ମଞ୍ଚାସୀନ ଥିଲେ ।

ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାର ପ୍ରଥମ ଦିନ ଏକାଧିକ କୀର୍ତ୍ତିମାନ ସ୍ଥାପନ ହୋଇଛି । ଓଡିଶାର ପ୍ରତିନିଧିତ୍ୱ କରୁଥିବା ସରନ ପାୟାସିଂ ପୁରୁଷ ଲଙ୍ଗଜମ୍ପରେ ୭.୮୦ ମିଟର ଡେଇଁ ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସାରା ଦେଶରୁ ବଛା ବଛା ଅନ୍ତର୍ଜାତୀୟ ପ୍ରତିଯୋଗୀଙ୍କ ସମାବେଶରେ ଓଡିଶାର ଦଗଦବା ଦେଖିବାକୁ ମିଳିଛି । ଜେଏସ୍‌ଡବ୍ଲ୍ୟୁର ପ୍ରବୀଣ ଚିତ୍ରାଭେଲ ୭.୮୭ ମିଟର ସହ ରୌପ୍ୟ ପଦକ ଏବଂ ରେଳ ବାଇର ପି ଦଭିଦ ୭.୬୯ ମିଟର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ମହିଳା ସଟପୁଟରେ ଏନ୍‌ସିଓଇ ପଟିଆଲାର ରେଖା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେ ୧୫.୬୩ ମିଟର ସଟ୍‌ପୁଟ୍ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଥିଲେ । କର୍ଣ୍ଣାଟକର ମୟୂରୀ ଆରାଧେ ୯.୧୫ ମିଟର ସହ ରୌପ୍ୟ ପଦକ ଜିତିଛନ୍ତି । ଏହି ଇଭେଣ୍ଟରେ ବ୍ରୋଞ୍ଜ ପଦକ ସଫଳତା କାହାକୁ ମିଳିନାହିଁ ।

୨୦ ବର୍ଷରୁ କମ୍ ମହିଳା ସଟପୁଟରେ କେରଳର ଡୋନା ମାରିଆ ଡୋନି ୧୩.୩୫ ମିଟର ଫିଙ୍ଗି ସ୍ୱର୍ଣ୍ଣ ଜିତିଛନ୍ତି । ହରିୟାଣାର ଖୁସବୁ ୧୨.୦୩ ମିଟର ସହ ରୌପ୍ୟ ଏବଂ ତାମିଲନାଡୁର ଜିଆର ଅକ୍ଷୟା ୧୧.୮୯ ମିଟର ସହ ବ୍ରୋଞ୍ଜ ପଦକ ଜିତିଛନ୍ତି । ୨୦ ବର୍ଷରୁ କମ୍ ପୁରୁଷ ସଟ୍‌ପୁଟରେ ଓଡିଶାର ଓମକାର ପ୍ରସାଦ ସ୍ୱର୍ଣ୍ଣ ଜିତିଛନ୍ତି । ଓମକାର ୧୭.୭୭ ମିଟର ସଟପୁଟ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଏନସିଓଇ ପଟିଆଲାର ସାଇ କିରଣ ୧୭ ମିଟର ସହ ରୌପ୍ୟ ଏବଂ ଜେଏସ୍‌ଡବ୍ଲ୍ୟୁର ହର୍ଷିତ ଗେହେଲଟ୍ ବ୍ରୋଞ୍ଜ ପଦକ ଜିତିଛନ୍ତି ।

ପୁରୁଷ ୩ ହଜାର ମିଟର ଦୌଡରେ ରିଲାଏନ୍ସର ଶିବାଜୀ ପର୍ଶୁରାମ ୮ ମିନିଟ୍ ୯.୮୮ ସେକେଣ୍ଡ ସମୟ ନେଇ ଫିନିସିଂ ଲାଇନ ଅତିକ୍ରମ କରିଥିଲେ । ସେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ଜିତିଛନ୍ତି । ମଧ୍ୟ ପ୍ରଦେଶର ବିନୋଦ ସିଂ ରୌପ୍ୟ ଏବଂ ଛତିଶଗଡର ରାହୁଲ କୁମାର ବର୍ମା ବ୍ରୋଞ୍ଜ ଜିତିଛନ୍ତି । ୩ ହଜାର ମିଟର ମହିଳାରେ କର୍ଣ୍ଣାଟକର ସି ପ୍ରିୟଙ୍କା ୯ ମିନିଟ ୪୨.୦୫ ସେକେଣ୍ଡ ଟାଇମିଂ ସହ ଫିନିସିଂ ଲାଇନ ଅତିକ୍ରମ କରି ସ୍ୱର୍ଣ୍ଣ ଜିତିଛନ୍ତି । ଗୁଜୁରାଟର କାଜଲ ରୌପ୍ୟ ଏବଂ ଓଡିଶାର ସୁସ୍ମିତା ଟିଗା ବ୍ରୋଞ୍ଜ ପଦକ ଜିତିଛନ୍ତି । ଅନ୍ୟତମ ଓଡିଶା ପ୍ରତିଯୋଗୀ ସନ୍ତୋଷୀ ଗୌଡ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ ।

# ଆଇପିଏଲରୁ ଓହରିଲେ ଯଶ ଦୟାଲ

ନୂଆଦିଲ୍ଲୀ, ୨୪ା୩ (ଏଜେନ୍ସି) : ଆଇପିଏଲର ୧୯ତମ ସଂସ୍କରଣରୁ ବିବାଦୀୟ ଦ୍ରୁତ ବୋଲର ଯସ୍ ଦୟାଲ ଓହରି ଯାଇଛନ୍ତି । ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ମଙ୍ଗଳବାର ସ୍ପଷ୍ଟ କରାଯାଇଛି । ସେ ଏଥର ଆରସିବି ପକ୍ଷରୁ ଖେଳିବେ ନାହିଁ । ତାଙ୍କ କଣ୍ଟ୍ରାକ୍ଟ ବଳବତ୍ତର ରହିବ ବୋଲି ସ୍ପଷ୍ଟ କରାଯାଇଛି । ଯସ୍ ବ୍ୟକ୍ତିଗତ କାରଣ ଦର୍ଶାଇ ନିଜେ ଓହରି ଯାଇଛନ୍ତି । ବେଙ୍ଗାଲୁରୁ ଏଥର ତାଙ୍କୁ ୫ କୋଟି ଟଙ୍କାରେ ରିଟେନ୍ କରିଥିଲା । ଆରସିବି ପ୍ରଶିକ୍ଷଣ ଶିବିରରେ ମଧ୍ୟ ସେ ଯୋଗ ଦେଇନଥିଲେ । ଯସଙ୍କ ବିରୋଧରେ ଦୁଇଟି ଗମ୍ଭୀର ଅପରାଧିକ ମାମଲା ରୁଜୁ ହୋଇଛି । ଜୁଲାଇ ୨୦୨୫ରେ ଗାଜିଆବାଦରେ ଜଣେ ମହିଳା ତାଙ୍କ ବିରୋଧରେ ଏଫଆଇଆର ରୁଜୁ କରିଥିଲେ । ବିବାହ ପ୍ରତିଶ୍ରୁତି ଦେଇ




୫ ବର୍ଷ ସମ୍ପର୍କରେ ରହିବା ପରେ ସେ ଓହରିଯାଇଥିଲେ । ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଇଥିବା ମହିଳା ଜଣକ ଉଲ୍ଲେଖ କରିଥିଲେ । କିଛି ଦିନ ତଳେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିଲା । ୨୦୨୩ ପରଠାରୁ ସେ ତାଙ୍କୁ ଶୋଷଣ କରୁଥିବା ଅଭିଯୋଗ କରିଛନ୍ତି ।

# ବିକ୍ରି ହେଲା ରାଜସ୍ଥାନ ରୟାଲ୍ସ

ନୂଆଦିଲ୍ଲୀ, ୨୪ା୩ (ଏଜେନ୍ସି) : ଆଇପିଏଲର ଅନ୍ୟତମ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ବିକ୍ରି ହୋଇଛି । ତେଣୁ ମାଲିକାନା ହାସଲ ପାଇଁ ଚାଲିଥିବା ପ୍ରତିଯୋଗିତାରେ ପୂର୍ଣ୍ଣଚ୍ଛେଦ ପଡିଛି । ଆମେରିକା ଭିତ୍ତିକ ଉଦ୍ୟୋଗୀ କଲ ସୋମାନିଙ୍କ ନେତୃତ୍ୱାଧୀନ କମ୍ପାନୀ ସମୂହ ରାଜସ୍ଥାନ ରୟାଲ୍ସର ମାଲିକାନା ହାସଲ କରିଛି । ପ୍ରାୟ ୧୫, ୨୮୬ କୋଟି ଟଙ୍କାରେ ରାଜସ୍ଥାନ ରୟାଲ୍ସ ବିକ୍ରି ହୋଇଛି । କଲ ସୋମାନି ଏଣ୍ଟ୍ରାଏଜ୍ ଏକାଡେମୀଆନ୍ ଓ ଟ୍ରୁୟୋ ଏଆଇ କମ୍ପାନୀର ପ୍ରତିଷ୍ଠାତା । ତାଙ୍କୁ ଆମେରିକୀୟ ବ୍ୟବସାୟୀ ଇବ୍ ୱାଲଟନ୍ ଓ ହାମ୍ପ ପରିବାର ସମର୍ଥନ କରୁଛନ୍ତି । ଏହି ଡିଲ୍ ଇତିହାସର ସବୁଠାରୁ ମହଙ୍ଗା ଡିଲ୍ । ତେଣୁ ରାଜସ୍ଥାନ ରୟାଲ୍ସ ସବୁଠାରୁ ମହଙ୍ଗା ଫ୍ରାଞ୍ଚାଇଜ୍ ହୋଇଛି । ସୋମାନି ୧୦୦ ଶତକଡା ମାଲିକାନା ହାସଲ କରିଥିବା ବେଳେ ମାଲିକାନା ପରିବର୍ତ୍ତନ ଆଇପିଏଲ ୨୦୨୬ ଶେଷ ହେବା ପରେ କାର୍ଯ୍ୟକାରୀ ହେବ । ରାଜସ୍ଥାନ ରୟାଲ୍ସ ରେକର୍ଡ ପରିମାଣରେ ବିକ୍ରି ହେବା ଆଇପିଏଲର ଲୋକପ୍ରିୟତାକୁ ଦର୍ଶାଉଛି । ଆଇପିଏଲ୍ ୧୯ତମ ସଂସ୍କରଣ ଆଗାମୀ ୨୮ ତାରିଖରୁ ଆରମ୍ଭ ହେବ । ଦୀର୍ଘ ସପ୍ତାହାର ବିଡିଂ ପରେ ସୋମାନିଙ୍କ ନେତୃତ୍ୱାଧୀନ କମ୍ପାନୀ ମାଲିକାନା ହାସଲ କରିବାକୁ ସଫଳ ହୋଇଛି । ରାଜସ୍ଥାନ ରୟାଲ୍ସର ମାଲିକାନା ହାତେଇବାକୁ ସୋମାନିଙ୍କ କମ୍ପାନୀ ଏବଂ ଭାରତୀୟ ମଲ୍ଟି ନ୍ୟାସନାଲ କମ୍ପାନୀ ମଧ୍ୟରେ କଡା ଟକ୍କର ହୋଇଥିଲା । ଏହା ସତ୍ତ୍ୱେ ସୋମାନିଙ୍କ କମ୍ପାନୀ ୧.୬୩ ବିଲିୟନ ଡଲାରରେ ବାଜି ମାରିଛି । ରାଜସ୍ଥାନ ରୟାଲ୍ସ ବ୍ୟତୀତ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ( ଆରସିବି) ମଧ୍ୟ ବିକ୍ରି ହେବା ଦୌଡରେ ରହିଛି । ଯେହେତୁ ରାଜସ୍ଥାନ ରେକର୍ଡ ପରିମାଣରେ ବିକ୍ରି ହୋଇଛି । ଆରସିବିର ମୂଲ୍ୟ ମଧ୍ୟ ୨ ବିଲିୟନ ଡଲାର ପାର କରିବ ବୋଲି ଆଶା କରାଯାଉଛି ।

## ଦିବାରାତ୍ର ଫୁଟବଲ

# ମା’ ମଙ୍ଗଳା କ୍ଲବ ଚାମ୍ପିଅନ

ଫୁଲନଖରା :କଟକ ସଦର ଅଞ୍ଚଳର ପ୍ରତାପ ନଗରୀସ୍ଥ ପ୍ରତାପ କ୍ଲବ ପକ୍ଷରୁ ଆୟୋଜିତ ୫୮ତମ ରାଜ୍ୟସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଉଦଯାପିତ ହୋଇଯାଇଛି । ଏହି ବୃହି କ୍ରୀଡ଼ା ଆୟୋଜନରେ ଓଡିଶାର ବିଭିନ୍ନ ଅଞ୍ଚଳରୁ ୩୨ଟି ସୁନାମଧନ୍ୟ ଦଳ ଦୁଇଟି ବିଭାଗରେ ଭାଗ ନେଇ ଖେଳପ୍ରେମୀମାନଙ୍କ ମନ ଜିତିଥିଲେ । ଭୁବନେଶ୍ୱରର ନଟ ୟେଟ ୧୧ ଏଫ୍ସିକୁ ୨-୧ ଗୋଲରେ ପରାଜିତ କରି ମାଆ ମଙ୍ଗଳା କ୍ଲବ, ଗୋଠପୁର ଚମ୍ପିୟାନ ହୋଇଥିଲା । ଚମ୍ପିୟାନ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୩୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ସେହିପରି ବି ଡିଭିଜନରେ ବାରଙ୍ଗ ବାୟାର, ଆଠଗଡ଼ ବାଳିକୁ ୪-୨ ଟ୍ରାଇବ୍ରେକରରେ ପରାସ୍ତ କରି ଚମ୍ପିୟାନ ହୋଇଥିଲା । ଚମ୍ପିୟାନ ଦଳକୁ ୨୫ ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ବର୍ଣ୍ଣାଢ୍ୟ କ୍ରୀଡ଼ା ଉତ୍ସବରେ କଟକ ସଦରର ଜନପ୍ରିୟ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଶିଷ୍ଟ ସମାଜସେବୀ ପ୍ରଦୋଶ କୁମାର ମହାନ୍ତି, ଗୋପାଳପୁର ମଣ୍ଡଳ ବିଜେପି ସଭାପତି ନିହାର ରଞ୍ଜନ ପଣ୍ଡା ଏବଂ ମାତୃକୃପା ଗ୍ରୁପର ଡାଇରେକ୍ଟର ପ୍ରସନ୍ନ ପରିଡା ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ସେହିପରି ଆୟୋଜନକୁ ସଫଳ କରିବାରେ ପ୍ରତାପ କ୍ଲବର ସଭାପତି ନିରଞ୍ଜନ ରାଉତ, ମ୍ୟାନେଜର ଶିବୁନ ସେନାପତି, ଉପସଭାପତି ତ୍ରିନାଥ ବେହେରା, ସହ-ସମ୍ପାଦକ ସନାତନ ଦାସ, କ୍ୟାସିଅର ସାଗର ରାଉତ ଓ ଶ୍ରୀ ରାଜେଶ ରାଉତ ଉଲ୍ଲେଖନୀୟ ଭୂମିକା ନିଭାଇଥିଲେ ।

# ଗ୍ରୀଷ୍ମ କାଳୀନ ଟି-୨୦ କ୍ରିକେଟ : ମା ବରୁଣେଇ କ୍ରିକେଟ ଟିମ ଚାମ୍ପିଅନ

କଣ୍ଟିଲୋ, ୨୩/୩(ସବ୍ୟୁ): ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପ ରେ ଚାଲିଥିବା ଗ୍ରୀଷ୍ମ କାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରେ ଘରୋଇ ବରୁଣେଇ (ବି), ଗୋଲାସାହି (ବୋଦସା) କୁ ୮୨ରନରେ ପରାସ୍ତ କରି ଚାମ୍ପିଅନ ହୋଇଛି ।ଆଜି ୧୫ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ ରେ ଟସ ଜିତି ବରୁଣେଇ ଟିମ ପ୍ରଥମେ ବ୍ୟାଟିଂ କରି ୮ଉଇକେଟ ବିନିମୟ ରେ ୧୩୩ରନ ସଂଗ୍ରହ କରିଥିଲା ।ଜବାବ ରେ ଗୋଲାସାହି ଟିମ ସମାନ ସଂଖ୍ୟକ ଓଭର ଖେଳି ୯ ଉଇକେଟ ରେ ମାତ୍ର ୫୧ ରନ କରିପାରିଥିଲ । ।ବିରୁଣେଇ ଟିମ ର ଶୁଭମ ବାରିକ ୧୫ ବଲରୁ ୨୮ ରନ ଓ ୨ଓଭର ବୋଲିଂ ରେ



ବିପକ୍ଷ ଦଳର ୨ଟି ଉଇକେଟ ହାସଲ କରି ଅଲ ରାଉଣ୍ଡ ସଫଳତା ସହ ମ୍ୟାନ ଅଫ ଦ ଫାଇନାଲ ଏବଂ କୁନା ମଲ୍ଲିକ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ ।ଅମ୍ପାୟାର ଅନିଲ ନାୟକ ଓ ଅନିରୁଦ୍ଧ ବେହେରା ମ୍ୟାଚ ପରିଚାଳନା କରିଥିଲେ ।ଶୁଭ୍ରାଂଶୁ ମହାରଣା କମେଣ୍ଟ୍ରି ଓ ସନ୍ତୋଷ ବେହେରା ସ୍କୋରର ଭାବେ ସହାୟତା କରିଥିଲେ । ଆଜିଫାଇନାଲ ମ୍ୟାଚ ରେ ମୁଖ୍ୟ ଅତିଥି ରୂପେ ଅତିଥି ଭାବେ ସାଂସଦ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା ଏବଂ ସମ୍ମାନିତ ଅତିଥି ଭାବେ ବିଜେପି ମଣ୍ଡଳ ସଭାପତି ଟିଟନ ସାହୁ, କେନ୍ଦୁପଲ୍ଲୀ ସମିତି ସଭ୍ୟ ଦୀପକ ଜେନା, ସାମାଜିକ କର୍ମୀ ଯୁଗଳ କିଶୋର ନାୟକ, ପ୍ରଭାତ ବେହେରା,ସରୋଜ ସାହୁ, ପ୍ରମୁଖ ଯୋଗ ଦେଇ ଚାମ୍ପିଅନ ଓ ରନର୍ସ ଅପ ଟିମ କୁ ଟ୍ରଫି ପ୍ରଦାନ କରିଥିଲେ ।

# ଖେଲୋ ଇଣ୍ଡିଆ ମହିଳା ବାସ୍କେଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ

ଭୁବନେଶ୍ୱର, ୨୪ା୩ (ସବ୍ୟୁ) : ୟୁନିଟ୍ ୧ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ଖୋର୍ଦ୍ଧା ଜିଲ୍ଲା ବାସ୍କେଟବଲ ଆସୋସିଏସନ୍ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ ହୋଇଛି । ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ ।

ପ୍ରଥମ ଦିନର ମ୍ୟାଚ ଗୁଡିକରେ ଦର୍ଶନୀୟ ପ୍ରଦର୍ଶନ ଦେଖିବାକୁ ମିଳିଥିଲା । କିସ୍ ଓ ଭୁବନେଶ୍ୱର ଆଥଲେଟିକ୍ସ ଆସୋସିଏସନ (ବିଏଏ) ରେ ହୋଇଥିବା ମ୍ୟାଚରେ ବିଏଏ ୩୧-୫ ବ୍ୟବଧାନରେ ବିଜୟୀ ହୋଇଥିଲା । କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଓ କେଟି ଗ୍ଲୋବାଲ ସ୍କୁଲ



ମଧ୍ୟରେ ହୋଇଥିବା ମ୍ୟାଚରେ କିଟ୍ ୩୩-୨୬ ରେ ଜିତିଥିଲା । ଆଉ ଏକ ମ୍ୟାଚରେ ଆୟୋଜକ କେଡିବିଏ ୫୧-୨୫ ବ୍ୟବଧାନରେ ପୁରୀ ଦଳକୁ ପରାଜିତ କରିଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ପ୍ରାୟ ୨୫୦ ଖେଳାଳି ୨୧ ଟି ଦଳରୁ ଅଂଶଗ୍ରହଣ କରିଛନ୍ତି । ସମସ୍ତ ମ୍ୟାଚଗୁଡିକ ଓଡିଶା ବାସ୍କେଟବଲ ଆସୋସିଏସନ୍ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଚାଲିଛି । ଏହି ଟୁର୍ଣ୍ଣାମେଣ୍ଟ ରାଜ୍ୟର ମହିଳା ବାସ୍କେଟବଲ ଖେଳିକୁ ଆଗକୁ ନେବାରେ ଏକ ନୂତନ ପ୍ରେରଣା ଦେବ ବୋଲି ଆଶା କରାଯାଉଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଗୁଡ଼ାଭିଡ଼ି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ [illegible] / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible] ରେ ଯୋଗାଯୋଗ କରନ୍ତୁ ।

## ପଞ୍ଚମ ଏଲଏଲସିସି କପ୍

# ସେମିରେ ସହିଦ ସ୍ପୋର୍ଟିଂ

ଭୁବନେଶ୍ୱର, ୨୪ା୩(ସବ୍ୟୁ) : ପଞ୍ଚମ ଏଲଏଲ୍‌ସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ୍ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲ ଲଢେଇରେ ସହିଦ ସ୍ପୋର୍ଟିଂ ୯ ୱିକେଟ୍‌ରେ ପ୍ରଗତି ସ୍ପୋର୍ଟିଂକୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ୩୫ ଓଭରରେ ୪ ୱିକେଟ ହରାଇ ୨୦୬ ରନ କରିଥିଲା । ଜବାବ୍‌ରେ ସହିଦ ସ୍ପୋର୍ଟିଂ ୩୨.୨ ଓଭରରେ ୨୧୦/୧ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ସ୍ପୋର୍ଟିଂ ପକ୍ଷରୁ ଅଧିନାୟକ ନମନ ଶତପଥି ଅପରାଜିତ ୮୪ ରନ, ଅଭିନନ୍ଦନ ମହାନ୍ତି ୨୯, ଆର୍ଯ୍ୟନ ମହାନ୍ତି ୨୭ ରନ ଓ ପୃଥ୍ୱୀବ ରାଜ ଘୋଷ ୨୪ ରନ କରିଥିଲେ । ଜବାବ୍‌ରେ ସହିଦ ସ୍ପୋର୍ଟିଂ ୨୦୭ ରନର ବିଜୟ ଲକ୍ଷ୍ୟକୁ ପିଛା କରି କେବଳ ଗୋଟିଏ ୱିକେଟ




ହରାଇଥିଲା । ପ୍ରତ୍ୟୁଷ ସ୍ୱାଇଁ ୫ ରନ କରି ଆଉଟ ହୋଇଥିଲେ । ଆର୍ଯ୍ୟନ ମୋରେ ୯୧ ବଲ ୨୭ ଚୌକା ସହାୟତାରେ ଅପରାଜିତ ୧୧୬ ରନ କରି ମ୍ୟାଚ ଶେଷ କରିଥିଲେ । ୱିକେଟ୍ ରକ୍ଷକ ତଥା ଅଧିନାୟକ ସୂରଜ ଧଳ ୬୧ ରନର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ । ଆର୍ଯ୍ୟନ ମୋରେଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଅତିଥି କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା ମୋରେଙ୍କୁ ପୁରସ୍କୃତ କରିଥିଲେ । ବୁଧବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଏଲଏଲସିସି ଏବଂ ସୋଲାର ମଧ୍ୟରେ ଖେଳାଯିବ ।

# ବଦଳିବେ କି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ?

ନୂଆଦିଲ୍ଲୀ, ୨୪ା୩(ଏଜେନ୍ସି) : ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଆସନ ଟଳମଳ ହେଲାଣି । ସେ ବିଗତ ସଂସ୍କରଣ ଗୁଡିକରେ ଦଳକୁ ଆଶାନୁରୂପ ସଫଳତା ଦେଇପାରିନାହାଁନ୍ତି । ତେଣୁ ଦଳର ଅଧିନାୟକ ପରିବର୍ତ୍ତନ ବାବଦରେ ବିଚାର କରାଯିବା ଦରକାର ବୋଲି ପୂର୍ବତନ ଖେଳାଳି ରବୀଚନ୍ଦ୍ର ଅଶ୍ୱିନ କହିଛନ୍ତି । ପାଣ୍ଡ୍ୟାଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଭଲଅଧିନାୟକ ହୋଇ ପାରିବେ ବୋଲି ଅଶ୍ୱିନ କହିଛନ୍ତି । ୨୦୨୪ରେ ରୋହିତ ଶର୍ମାଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ କରାଯାଇଥିଲା । ଯାହାପରଠୁ ଦଳର ପ୍ରଦର୍ଶନ ନିମ୍ନଗାମୀ ହୋଇଛି । ଏସବୁକୁ ଦେଖି ଅଶ୍ୱିନ କହିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସରେ ନେତୃତ୍ୱ ପରିବର୍ତ୍ତନ ଦରକାର । ସୂର୍ଯ୍ୟଙ୍କୁ ନେତୃତ୍ୱ ଦେବା ଆବଶ୍ୟକ । କିନ୍ତୁ କେବେ ଘଟିବ ନାହିଁ । ପାଣ୍ଡ୍ୟାଙ୍କୁ ଅଧିନାୟକ ଦାୟିତ୍ୱରୁ ମୁମ୍ବାଇ କେବେ ହଟାଇବ ନାହିଁ । ପାଣ୍ଡ୍ୟା ମୁମ୍ବାଇର ଅଧିନାୟକ ହେଲା ପରେ ସଂଘର୍ଷ କରୁଛନ୍ତି । ସେ ଗୁଜୁରାଟ ଟାଇଟନ୍ସ ଥିବା ବେଳେ ଦଳ ଚାମ୍ପିଅନ ହୋଇଥିଲା । ଏହା ପର ସିଜନରେ ଦଳ ରନର୍ସ ଅପ ହୋଇଥିଲା । ମୁମ୍ବାଇକୁ ଆସିବା ପରେ ସମସ୍ତେ ଭାବୁଥିବରେ ଯେ ପାଣ୍ଡ୍ୟା ସମାନ ଭାବେ ସଫଳତା ଆଣିବେ । ରୋହିତଙ୍କ ସଫଳତାର ଧାରା ଆଗକୁ ନେବେ । କିନ୍ତୁ ସେମିତି କିଛି ହୋଇନାହିଁ । ସୂର୍ଯ୍ୟକୁମାର ଏବେ ଭାରତୀୟ ଦଳର ଅଧିନାୟକ ଅଛନ୍ତି । ତାଙ୍କ ନେତୃତ୍ୱରେ ଦଳ ଟି -୨୦ ବିଶ୍ୱକପ୍ ଜିତିଛି । ଏତଦ୍ ବ୍ୟତୀତ ଅନେକ ଲୋକ ସୂର୍ଯ୍ୟ ଭଲ ନେତୃତ୍ୱ ନେଇପାରିବେ ବୋଲି କହୁଛନ୍ତି । କିନ୍ତୁ ହାର୍ଦ୍ଦିକଙ୍କୁ ମୁମ୍ବାଇ ବାହାର କରିବ ନାହିଁ । ଖେଳାଳିଙ୍କୁ ସଠିକ ଉପାୟରେ ଖେଳାଇ ପାରିଲେ ପାଣ୍ଡ୍ୟା ସଫଳ ଅଧିନାୟକ ହୋଇପାରିବେ ବୋଲି ଅଶ୍ୱିନ କହିଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି